


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୮ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 08 March 2026
Vol.No. 36 ■ No.62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ନେପାଳ ପ୍ରଧାନମନ୍ତ୍ରୀ ହେବେ ବାଲେନ ଶାହ

## ବାଂଲାଦେଶ ପରେ ନେପାଳରେ ଆମେରିକା ସମର୍ଥକ ସରକାର



ନୂଆଦିଲ୍ଲୀ,୦୭/୩ : ନେପାଳରେ ନୂଆ ଦଳ ସ୍ୱତନ୍ତ୍ର ରାଷ୍ଟ୍ରୀୟ ପାର୍ଟି ବଡ଼ ବିଜୟ ହାସଲ କରିବାକୁ ଯାଉଛି । ଏହାର ମୁଖ୍ୟ ବାଲେନ ଶାହ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି । ବାଲେନ ଶାହ ଆମେରିକାର ଜଣେ ପ୍ରବଳ ସମର୍ଥକ ଓ ଭାରତ ଏବଂ ଚୀନର ପ୍ରଖର ବିରୋଧୀ ରୂପେ ପରିଚିତ । ଯିଦ ବାଲେନ ଶାହ ପ୍ରଧାନମନ୍ତ୍ରୀ ହୁଅନ୍ତି, ତେବେ ଭାରତ ସହ କିପରି ରହିବ ତାଙ୍କର କୂଟନୈତିକ ସମ୍ପର୍କ ତାହା ଉପରେ ସଭିଙ୍କ ନଜର । ଜେନ୍ ଜି ଆନ୍ଦୋଳନ ପରେ ନେପାଳରେ ସରିଛି ପ୍ରଥମ ସାଧାରଣ ନିର୍ବାଚନ । ନୂଆ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ବିଶାଳ ବିଜୟ ଏକ ପ୍ରକାର ନିଶ୍ଚିତ । ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ଥିବା ବାଲେନ ଶାହ ନୂଆ ସରକାରରେ ହୋଇପାରନ୍ତି ପ୍ରଧାନମନ୍ତ୍ରୀ । ନେପାଳରେ ହେବାକୁ ଥିବା କ୍ଷମତା ପରବର୍ତ୍ତନ ଉପରେ ଦକ୍ଷିଣ ଏସୀୟ ରାଷ୍ଟ୍ରଙ୍କ ରହିଛି ନଜର । ବାଲେନଙ୍କ ପୂର୍ବ ବୟାନ ଭାରତ ଓ ଚୀନ ବିରୋଧୀ ରହିଛି । ଏପରି କି ନେପାଳର ପରବର୍ତ୍ତୀ ସରକାର ଆମେରିକା ସମର୍ଥକ ବୋଲି ମଧ ଦାବି ହେଉଛି । ସେପଟେ କିନ୍ତୁ ନୂଆ ସରକାରଠାରୁ ଆଶାବାଦୀ ଅଛନ୍ତି ନେପାଳ ଜନତା । ପ୍ରୋ-ଆମେରିକୀୟ ନେପାଳୀ ରାଜନେତା ବାଲେନ । ଭାରତ ବିରୋଧୀ ଆଭିମୁଖ୍ୟ ପାଇଁ ସେ କୁଖ୍ୟାତ । ଅନେକ ପ୍ରସଙ୍ଗରେ ସେ ଖୋଲାଖୋଲି ଭାରତ ବିରୋଧୀ ବୟାନ ଦେଇଛନ୍ତି । ଆଙ୍ଗଲୋ-ନେପାଳ ଯୁଦ୍ଧ ପରେ ୧୮୦୬ର ସୁଗୌଲି ଚୁକ୍ତିର ସେ ଘୋର ବିରୋଧୀ । ସେ ସେହି ନେପାଳୀଙ୍କ ଚିନ୍ତାଧାରାକୁ ସମର୍ଥନ କରନ୍ତି, ଯେଉଁମାନେ ଭାବନ୍ତି ଏହି ଚୁକ୍ତି ତାଙ୍କ ଦେଶର ସୀମାକୁ ସୀମିତ କରୁଛି । ବାଲେନ୍ ଅନେକ ଥର ଭାରତ ବିରୋଧୀ ମନୋଭାବ ଦେଖାଇଛନ୍ତି । କିନ୍ତୁ ନୂଆ ସରକାର ଭାରତ ସହ ସୁସମ୍ପର୍କ ରଖିବ କହିଛନ୍ତି ବୋଲି ନେପାଳ ବାସିନ୍ଦା । ୨୮ ମେ' ୨୦୨୩ରେ, ଭାରତର ନୂତନ ସଂସଦ ଭବନ ଉଦଘାଟନ ହୋଇଥିଲା । ସେଠାରେ ଅଖଣ୍ଡ ଭାରତର ମ୍ୟାପକୁ ସ୍ଥାନିତ କରାଯାଇଥିଲା । ଏଥିରେ ଲୁମ୍ବିନୀ ଏବଂ କପିଳବାସ୍ତୁକୁ ଭାରତର ଅଂଶ ଭାବରେ ଦର୍ଶାଯାଇଥିଲା । ଭାରତ ସରକାର ଏହାକୁ ଅଶୋକଙ୍କ ସାମ୍ରାଜ୍ୟର ବୋଲି କହିଥିଲେ । ଏହାର ଜବାବରେ, ବାଲେନ ଶାହ ତାଙ୍କ କାର୍ଯ୍ୟାଳୟରେ 'ଗ୍ରେଟର ନେପାଳ'ର ଏକ ମାନଚିତ୍ର ରଖିଥିଲେ । ଏଥିରେ ସିକିମର ତିସ୍ତା ନଦୀ, ପଶ୍ଚିମବଙ୍ଗର ଦାର୍ଜିଲିଂ ଏବଂ ସିଲିଗୁଡ଼ି, ହିମାଚଳ ପ୍ରଦେଶର ସିମଲା, ଉତ୍ତରାଖଣ୍ଡର କୁମାଓଁ, ଗଡ଼ୱାଲ ଏବଂ ନୈନିତାଲ ଥିଲା । ଜୁନ୍ ୨୦୨୩ରେ ରିଲିଜ୍ ହୋଇଥିବା 'ଆଦିପୁରୁଷ'ରେ ମାଆ ସୀତାଙ୍କୁ 'ଭାରତର ଝିଅ' ଭାବରେ ବର୍ଣ୍ଣନା କରାଯାଇଥିଲା । ବାଲେନ ଏହାକୁ ବିରୋଧ କରି କାଠମାଣ୍ଡୁରେ ସମସ୍ତ ବଲିଉଡ୍ ଫିଲ୍ମକୁ ବ୍ୟାନ କରିଥିଲେ । ନେପାଳ ଦୁଇଟି ଦେଶର ମଧ୍ୟରେ ଅବସ୍ଥିତ । ଉତ୍ତରରେ ଚୀନ୍ ଏବଂ ଦକ୍ଷିଣରେ ଭାରତ ।

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ ପ୍ରମୋଦ ରାୟ



ଭୁବନେଶ୍ୱର, ୦୭/୩ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଆଜି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ମୋଟ ୭ଟି ସ୍ଥାନରେ ଚଢାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ସେ ଠୁଳ କରିଥିବା ସମ୍ପତ୍ତି ସାମ୍ନାକୁ ଆସିଛି । ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କର ଆହୁରି ସମ୍ପତ୍ତି ଥିବା ଭିଜିଲାନ୍ସ ସନ୍ଦେହ କରୁଛି । ଶ୍ରୀ ରାୟ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭୁବନେଶ୍ୱରର ବାଲିଅନ୍ତାରେ ଗୋଟିଏ ୪ ମହଲା କୋଠା ଅଛି, ଯାହା ୮୦୦୦ ବର୍ଗ ଫୁଟ ଜାଗାରେ ନିର୍ମିତ ହୋଇଛି । ୨୦୨୪-୨୫ରେ ସେ ଏହି କୋଠା ନିର୍ମାଣ କରିଛନ୍ତି । ସେହିପରି କଟକର ଚୌଦ୍ୱାରରେ ୫୨୦୦ ବର୍ଗ ଫୁଟ ଜାଗାରେ ତାଙ୍କର ଏକ ଦ୍ୱିମହଲା କୋଠା ଅଛି । କେବଳ ଏତିକି ନୁହେଁ, ଭୁବନେଶ୍ୱର ଓ ଚୌଦ୍ୱାରରେ ତାଙ୍କର ଦୁଇଟି ଦାମୀ ଫ୍ଲଟ ଅଛି । ଏହି ଦୁଇଟି ଫ୍ଲଟ ମଧ୍ୟରୁ ଯେଉଁଟି ଭୁବନେଶ୍ୱରର ବାଲିଅନ୍ତାରେ ଅଛି, ତା'ର ଆକାର ୩୦୦୦ ବର୍ଗ ଫୁଟ୍ । ଚୌଦ୍ୱାରରେ ଥିବା ଫ୍ଲଟର ଆକାର ୨୫୦୦ ବର୍ଗ ଫୁଟ୍ । ଏହି କୋଠା ଓ ଫ୍ଲଟ ଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର

◆◆ପୃଷ୍ଠା ୭

## ବଢ଼ିଲା ରୋଷେଇ ଗ୍ୟାସର ଦର




ନୂଆଦିଲ୍ଲୀ,୦୭/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସାରାବିଶ୍ୱ ଚିନ୍ତାରେ ଥିବାବେଳେ ଭାରତ ଉପରେ ପଡିଛି ପ୍ରଭାବ । ବଢ଼ିଛି ଏଲପିଜି ଦର । ଘରୋଇ ଏଲପିଜି ସିଲିଣ୍ଡର ପିଛା ୬୦ଟଙ୍କା ବଢ଼ି ୯୧୩ଟଙ୍କାରେ ପହଁଚିଛି । ନୂଆ ଦର ଆଜିଠାରୁ ଲାଗୁ ହୋଇଛି । ଏଲପିଜି ଦର ବୃଦ୍ଧିକୁ ଯୁଦ୍ଧ ସହ ଯୋଡି ଦେଖାଯାଉଛି । ଇରାନ-ଇସ୍ରାଏଲ-ଆମେରିକା ଯୁଦ୍ଧ ଯୋଗୁଁ ଦର ବୃଦ୍ଧି ପାଇଥିବା ଆଲୋଚନା ହେଉଛି । ତେବେ ଦେଶର ଅଧିକାଂଶ ପରିବାର ଏଲପିଜି ଗ୍ୟାସ ଉପରେ ନିର୍ଭର କରୁଥିବାରୁ ଦର ବୃଦ୍ଧିକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଗୃହିଣୀ । ଯୁଦ୍ଧ କେବେ ବନ୍ଦ

◆◆ପୃଷ୍ଠା ୭

## ୨ ମାସ ଧରି ପୁରୀକୁ ଆସିବନି କୌଣସି ଟ୍ରେନ୍



ଭୁବନେଶ୍ୱର, ୦୭/୩ (ନି.ପ୍ର): ପୁରୀକୁ ୬୫ ଦିନ ଯାଏ ଯିବନି ଟ୍ରେନ୍ । ପୁରୀ ରେଳ ଷ୍ଟେସନର ଚାଲିଛି ନବୀକରଣ । ଷ୍ଟେସନ ପରିସରରେ ଥିବା ରେଳଧାରଣାକୁ କଂକ୍ରିଟ୍‌ଯୁକ୍ତ କରାଯିବାକୁ ଯୋଜନା ହୋଇଛି । ଅର୍ଥାତ୍ ଟ୍ରାକ୍‌ରେ ଆଉ ଗୋଡ଼ି ରହିବ ନାହିଁ । ଏହା ସହିତ ୭ ନମ୍ବର ଓ ୮ ନମ୍ବର ପ୍ଲାଟ୍‌ଫର୍ମର ଉନ୍ନତୀକରଣ ହେବ । ସେଥିପାଇଁ ଆସନ୍ତା ୧୧ ତାରିଖରୁ ମେ ମାସ ୧୬ ତାରିଖ ଯାଏଁ ରେଳ ସେବା ପ୍ରଭାବିତ ହେବ । ଏହି ୬୫ ଦିନ ପର୍ଯ୍ୟନ୍ତ କୌଣସି ଟ୍ରେନ୍ ପୁରୀ ଆସିବ ନାହିଁ । ଟ୍ରେନ୍ ଗୁଡ଼ିକ ସାକ୍ଷୀଗୋପାଳ, ମାଳତିପାଟପୁର ଓ ବୀରହରେକୃଷ୍ଣପୁର ପର୍ଯ୍ୟନ୍ତ ଆସିବ ଏବଂ ଛାଡ଼ିବ । ସେ ପର୍ଯ୍ୟନ୍ତ ଯିବାଆସିବା ପାଇଁ ବସ୍ ବ୍ୟବସ୍ଥା ହେବ । ଟ୍ରେନ୍ ଛାଡ଼ିବା ଓ ପହଞ୍ଚିବା ସମୟ ସହ ଷ୍ଟେସନ ବାବଦରେ ଯାତ୍ରୀମାନେ ରେଳବାଇ ଅନୁସନ୍ଧାନରୁ ସୂଚନା ସଂଗ୍ରହ କରିବାକୁ ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ସାକ୍ଷୀଗୋପାଳ ପର୍ଯ୍ୟନ୍ତ ୭ଟି ଟ୍ରେନ୍ ଆସିବ ଏବଂ ଛାଡ଼ିବ । ସେଗୁଡ଼ିକ ହେଉଛନ୍ତି ଲୋକମାନ୍ୟ ତିଳକ ଏକ୍ସପ୍ରେସ୍, ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍, କାମାକ୍ଷା-ପୁରୀ ଏକ୍ସପ୍ରେସ୍, ତିରୁପତି-ପୁରୀ ଏକ୍ସପ୍ରେସ୍, ଦୂରନ୍ତ ଏକ୍ସପ୍ରେସ୍, ଭାଲସାଡ୍-ପୁରୀ ଓ ସମ୍ବଲପୁର ଇଣ୍ଟରସିଟି । ଯେଉଁ ସବୁ ଦିନମାନଙ୍କରେ ଏହି ଟ୍ରେନ୍ ପୁରୀ ଆସୁଥିଲା ସେହି ଦିନରେ ଏ ସବୁ ସାକ୍ଷୀଗୋପାଳରୁ ଛାଡ଼ିବ ।

## ଦିନକ ପରେ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ: ମଣ୍ଡି ସମସ୍ୟାକୁ ନେଇ ଧୋଇଯାଇଥିଲା ଗୃହ କାର୍ଯ୍ୟ




ଭୁବନେଶ୍ୱର, ୦୭/୩ (ନି.ପ୍ର): ସୋମବାରରୁ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟ ଶେଷରେ ବିଜେଡିର ସାଥ୍ ଦେଇନଥିବା କଂଗ୍ରେସ ଯା ଭିତରେ ନବୀନଙ୍କ ସାଥୀ ସାଜିଛନ୍ତି । ରାଜ୍ୟସଭା ପ୍ରସଙ୍ଗରେ ୨ ଦଳ ଏକାଠି ହୋଇଛନ୍ତି । ହେଲେ ଗୃହ ବାହାରେ ଏକସ୍ୱର ହୋଇଥିବା ଦୁଇ ବିରୋଧୀ, ଗୃହ ଭିତରେ ଓଡ଼ିଶାର ସ୍ୱାର୍ଥ ପାଇଁ ଏକସ୍ୱର ହେବେ ତ ? ଆଲୋଚନା ନା ହଙ୍ଗାମା, କଣ ରହିବ ବିରୋଧୀଙ୍କ ଆଭିମୁଖ୍ୟ ? ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଆଲୋଚନା କମ, କୋଳାହଳ ଥିଲା ଅଧିକ । ଗୋଟିଏ ଦିନ ବି ସ୍ୱାଭାବିକ ହୋଇପାରିନଥିଲା ଗୃହ । କେତେବେଳେ ଗୃହ ଭିତରେ ପ୍ଲାକାର୍ଡ, ଧାନ, ପୋଷ୍ଟର ଧରି ପ୍ରତିବାଦ କରୁଥିଲେ ତ ଆଉ କେତେବେଳେ ଗୃହ ବାହାରେ ଚାଷୀ ପ୍ରସଙ୍ଗରେ ଲୋୟର ପିଏମଜିରେ ବିରୋଧୀ ବିଜେଡି କରୁଥିଲା ହରତାଳ ।

◆◆ପୃଷ୍ଠା ୭

## ରାଜସ୍ଥାନରେ ସକାଳେ ଭୂକମ୍ପ ଝଟ୍‌କା: ରିକ୍ଟର ସ୍କେଲରେ ତୀବ୍ରତା ୩.୫

ନୂଆଦିଲ୍ଲୀ,୦୭/୩ : ରାଜସ୍ଥାନରେ ଶନିବାର ସକାଳେ ହାଲୁକା ଭୂମିକମ୍ପ ଝଟକା ଅନୁଭବ କରାଯାଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୫ ରେକର୍ଡ କରାଯାଇଛି । ଭୂମିକମ୍ପର ସବୁଠାରୁ ଅଧିକ ପ୍ରଭାବ ସିକର ଜିଲ୍ଲା ଏବଂ ଏହାର ଆଖପାଖ ଅଞ୍ଚଳରେ ଅନୁଭବ ହୋଇଥିଲା । ତଥାପି ଝଟକା ହାଲୁକା ଥିବାରୁ କୌଣସି ସ୍ଥାନରୁ ଜୀବନ କିମ୍ବା ସମ୍ପତ୍ତି କ୍ଷତିର ସୂଚନା ମିଳିନାହିଁ । ନ୍ୟାସନାଲ ସେଂଟର ଅଫ୍ ସିସ୍ମୋଲୋଜି ଅନୁସାରେ ଭୂମିକମ୍ପର କେନ୍ଦ୍ର ଜୟପୁରରୁ ପ୍ରାୟ ୬୯ କିଲୋମିଟର ଉତ୍ତର-ପଶ୍ଚିମ

◆◆ପୃଷ୍ଠା ୭

## ଭିନ୍ନ ଭିନ୍ନ ଅଂଚଳରେ ବିଭିନ୍ନ ସଙ୍ଗଠନର ୫ କ୍ୟାଡର ଗିରଫ

ନୂଆଦିଲ୍ଲୀ,୦୭/୩ : ମଣିପୁରରେ ପୋଲିସ୍ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ଅଭିଯାନ ଚଳାଇ ବିଭିନ୍ନ ନିଷିଦ୍ଧ ସଂଗଠନର କ୍ୟାଡରମାନଙ୍କୁ ଗିରଫ କରିଛି । ପୋଲିସ୍ ଗିରଫ ହୋଇଥିବା କ୍ୟାଡରମାନଙ୍କୁ ପଚରାଉଚରା କରୁଛି । ମଣିପୁର ପୋଲିସ୍ ମୁଖ୍ୟାଳୟ ଦ୍ୱାରା ଆଜି ଜାରି କରାଯାଇଥିବା

◆◆ପୃଷ୍ଠା ୭

## ଆଜି ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୦୭/୩ (ନି.ପ୍ର): ଆସନ୍ତାକାଲି ମିଳିବ ସୁଭଦ୍ରା ଟଙ୍କା । ବିଶ୍ୱ ମହିଳା ଦିବସ ଅବସରରେ ମହିଳାଙ୍କ ଆକାଉଣ୍ଟକୁ ଆସିବ ଟଙ୍କା । ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଥିବା ବେଳେ ଏକ କୋଟି ୨ଲକ୍ଷ ୧୨ହଜାର ୬୬୫ଜଣ ହିତାଧିକାରୀ ପାଇବେ ସୁଭଦ୍ରା ଟଙ୍କା । ୫ ହଜାର କୋଟିରୁ ଅଧିକ ଟଙ୍କା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ପୁରୀର ତାଳବଣିଆ ଠାରେ ଆୟୋଜନ ହେବ ବିଶାଳ କାର୍ଯ୍ୟକ୍ରମ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ମିଳିବ ସୁଭଦ୍ରା ଟଙ୍କା । ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ହିତାଧିକାରୀ ପାଇବେ ସୁଭଦ୍ରା ଟଙ୍କା । ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗ ରୁ ୩୬ ହଜାର ୩୮୫ ଜଣ ପାଇବେ ସୁଭଦ୍ରା ଟଙ୍କା । ଏପ୍ରିଲ ମାସରେ ଯାହାକୁ ୨୧ ହେବ ସେମାନେ ଆବେଦନ କରିବେ । ଯେଉଁମାନେ ୨୧ ବର୍ଷ ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ।

## ମଧ୍ୟପ୍ରାଚ୍ୟରେ ରକ୍ତର ହୋଲି : ଘମାଘୋଟ ଚାଲିଛି ଯୁଦ୍ଧ, ତାଣ୍ଡବ ଦେଖୁଛି ସାରାବିଶ୍ୱ



ନୂଆଦିଲ୍ଲୀ,୦୭/୩ : ମଧ୍ୟପ୍ରାଚ୍ୟରେ ଭୟାନକ ଯୁଦ୍ଧ ଭିତରେ ଇରାନ୍ ଓ ଆମେରିକାର ଜିଦ୍ ଆରମ୍ଭ କରିଛି ନୂଆ ବିବାଦ । ଆମେରିକାର ନିସର୍ତ୍ତ କ୍ଷମା ଦାବିକୁ ଅବାସ୍ତବ କହି ଚୁଟକିରେ ଉଡାଇ ଦେଇଛି ଇରାନ୍ । ଏପଟେ ଇସ୍ରାଏଲ ଘନଘନ ଆକ୍ରମଣ କରି ତେହେରାନକୁ ଦୋହଲାଇ ଦେଇଛି । ସେପଟେ ଆରବ ଦେଶ ଗୁଡିକ ଇରାନ ଆଗାମୀ ପ୍ରହାରକୁ ସମ୍ଭାଳିବା ପାଇଁ ଆରମ୍ଭ କରିଛନ୍ତି ପ୍ରସ୍ତୁତି । ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବେ ସାରା ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ବୟାନ ଏବେ ବଢାଇଛି ଯୁଦ୍ଧର ଗମ୍ଭୀରତା । ମରିବୁ ପଛେ ଆମେରିକା ଆଗରେ ଆତ୍ମସମର୍ପଣ କରିବୁ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ନିଜର ସ୍ୱାଭିମାନ ଆଗରେ ମୃତ୍ୟୁକୁ ସ୍ୱୀକାର କରିବାକୁ ପଣ କରିଛି ଇରାନ । ଦେଶବାସୀଙ୍କୁ ସମ୍ବୋଧନ କରି ଏଭଳି ବାର୍ତ୍ତା ଦେବା ଆମେରିକା ଓ ଇସ୍ରାଏଲର ଚିନ୍ତା ବଢାଇ ଦେଇଛି । ଏଥିସହ ପଡୋଶୀ ଦେଶକୁ ଆକ୍ରମଣ କରିଥିବାରୁ ନିସର୍ତ୍ତ କ୍ଷମା ମାଗିଛନ୍ତି ଇରାନ୍ ରାଷ୍ଟ୍ରପତି । ଏପଟେ ଇରାନ୍ ଆତ୍ମସମର୍ପଣ ନକଲା ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବନି କିମ୍ବା ଯୁଦ୍ଧରେ ପୂର୍ଣ୍ଣଛେଦ ପଡିବ ନାହିଁ ବୋଲି କହିଛନ୍ତି ଟ୍ରମ୍ପ । ଏହାରି ଭିତରେ ଇରାନର ନୌସେନାକୁ ସମ୍ପୂର୍ଣ୍ଣ ଭାବେ ଅକାମୀ କରିବାକୁ ଯୋଜନା କରୁଛନ୍ତି ଟ୍ରମ୍ପ । ବିଭିନ୍ନ ସ୍ଥାନରେ ମୁତୟନ ଥିବା ଇରାନୀ ଜାହାଜକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଇଛି ଆମେରିକା । ଏପଟେ ଇସ୍ରାଏଲ କିନ୍ତୁ ଯୁଦ୍ଧକୁ ବନ୍ଦ କରିବା ଲକ୍ଷ୍ୟରେ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଶୁକ୍ରବାର ରାତିରେ ଇସ୍ରାଏଲର ୮୦ଟି ଯୁଦ୍ଧ ବିମାନ ଇରାନର ରାଜଧାନୀ ତେହେରାନରେ ଆକ୍ରମଣ କରିଛନ୍ତି । ବୋମା ଆକ୍ରମଣରେ ତେହେରାନକୁ ଦୋହଲାଇ ଦେଇଛି ଇସ୍ରାଏଲ । ଇରାନର ସୈନ୍ୟ ଠିକଣା ଉପରେ ଶହଶହ ବୋମା ଆକାଶ ମାର୍ଗରୁ ଖସାଇଛି ଆଇଡିଏଫ୍ । ଆମେରିକା ମଧ ଇରାନ ରାଷ୍ଟ୍ରପତିଙ୍କ ଭାଷଣ ପରେ ଆହୁରି ଉଗ୍ର ହୋଇଛି । ଇଂଲଣ୍ଡର ଏକ ଏୟାରବେସ୍‌ରେ ସାଂଘାତିକ ଯୁଦ୍ଧାସ୍ତ୍ର ବି-ଓ୍ୱାନ୍ ଲାନ୍ସର ବୋମାକୁ ସ୍ଥାନାନ୍ତର କରାଯାଇଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମରଙ୍କ ଅନୁମତି ପରେ ଆମେରିକା ଯୁଦ୍ଧ ମଇଦାନକୁ ଆହୁରି ରକ୍ତାକ୍ତ କରିବାକୁ ଆରମ୍ଭ କରିଛି ଉଦ୍ୟମ । ପୂର୍ବରୁ ଆମେରିକାର ରକ୍ଷା ସଚିବ ମଧ ଯୁଦ୍ଧର ପରିଣାମ ନୂଆ ବିପର୍ଯ୍ୟୟ ଆଣିବ ବୋଲି କହିଥିଲେ । ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଆମେରିକାର ୧୪ ସୈନ୍ୟ ଠିକଣାକୁ ଧ୍ୱଂସ କରିଛି ଇରାନ । ଯାହାକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ପାଇଁ ପାଖାପାଖି ୫ ବର୍ଷ ସମୟ ଲାଗିପାରେ । ଏପଟେ ଆରବ ଦେଶରେ ଆମେରିକା ଠିକଣା ଉପରେ ଇରାନର ଜୋରଦାର ହମଲା ମଧ୍ୟପ୍ରାଚ୍ୟ ଦେଶ ଗୁଡିକୁ ଚିନ୍ତାରେ ପକାଇଛି । ୯ଟି ଦେଶର ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଜରୁରୀ ବୈଠକ ଡାକିଛନ୍ତି ।

## ମମତା ବାନାର୍ଜୀଙ୍କ ଉପରେ ରାଗିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

### ମଞ୍ଚ ଉପରୁ ବେଙ୍ଗଲ ସରକାରଙ୍କ କାର୍ଯ୍ୟଶୈଳୀକୁ କଲେ ନିନ୍ଦା



ନୂଆଦିଲ୍ଲୀ,୦୭/୩ : ରାଗିଲେ ରାଷ୍ଟ୍ରପତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏକ ସାର୍ବଜାନୀନ କାର୍ଯ୍ୟକ୍ରମରେ ମଞ୍ଚ ଉପରୁ ବେଙ୍ଗଲ ସରକାରଙ୍କ କାର୍ଯ୍ୟଶୈଳୀକୁ ନିନ୍ଦା କରିଛନ୍ତି । ଉତ୍ତର ବେଙ୍ଗଲରେ ଏକ ଅନ୍ତର୍ଜାତୀୟ ଆଦିବାସୀ ସମ୍ମିଳନୀ ହେବାର ଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥାନ୍ତେ । କିନ୍ତୁ ରାଜ୍ୟ ସରକାର ସେହି ସ୍ଥାନରେ ଆୟୋଜନ ପାଇଁ ଅନୁମତି ଦେଇନଥିଲେ । ଆୟୋଜନ ସ୍ଥଳ ପରିବର୍ତ୍ତନ ଓ ଲୋକଙ୍କ ପ୍ରତି ପ୍ରଶାସନର ବ୍ୟବହାରକୁ ନେଇ ରାଷ୍ଟ୍ରପତି ଅସନ୍ତୋଷ ପ୍ରକାଶ କରିଛନ୍ତି । ସାର୍ବଜନୀନ ମଞ୍ଚରୁ ରାଷ୍ଟ୍ରପତିଙ୍କ ଏଭଳି ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା । କେବଳ ଏତିକି ନୁହେଁ, ସିଲିଗୁଡ଼ି ଗସ୍ତ ସମୟରେ ରାଷ୍ଟ୍ରପତି ପ୍ରୋଟୋକଲ ଏବଂ ପ୍ରସ୍ତୁତିରେ ତ୍ରୁଟି ବିଷୟରେ ମଧ ଇଙ୍ଗିତ କରିଥିଲେ । ନବମ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀ ପାଇଁ ରାଷ୍ଟ୍ରପତି ମୁର୍ମୁ ଆଜି ସିଲିଗୁଡ଼ିରେ ପହଞ୍ଚିଥିଲେ । ପ୍ରୋଟୋକଲ୍ ଅନୁସାରେ ସ୍ୱାଗତ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହିବା କଥା । କିନ୍ତୁ ସ୍ୱାଗତ ପାଇଁ ମୁଖ୍ୟମନ୍ତ୍ରୀ କି ତାଙ୍କ କ୍ୟାବିନେଟର କୌଣସି ମନ୍ତ୍ରୀ ନଥିଲେ । ରାଷ୍ଟ୍ରପତି ସ୍ପଷ୍ଟ କରିଥିଲେ ଯେ, ଏଥିପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ତାଙ୍କର କୌଣସି କ୍ଷୋଭ ନାହିଁ । ରାଷ୍ଟ୍ରପତି କହିଥିଲେ, ମୁଁ ମଧ ବଙ୍ଗଳାର ଝିଅ । ତଥାପି ମୋତେ ଏଠାକୁ ଆସିବାକୁ ଅନୁମତି ଦିଆଯାଉ ନାହିଁ । ମମତା 'ଦିଦି' ମୋ ସାନ ଭଉଣୀ ପରି । ମୁଁ ଜାଣିନାହିଁ, ହୁଏତ ସେ କୌଣସି କାରଣରୁ ମୋ ଉପରେ ରାଗିଛନ୍ତି । ଯାହାହେଉ, ମୋର ତାଙ୍କୁ ନେଇ କୌଣସି ଅଭିଯୋଗ ନାହିଁ । ସେ ମଧ ଭଲ ରୁହନ୍ତୁ ।

# ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

ମାଲକାନଗିରି, ୦୭/୩ (ନି.ପ୍ର): ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ର ବିଧାୟକ ନରସିଂହ ମାଡ଼କାମୀ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଧାୟକ ନିର୍ବାଚନମଣ୍ଡଳୀ ବିକାଶ ସମିତି ବୈଠକରେ ଏକ ମହତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ ମାଲକାନଗିରି, କାଲିମେଲା ଓ ପଡ଼ିଆ– ଏହି ତିନୋଟି ବ୍ଲକରୁ ପ୍ରତ୍ୟେକ ବ୍ଲକରୁ ୩ଟି ଲେଖାଏଁ ଗାଁ ଚୟନ କରି ଆଦର୍ଶ ବା ମଡେଲ୍ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ନିଷ୍ପତି ନେଇଛନ୍ତି। ବୈଠକରେ ବିଧାୟକ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଚିହ୍ନଟ ଗାଁଗୁଡ଼ିକରେ ତୁରନ୍ତ ଏକ ବିସ୍ତୃତ ସର୍ଭେ କରାଯାଇ ବର୍ତମାନର ବିକାଶ ସ୍ଥିତି, ଆବଶ୍ୟକତା ଓ ଗ୍ୟାପ୍ ମୂଲ୍ୟାଙ୍କନ କରାଯାଉ। ଏହି ଗ୍ୟାପ୍ ପୂରଣ ପାଇଁ କଣ କଣ କାର୍ଯ୍ୟ କରିବାକୁ ପଡ଼ିବ ତାହାର ଏକ ସ୍ପଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବିଡ଼ିଓମାନେ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ କରିବେ। ଏହି ଡିପିଆର ଆଧାରରେ ଚିହ୍ନଟ ଗାଁଗୁଡ଼ିକୁ ସମଗ୍ରାତ୍ମକ ବିକାଶ ମାଧ୍ୟମରେ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳାଯିବ।

ବୈଠକରେ ବିଧାୟକ ଶ୍ରୀ ମାଡ଼କାମି ସମସ୍ତ ବିଭାଗର ଚଳିତ ବିକାଶମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି ଏବଂ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ତ୍ୱରାନିତ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେ ମାଲକାନଗିରିର ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ଓ ଭୈରବୀ ମନ୍ଦିରର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳ ଅଭାବ ଥିବା ଗାଁଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗାଁଗୁଡ଼ିକରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହା ବ୍ୟତୀତ ବିଧାୟକ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀମାନଙ୍କ ସହ ଆଲୋଚନା ଓ ବୈଠକ କରି କେଉଁ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯିବ, ସେଥି ନିମନ୍ତେ ଚୂଡ଼ାନ୍ତ ନିଷ୍ପତି ନେବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହି ପଦକ୍ଷେପ ମାଲକାନଗିରି ଜିଲ୍ଲାର ଗ୍ରାମାଚଂଳରେ ବିକାଶ, ଉନ୍ନତ ଜୀବନଧାରଣ, ଶିକ୍ଷା ଓ ଆଦିବାସୀ ସମ୍ପ୍ରଦାୟର ସମୁଦାୟିକ ଉନ୍ନତି ପାଇଁ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସ୍ଥାନୀୟ ଲୋକେ ବିଧାୟକଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମକୁ ବ୍ୟାପକ ସ୍ୱାଗତ ଜଣାଇଛନ୍ତି। ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପୁରୀ ପୋଲିସର ସଫଳତା: ୭୫ ଜଣ ନିଖୋଜ ନାବାଳିକା ଓ ବ୍ୟକ୍ତି ଉଦ୍ଧାର

ପୁରୀ, ୦୭/୩ (ନି.ପ୍ର): ପୁରୀ ଜିଲ୍ଲାରେ ନିଖୋଜ ବ୍ୟକ୍ତିମାନଙ୍କୁ ସନ୍ଧାନ କରି ତାଙ୍କୁ ସୁରକ୍ଷିତ ଭାବରେ ପରିବାର ଛାଡ଼ିବା ସହିତ ପୁରୀ ପୋଲିସ ସଦା ସଚେତନ ଓ ପ୍ରତିବଦ୍ଧ ରହିଛି । ୨୦୨୬ ମସିହାରେ ପୁରୀ ଜିଲ୍ଲାର ବିଭିନ୍ନ ପୋଲିସ ଥାନା ଦ୍ୱାରା ଚାଲିଥିବା ତଦନ୍ତ ଓ ସନ୍ଧାନ ଅଭିଯାନର ଫଳସ୍ୱରୂପ ମୋଟ୍ ୭୫ ଜଣ ନିଖୋଜ ନାବାଳିକା/ ପ୍ରାପ୍ତବୟସ୍କଙ୍କୁ ଉଦ୍ଧାର କରାଯାଇଛି। ଏହି ଉଦ୍ଧାର ଅଭିଯାନରେ ପୋଲିସ ଦଳର ସତର୍କ ତଦନ୍ତ, ପ୍ରଯୁକ୍ତିର ବ୍ୟବହାର ଏବଂ ବିଭିନ୍ନ ରାଜ୍ୟର ପୋଲିସ ସହ ଯୋଗାଯୋଗ ଫଳରେ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜି ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅପ୍ରାପ୍ତବୟସ୍କ ଛାତ୍ରଛାତ୍ରୀ ଓ ପ୍ରାପ୍ତବୟସ୍କ ପୁରୁଷ-ମହିଳା ମଧ୍ୟ ରହିଛନ୍ତି। ଏହି ବର୍ଷ ଉଦ୍ଧାର ହୋଇଥିବା ନାବାଳିକା ଛାତ୍ରଛାତ୍ରୀ / କନ୍ୟା ୨୯ ଜଣ, ପ୍ରାପ୍ତବୟସ୍କ ପୁରୁଷ / ମହିଳା ୪୬ ଜଣ । ଏହା ସହ ମୋଟ ଉଦ୍ଧାର ହୋଇଛନ୍ତି ୭୫ ଜଣ । ପୁରୀ ପୋଲିସର ବିଭିନ୍ନ ଥାନାର ଅଧିକାରୀମାନେ ଓ କର୍ମଚାରୀମାନେ ନିଖୋଜ ବ୍ୟକ୍ତିମାନଙ୍କ ଖୋଜଖବର ପାଇଁ ନିରନ୍ତର ତଦନ୍ତ କରିଥିଲେ। ଅନେକ କେସ୍ ରେ ଅନ୍ୟ ଜିଲ୍ଲା ଓ ଅନ୍ୟ ରାଜ୍ୟର ପୋଲିସ ସହ ସମନ୍ୱୟ ସ୍ଥାପନ କରାଯାଇ ଏହି ଅଭିଯାନକୁ ସଫଳ କରାଯାଇଛି। ପୋଲିସର ସମୟୋପଯୋଗୀ ପଦକ୍ଷେପ ଓ ନିଷ୍ଠାପୂର୍ଣ୍ଣ ପ୍ରୟାସ ଫଳରେ ନିଖୋଜ ବ୍ୟକ୍ତିମାନେ ସୁରକ୍ଷିତ ଭାବରେ ଉଦ୍ଧାର ହୋଇ ପୁନର୍ବାର ତାଙ୍କ ପରିବାରଙ୍କ ନିକଟକୁ ପହଂଚି ପାରିଛନ୍ତି। ନିଖୋଜ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ଘଟଣାରେ ଶିଶୁମାନେ ଘରୁ ଅସନ୍ତୋଷ ବା ଭ୍ରମରେ ବାହାରିଯାଇଥିବା ବେଳେ, କେତେକ କେସ୍ ରେ ପ୍ରାପ୍ତବୟସ୍କ ବ୍ୟକ୍ତିମାନେ ଚାକିରି, କାମ କିମ୍ବା ବ୍ୟକ୍ତିଗତ କାରଣରେ ଘରୁ ଚାଲିଯାଇଥିବା ଦେଖାଯାଇଛି। ଏହିପରି ସମସ୍ତ ଘଟଣାରେ ପୋଲିସ ତତ୍କ୍ଷଣାତ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଆବଶ୍ୟକ ହେଲେ ଅନ୍ୟ ଜିଲ୍ଲା ଓ ରାଜ୍ୟରେ ସନ୍ଧାନ ଚାଲାଇଥିଲା। ପୁରୀ ପୋଲିସ ସାଧାରଣ ଲୋକଙ୍କୁ ଅନୁରୋଧ କରୁଛି ଯେ, ଯଦି କୌଣସି ବ୍ୟକ୍ତି ନିଖୋଜ ହେବା ସମ୍ବନ୍ଧରେ ସୂଚନା ମିଳେ କିମ୍ବା କୌଣସି ସନ୍ଦିଗ୍ଧ ଘଟଣା ଦେଖାଯାଏ, ତେବେ ତତ୍କ୍ଷଣାତ୍ ନିକଟସ୍ଥ ପୋଲିସ ଥାନାକୁ ଜଣାନ୍ତୁ। ସାଧାରଣ ଲୋକଙ୍କ ସହଯୋଗ ମଧ୍ୟ ଏହିପରି ଅଭିଯାନକୁ ସଫଳ କରିବାରେ ବହୁତ ଗୁରୁତ୍ୱପୂର୍ଣ୍ଣ। ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ନିଖୋଜ ବ୍ୟକ୍ତିମାନଙ୍କୁ ସନ୍ଧାନ କରିବା ଓ ସାଧାରଣ ଲୋକଙ୍କ ସୁରକ୍ଷା ନିମନ୍ତେ ସମାନ ଭାବରେ ସଚେତନ ରହିବ। କୌଣସି ସୂଚନା ମିଳିଲେ ତତ୍କ୍ଷଣାତ୍ ଜରୁରୀ ସହାୟତା ନମ୍ବର ୧୧୨ କୁ ଫୋନ କରନ୍ତୁ।

## ମାଜେଷ୍ଟି କିଆ ଓ ଟାଟା ମୋଟର୍ସ ତରଫରୁ ରକ୍ତଦାନ ଶିବିର ଆୟୋଜିତ

ଜୟପୁର, ୦୭/୩ (ନି.ପ୍ର): ଜୟପୁରସ୍ଥିତ ମାଜେଷ୍ଟି କିଆ, ଟାଟା ମୋଟର୍ସ ଓ ଓଡ଼ିଶା ରକ୍ତଦାତା ମହାସଂଘ ଆନୁକୁଲ୍ୟରେ ଦୁଇଟି ପୃଥକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କିଆ ସୋରୁମ ଓ ଟାଟା ମୋଟର୍ସ ପରିସରରେ ଅଡିଟରିୟମ୍ ମଧ୍ୟରେ ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରକୁ ସଂସ୍ଥାର ମୁଖ୍ୟ ମୀନକେତନ ସାହୁ ଓ ସମ୍ମାନିତ ଅତିଥି ଭାବେ ଏସବିଆଇ ରିଜିଓନାଲ ମ୍ୟାନେଜର ସୁବାଷ ଚନ୍ଦ୍ର ବେହେରା ନିଜେ ରକ୍ତଦାନ କରି ଶିବିର ଉଦ୍ଘାଟନ କରିଥିଲେ । ଏଫ୍. ବି. ଡି. ଓ. ଓ. ର ପ୍ରବର୍ତକ ପ୍ରମୋଦ କୁମାର ରାଉଳ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରୁ କିଆ ଶୋରୁମ୍ ରୁ ୨୪ ୟୁନିଟ୍ ରକ୍ତ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସପିଟାଲ ସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ଭି ଗଙ୍ଗାଧର, ସଞ୍ଜୟ ସିଂ ଓ ରବୀନ୍ଦ୍ର ମିଶ୍ରଙ୍କ ଦ୍ୱାରା ସଂଗୃହୀତ ହେଲାବେଳେ, ଟାଟା ଶୋରୁମରୁ ଓଡ଼ିଶା ରକ୍ତ କେନ୍ଦ୍ର ଜୟପୁରର ଲକ୍ଷ୍ମୀକାନ୍ତ ଗାଇନି, ଅଭୟ ପଣ୍ଡା ଓ ସୁନିତାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ତାଙ୍କ ସହଯୋଗୀ ମାନେ ୧୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଅତିଥି ଭାବେ କିଆ ମହାପ୍ରବନ୍ଧକ ଯୁଲେଶ କୁମାର ସାହୁ, ଯତୀନ କୁମାର, ସୋମନାଥ ପରିଡ଼ା ଓ ଟାଟାର ଏଚ ଆର ମୁଖ ଅଙ୍କିତା ପାଇକେରାଏ, ସଲମାନ୍, ସ୍ୱେତା ସାହୁ, ମମତା ବିଶ୍ୱାଳ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ବେଆଇନ ମଦ ବିକ୍ରୟ କରୁଥିବା ଅଭିଯୁକ୍ତଙ୍କ ଘର ଉଚ୍ଛେଦ କଲା ପୁରୀ ପୋଲିସ

ପୁରୀ, ୦୭/୩ (ନି.ପ୍ର): ପୁରୀ ଜିଲ୍ଲାରେ ବେଆଇନ ମଦ ବିକ୍ରୟ ଓ ଅବୈଧ କାର୍ଯ୍ୟକଳାପ ଉପରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ନିୟମିତ ଭାବରେ ଅଭିଯାନ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ମଦ ବିକ୍ରି କରୁଥିବା ଏକ ବ୍ୟକ୍ତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶୁକ୍ରବାର ଦିନ ସତ୍ୟବାଦୀ ଥାନା ଅଧୀନ ରାୟଚକ୍ରଧରପୁର ଗ୍ରାମ ନଦୀବନ୍ଧ ଅଂଚଳରେ ଥିବା ସରକାରୀ ଜମି ଉପରେ ବେଆଇନ ଭାବରେ ଘର ଓ ଦୋକାନ ନିର୍ମାଣ କରି ମଦ ବିକ୍ରୟ କରୁଥିବା ଅଭିଯୋଗରେ ଗୃହ ଉଚ୍ଛେଦ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ପୋଲିସ ଏବଂ ତହସିଲ ପ୍ରଶାସନଙ୍କ ଉପସ୍ଥିତିରେ ସଫଳତାର ସହ କାର୍ଯ୍ୟ କରାଯାଇଛି। ଉକ୍ତ ବ୍ୟକ୍ତି ହେଲେ ରାୟଚକ୍ରଧରପୁର ଗ୍ରାମର ପ୍ରଦୀପ କୁମାର ଭୋଇ (୪୦), ପିତା – ସ୍ୱର୍ଗତ ମାଗୁଣି ଭୋଇ, ସାକିନ – ରାୟଚକ୍ରଧରପୁର, ଥାନା – ସତ୍ୟବାଦୀ, ଜିଲ୍ଲା – ପୁରୀ। ସେ ସରକାରୀ ଜମି ଉପରେ ଅବୈଧ ଭାବରେ ଘର ଓ ଦୋକାନ ତିଆରି କରି ଦୀର୍ଘଦିନ ଧରି ବେଆଇନ ଭାବରେ ମଦ ବିକ୍ରୟ କରୁଥିବା ନେଇ ଅଭିଯୋଗ ଥିଲା। ଏହି ସୂଚନା ମିଳିବା ପରେ ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ସତ୍ୟବାଦୀ ଥାନା ପୋଲିସକୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତୀ ସମୟରେ ତହସିଲ ପ୍ରଶାସନ ସହ ସମନ୍ୱୟ କରି ସରକାରୀ ଜମି ଉପରେ ହୋଇଥିବା ଅବୈଧ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରଦୀପ କୁମାର ଭୋଇ ବିରୋଧରେ ପୂର୍ବରୁ ବେଆଇନ ମଦ ବିକ୍ରୟ ସମ୍ପର୍କିତ ୬ଟି ମାମଲା ରହିଛି। ତଥାପି ସେ ପୁଣିଥରେ ବେଆଇନ କାର୍ଯ୍ୟରେ ଜଡିତ ହୋଇଥିବାରୁ ଏହି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ନିଜ ଅଂଚଳରେ କେହି ବେଆଇନ ଭାବରେ ମଦ ବିକ୍ରୟ କରୁଥିବା କିମ୍ବା ଅନ୍ୟ କୌଣସି ଅବୈଧ କାର୍ଯ୍ୟକଳାପ କରୁଥିବା ସୂଚନା ମିଳିଲେ ତୁରନ୍ତ ପୋଲିସକୁ ଜଣାଇବେ। ଆପଣଙ୍କର ସୂଚନା ଗୁପ୍ତ ରଖାଯିବ ଏବଂ ପୋଲିସ ତରଫରୁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସମାଜରେ ଶାନ୍ତି, ସୁରକ୍ଷା ଓ ଆଇନ-ଶୃଙ୍ଖଳା ବଜାୟ ରଖିବା ପାଇଁ ପୁରୀ ପୋଲିସ ସଦା ସତର୍କ ଓ ପ୍ରତିବଦ୍ଧ ଅଟେ। ଏହିପରି ବେଆଇନ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଅବ୍ୟାହତ ରହିବ। କୌଣସି ଆପତ୍କାଳୀନ ସୂଚନା ପାଇଁ ଦୟାକରି ୧୧୨ ନମ୍ବରକୁ ଡାଏଲ କରନ୍ତୁ।

# ବ୍ରହ୍ମପୁର ବସଷ୍ଟାଣ୍ଡ ସ୍ଥାନାନ୍ତର ଯୋଗୁଁ ଯାତ୍ରୀ ହନ୍ତସନ୍ତ: ଅଟୋବାଲା ମାଲାମାଲ୍

ଗଞ୍ଜାମ, ୦୭/୩ (ନି.ପ୍ର): ଆଜି ଠାରୁ ବ୍ରହ୍ମପୁରରେ ବସଷ୍ଟାଣ୍ଡ ସ୍ଥାନାନ୍ତର ପକ୍ରିୟା ଆରମ୍ଭ ହୋଇଛି। ଆସିକା ଭଂଜନଗର ଦିଗପହଣ୍ଡି ଫୁଲବାଣୀ କୋରାପୁଟ ପଟୁ ଆସୁଥିବା ବସ ଗୁଡିକ ଫାଷ୍ଟଗେଟ ନିକଟ ଡୁଡୁମା କଲୋନି ନିକଟ ବସଷ୍ଟାଣ୍ଡରେ ରହୁଥିବା ବେଳେ କଟକ ଭୁବନେଶ୍ୱର ଆନ୍ଧ୍ର ଓ କଲିକତାରୁ ଆସୁଥିବା ବସଗୁଡିକ ହଳଦିଆ ପଦର ବସଷ୍ଟାଣ୍ଡରେ ରହିବା ବ୍ୟବସ୍ଥା କରାଯାଇଛି। ଡୁଡୁମାବସ୍ଷ୍ଟାଣ୍ଡ ଠାରୁ ବ୍ରହ୍ମପୁର ସହର ମଧ୍ୟ ଭାଗରେ ଥିବା ନୂଆ ବସଷ୍ଟାଣ୍ଡର ଦୂରତା ୫ କିଲୋମିଟର ହୋଇଥିବା ବେଳେ ନୂଆ ବସଷ୍ଟାଣ୍ଡ ଠାରୁ ହଳଦିଆପଦର ବସଷ୍ଟାଣ୍ଡର ଦୂରତା ଆଠ କିଲୋମିଟର। ଯାତ୍ରୀମାନେ ଆଜି ଡୁଡୁମା ବସଷ୍ଟାଣ୍ଡରୁ ସହର ଭିତରକୁ ଆସିବାକୁ ସହରରୁ ଡୁଡୁମା ବସଷ୍ଟାଣ୍ଡ ଯିବାକୁ ଠିକ୍ ସେହିଭଳି ହଳଦିଆପଦର ବସଷ୍ଟାଣ୍ଡରୁ ସହର ଭିତରକୁ ଆସିବାକୁଏବଂ ସହରରୁ ହଳଦିଆ ପଦର ବସଷ୍ଟାଣ୍ଡ ଯିବାକୁ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀମାନେ ମହିଳା ଓ ଶିଶୁ ମାନଙ୍କୁ ଧରି ପ୍ରଚଣ୍ଡ ରୌଦ୍ରତାପରେ ଏଣେ ତେଣେ ଦୌଡୁଛନ୍ତି। ବସଷ୍ଟାଣ୍ଡରେ ଦୋକାନ ବଜାର ନଥିବାରୁ ଏପରିକି ପିଇବା ପାଣି ଟୋପେ ପାଇବାକୁ ଯାତ୍ରୀମାନେ ଦହଗଂଜ ହେଉଛନ୍ତି । ଯାତ୍ରୀମାନେ ଏହି ନୂତନ ଦୁଇଟି ବସଷ୍ଟାଣ୍ଡରେ ଓହ୍ଲାଇ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ବର୍ତମାନ ମୁଖ୍ୟତଃ ଅଟୋ ଉପରେ ନିର୍ଭର କରିବାକୁ ପଡୁଛି, ଏହାରସୁଯୋଗ ନେଇ ଅଟୋବାଲା ମାନେ ଯାତ୍ରୀଙ୍କ ଠାରୁ ଚଢା ଦରରେ ଭଡା ଆଦାୟ କରୁଛନ୍ତି । ଆଜିଠାରୁ ପୁଲିସ୍ ନୂଆ ବସଷ୍ଟାଣ୍ଡରୁ ସମସ୍ତ ବସ ହଟାଇ ଦେଇଛନ୍ତି ଓ କୌଣସି ବସକୁ ନୂଆ ବସଷ୍ଟାଣ୍ଡ ଭିତରେ ପ୍ରବେଶ ପାଇଁ ଅନୁମତି ଦେଉନାହାନ୍ତି । ଏହି ଘଟଣାରେ ଗଞ୍ଜାମ ଜିଲାର ଜନସାଧାରଣ ବିଜେପି ସରକାର ତଥା ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଯେନାଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ଜୁନିୟର ରେଡକ୍ରସ ତାଲିମ ଶିବିର

ଭଦ୍ରକ, ୬ ମାର୍ଚ୍ଚ (ହି.ସ.) - ପି.ଏମ. ଶ୍ରୀ ଜିଲ୍ଲା ସ୍କୁଲ, ଭଦ୍ରକ ପରିସରରେ ଓଡିଶା ରାଜ୍ୟ ଜୁନିୟର ରେଡ୍କ୍ରସ ସହାୟତାରେ ଏବଂ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ଷାଠିଏ ଜଣ ଅଣତାଲିମପ୍ରାପ୍ତ ପରାମର୍ଶଦାତା ଓ ପରାମର୍ଶଦାତ୍ରୀଙ୍କର ଜୁନିୟର ରେଡ୍କ୍ରସ ତାଲିମ ଶିବିର ତିନିଦିନ ପାଇଁ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଅଛି। ଉକ୍ତ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ତଥା ବନ୍ଧଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଛନ୍ତି ଓ ତାଙ୍କୁ ସହଯୋଗ କରିଛନ୍ତି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସଙ୍ଗଠନ ସମ୍ପାଦିକା ପାନାମଣି ବେସ୍ରା, ଯୁଗ୍ମ ସମ୍ପାଦକ ତଥା କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମ ଚରଣ ପରିଡା ଓ ଚଣ୍ଡିଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ମାଝୀ। ରାଜ୍ୟ ଜୁନିୟର ରେଡକ୍ରସ୍ ସାଧନକର୍ମୀ ବାମନ ଚନ୍ଦ୍ର ମହାନ୍ତି, ବାଲେଶ୍ୱର ଉମାକାନ୍ତ ବେହେରା, ମୟୂରଭଞ୍ଜ ଓ ପୂର୍ବତନ ଜେ.ଆର.ସି. ସମ୍ପାଦକ ତଥା ଏନ.ସି. ହାଇସ୍କୁଲର ସେବାନିବୃ ପ୍ରଧାନଶିକ୍ଷକ ସୋମନାଥ ନାୟକ ଯୋଗଦାନ କରି ରେଡକ୍ରସ ଓ ଜୁନିୟର ରେଡକ୍ରସର ଉତ୍ପତି ଓ ଇତିହାସ, ପ୍ରତିଷ୍ଠାତା ହେନେରୀ ଡୁନାଂଟଙ୍କ ଜୀବନୀ, ରେଡକ୍ରସ ଚିହ୍ନ, ବିଦ୍ୟାଳୟ ଠାରୁ ଆନ୍ତର୍ଜାତିକ ସଂସ୍ଥା ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ସଙ୍ଗଠନ, ଜୁନିୟର ରେଡକ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ, ରେଡକ୍ରସର ମୌଳିକ ନୀତି, ବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ, ସଡକ ସୁରକ୍ଷା, ସାଇବର କ୍ରାଇମ୍, ଅଗ୍ନି ନିର୍ବାପନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରିଥିଲେ। ରୁବିନା ଖାତୁନ ଓ ସୁଶାନ୍ତ କୁମାର ବିଶ୍ୱାଳ ପ୍ରାଥମିକ ଉପଚାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମହେଶ୍ୱର ରାଉତ, ଅକ୍ଷୟ କୁମାର ସେଠୀ, ଶିବ ନାରାୟଣ ପତି, ଜୟଶ୍ରୀ ମିଶ୍ର, ଅରୁଣ କୁମାର ବାରିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

କେନ୍ଦୁଝର, ୦୭/୩ (ନି.ପ୍ର): ସ୍ଥାନୀୟ ପିଏମଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରରେ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ପିଏମ୍ ଶ୍ରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ଭୂୟସୀ ପ୍ରଂଶସା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସତ୍ୟନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ ରାଉତ, ଝୁମ୍ପୁରା ବ୍ଲକ୍ ଶିକ୍ଷା ଅଧିକାରୀ ଭଗବାନ ମିଶ୍ର, ଘଶିପୁରା ବ୍ଲକ୍ ଶିକ୍ଷା ଅଧିକାରୀ ସଦ୍ୟସ୍ନାନ ପଣ୍ଡା, ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଡି, ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ, ପିଏମ୍ ଶ୍ରୀ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ପଂଚସଖା ଶିକ୍ଷା ସେତୁର ଜିଲ୍ଲା ସହାୟକ ଅଧିକାରୀ ପରମେଶ୍ୱର ସାମଲ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ସୃଜନାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ିବା ପାଇଁ ଅଭିଭାଷଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୧୯ଟି ପିଏମ୍ ଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆକାଂକ୍ଷୀ ମେଳା, ଟ୍ୟାଲେଂଟ ଗ୍ୟାଲେରୀ, ଦୋକାନ ଯାତ୍ରା, କ୍ୟାରିଅର ମେଳାରେ ୧୯ଟି ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରାୟ ୮୩୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଅର୍ଥନୀତିର ଆସିଷ୍ଟାଂଟ ପ୍ରଫେସର ଡଃ. ଦାମୋଦର ସାହୁ, ପଦାର୍ଥ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡଃ. କୃଷ୍ଣଚନ୍ଦ୍ର ପ୍ରଧାନ, ରସାୟନ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡଃ. ପ୍ରକାଶ ଚନ୍ଦ୍ର ପାଲ, ଉଦ୍ଭିଦ ବିଜ୍ଞାନର କନିଷ୍ଠ ଅଧ୍ୟାପକ ରାଜେନ୍ଦ୍ର କୁମାର କର ବିଭିନ୍ନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପିଏମ୍ ଶ୍ରୀ ଉତ୍ସବ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ମାତ୍ରାରେ ଜନସାଧାରଣ ତଥା ଛାତ୍ର ଛାତ୍ରୀ ସମବେତ ହୋଇଥିଲେ।

ଶିକ୍ଷୟିତ୍ରୀ ସୋମ୍ୟାଶ୍ରୀ ଚାଟାର୍ଜୀ ମଂଚ ପରିଚାଳନା କରିଥିବା ବେଳେ ପଂଚସଖା ଶିକ୍ଷା ସେତୁ ଜିଲ୍ଲା ନୋଡାଲ ଅଫିସର ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବକୁ ସଫଳ କରାଇବାରେ ସମଗ୍ର ଶିକ୍ଷା କେନ୍ଦୁଝର, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ତଥା ଜିଲ୍ଲା ସ୍ତରୀୟ ପିଏମ୍ ଶ୍ରୀ ଉତ୍ସବର ବିଭିନ୍ନ କମିଟିରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗ ରହିଥିଲା।

# ସମବାୟ ଅଧିକାରୀଙ୍କ ଖାମଖିଆଲି ନୀତି: ଗଞ୍ଜାମର ପ୍ରାୟ ୫ ହଜାର ପଞ୍ଜିକୃତ ଚାଷୀ ଧାନ ବିକ୍ରିରୁ ବଂଚିତ ହେବେ

ଗଞ୍ଜାମ, ୦୭/୩ (ନି.ପ୍ର): ଚଳିତ ବର୍ଷ ଗଂଜାମ ଜିଲ୍ଲାରେ ୧ ଲକ୍ଷ ୫୬ ହଜାର ଚାଷୀ ପଞ୍ଜିକରଣ କରିଥିବା ବେଳେ ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଧାନ କିଣାଯାଇଛି । ୧ ଲକ୍ଷ ୪୭ ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ ଲକ୍ଷ କ୍ୱିଂଟାଲ ଧାନ କିଣାଯାଇଥିବା ବେଳେ ଗତ ବର୍ଷ ୧ ଲକ୍ଷ ୨୯ ହଜାର ଚାଷୀଙ୍କ ଠାରୁ ୫୮ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା । ଗତ ବର୍ଷ ଚାଷୀମାନେ ସେହି ଜମିର ପଞ୍ଜିକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକେନ୍ ଆସିଥିଲା । ଚଳିତ ବର୍ଷ ସେହି ଜମିକୁ ପଞ୍ଜୀକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ ରୁ ୨୦ କ୍ୱିଂଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଆସିଥିବାରୁ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ଏ ବିଷୟରେ କିଛି କରିପାରିବୁ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି । ଚଳିତ ବର୍ଷ ପ୍ରାୟ ୫ ହଜାର ଚାଷୀ ପଞ୍ଜିକରଣ କରି ସୁଦ୍ଧା ତାଙ୍କର ଟୋକେନ ଆସି ନଥିବାରୁ ସେମାନେ ଧାନ ବିକିବା ପାଇଁ ଅନେଇ ବସିଛନ୍ତି । ଯୋଗାଣ ଓ ସମବାୟ ଅଫିସ୍ ଧାଇଁ ଧାଇଁ ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି । ଗରିବ ଚାଷୀଙ୍କ ଦୁଃଖ ବୁଝିବାକୁ କିଏ ନାହାଁନ୍ତି । ଚଳିତ ବର୍ଷ ଧାନ ଜୁନ୍ ମାସରେ ରୁଆ ହେଲା । ତା’ ପରେ ଚାଷୀମାନେ ପଞ୍ଜିକରଣ କଲେ । ସେପଟ୍ମେର ମାସରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି । ସେହି ଚାଷୀଙ୍କ ପଞ୍ଜିକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି । ସେଟ୍ଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି । ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କଟେଇଛନ୍ତି ବୋଲି ସରପଂଚ ନିରଞ୍ଜନ ପ୍ରଧାନ ଏବଂ ଚାଷୀମାନେ ଅଭିଯୋଗ କରିଛନ୍ତି । ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି । ଦୁଃଖର ବିଷୟ ଋଷିକୂଲ୍ୟା ରୟତ ମହାସଭା ତରଫରୁ ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀଙ୍କୁ ଏ ସଂପର୍କରେ ଲିଖିତ ଭାବେ ବାରମ୍ବାର ଜଣାଇଲେ ସୁଦ୍ଧା ଟୋକେନ୍ ରୁ ବାଦ୍ ପଡ଼ିଥିବା ଚାଷୀଙ୍କ କିପରି ଟୋକେନ୍ ଆସିବ, ସେଥିପାଇଁ ସମବାୟ ଅଧିକାରୀ ସରକାରଙ୍କୁ ଚିଠି ନ ଲେଖି ନୀରବ ରହିଛନ୍ତି । ଜିଲ୍ଲା କୃଷି ବିଭାଗ ତଥ୍ୟ ଅନୁଯାୟୀ, ଏକର ପିଛା ୩୦ କ୍ୱିଣ୍ଟାଲ ଧାନ ଅମଳ ହୋଇଛି, ସେଥିରୁ ମାତ୍ର ୪୦ ଭାଗ ଧାନ କିଣାଯାଉଛି, ପୁଣି ଜମି ତୁଳନାରେ କମ୍ ପରିମାଣ ଆସୁଛି । ଜଣେ ମଧ୍ୟ ଯୋଗ୍ୟ ଚାଷୀ ଧାନ ବିକାରୁ ବଂଚିତ ହେବେ ନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଘୋଷଣା କରୁଛନ୍ତି । ମାତ୍ର କାର୍ଯ୍ୟକାରୀ କରାଯାଉ ନାହିଁ । ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନଗଲେ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଚଂଳ ନାହାକ ମହାସଭା ତରଫରୁ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଜୟପୁର ପୌର ପରିଷଦର ସାଧାରଣ ବୈଠକ

ଜୟପୁର, ୦୭/୩ (ନି.ପ୍ର): ଜୟପୁର ପୌର ସଭାଗୃହରେ ପରିଷଦର ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇଥିଲେ। ରାସ୍ତା, ଘାଟ ,ପାନିୟ ଜଳ, ପାନିୟ ଜଳ ଉପରେ ଆଲୋଚନା କରାଯାଇଛି । ଜୟପୁର ରାଜୁ ସାହି ଠାରେ ଜବର ଦଖଲ କରି ଷ୍ଟଲ ନିର୍ମାଣ କରାଯାଇଛି । ତାହାକୁ ୭ ଦିନିଆ ନୋଟିସ କରି ଉଛେଦ କରିବାକୁ ନିଷ୍ପତି ହୋଇଛି । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଠାରୁ ମୁଖ୍ୟ ଟ୍ରାଫିକ ଛକ ଯାଏ ଜନ ଗହଳି ରହୁଛି ଯେଥି ପାଇଁ ଚଲାପଥ ନିର୍ମାଣ କରାଯିବ । ଜୟପୁର ପୌରାଂଚଳରେ ଥିବା ବିଦ୍ୟାଳୟର ମରାମତି କରିବା, ପୌର ପାଳିକାର ଷ୍ଟଲ ବହୁ ଦିନ ହେବ ତାଲା ପଡିଥିବା ଷ୍ଟଲ କୁ ନିଜ ଅକ୍ତି ଆରକୁ ଆଣିବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜୟପୁର ଜଗନ୍ନାଥ ସାଗରେ ଦୁର୍ନିତି ହୋଇଥିବା ନେଇ ବିଜେଡି ବାର ବାର ଅଭିଯୋଗ କରିଛି । କେତେ ବେଳେ ସାମ୍ବାଦିକ ସମ୍ମିଳନିରେ, ବିଜୁ ଜୟନ୍ତି ରେ ଏମିତି କି ଭିଜିଲାନ୍ସ ଅଫିସରେ ଅଧ ଅଭିଯୋଗ କରିଛି । ଏହାକୁ ନେଇ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିଜେଡିକୁ ଟାର୍ଗେଟ କରିଛନ୍ତି । ଦୁର୍ନିତି ବିଜେଡି ଅମଳ ରେ ହୋଇଛି । ବର୍ତମାନ ହୋଇ ନାହିଁ। ସେ ମାନେ ଭିଜିଲାନ୍ସ ତଦନ୍ତ ଦାବି କଣ କରିଛନ୍ତି ସିବିଆଇ ତଦନ୍ତ କରାନ୍ତୁ ବୋଲି ବିଧାୟକ ବାହିନିପତି ଆହ୍ୱାନ ଦେଇଛନ୍ତି । କ୍ଷୀର କ୍ଷୀର ପାଣି ପାଣି ହୋଇଯାଉ । ଜଗନ୍ନାଥ ସାଗର କାଯ୍ୟରେ ଦୁର୍ନିତି ହୋଇଥିବା ଅଭିଯୋଗ ଆଣିବା ପଛରେ ବିଜେଡି ର ମନ୍ଦ ଉଦ୍ଦେଷ୍ୟ ରହିଛି । ପୌର ପାଳିକାର ୧୫ ଜଣ ବିଜେଡି କାଉନସିଲର ଅଛନ୍ତି ବିଜେଡିର ଉପାଧକ୍ଷ ଅଛନ୍ତି । ଜଣେ ୨ ଜଣକୁ କୁ ଛାଡିଲେ କେହି ଅଭିଯୋଗ । ଅଭିଯୋଗ କାରିଙ୍କ ସହ ନାହାଁନ୍ତି । ଯାହା ହେବ ଟେଣ୍ଡର ରେ ହେବ ବୋଲି ବିଧାୟକ ଆଗରୁ କହିଛନ୍ତି । ଏସଏଚଜି ଗ୍ରୁଫ କୁ କାମ ଦେବା ପାଇ ପୁବତନ ବିଜେଡି ସରକାର ନିଦ୍ଦେଷ ଦେଇଥିଲେ। ଏହାକୁ ବିଧାୟକ ବାହନିପତି ବିରୋଧ କରିଥିଲେ । ସେତେ ବେଳେ ଏଠାର ବିଜେଡି ନେତା ମାନେ ହିଁ ଟେଣ୍ଡର କରିବାକୁ ମନା କରିଥିଲେ । ବର୍ତମାନ ଯେଉଁ କାଉନସିଲରେ ୯ କୋଟି ଟଙ୍କା ଆସିଛି । ଯାହାକି ଟେଣ୍ଡର ହୋଇଛି । ବର୍ତମାନ ଏହା କ୍ଲିନ ରେ ଅଛି । ଏହାକୁ କିଏ ବିରୋଧ କରିପାରିବେ ନାହିଁ । ଯାହାକି ଦୁର୍ନିତି ହୋଇ ବିଜେଡି ସମୟରେ ହୋଇଛି । ବିଜେଡି କାଉନସିଲ ଥିବା ସମୟରେ ଏସଏଚଜି ଗ୍ରୁଫ କୁ ଦାୟିତ୍ୱ ଦେଇଥିଲେ । ତୁରନ୍ତ ପେମେଂଟ କରିବାକୁ ବିଜେଡି କାଉନସିଲର ମାନେ ଦାବି କରିଥିଲେ । ଯଦି ବିଜେଡି ଦୁର୍ନିତି ହୋଇଛି ବୋଲି କହୁଛି ତେବେ ଏସଏଚଜିର ପେମେଂଟ ହେବ ନାହିଁ ବୋଲି ରୋକ ଠକ ମନା କରିଥିଲେ ବିଧାୟକ ବାହିନିପତି । ବିଜେଡି କାଉନସିଲ ସମୟରେ ଦୁର୍ନିତି ହୋଇଥିବା ବେଳେ ଭିଜିଲାନ୍ସ ୧୦ଟି ଫାଇଲ ବର୍ଷ ବର୍ଷ ସଂଖ୍ୟା ପଡିଥିଲା । ତତ କାଳିନ ସରକାରକୁ କହି ସେହି ଫାଇଲ ମଗାଇଥିଲେ ଯାହାକି ତଦନ୍ତ ହୋଇ ନାହିଁ । କଂଗ୍ରେସର ସରକାରି ନାହିଁ । ଭିଜିଲାନ୍ସ ତଦନ୍ତ କର ବୋଲି ଚେଲେଞ୍ଜ ଦେଇଥିଲେ । ବଜେଟରେ କିଛି ଟଙ୍କା ଅଛି । ଜୟପୁର ସହର ସୌନ୍ଦଯ୍ୟ କରଣ କରବାକୁ ଉଦ୍ୟମ ଆରମ୍ଭ ହୋଇଛି । ଭିଜିଲାନ୍ସ ମାମଲା ହେଲେ ରାଜ୍ୟ ସରକାର ଟଙ୍କା ଦେବେ ନାହିଁ । ଫଳରେ ସୌନ୍ଦଯ୍ୟ କରଣ ହୋଇପାରିବ ନାହିଁ । କାମ ହୋଇ ପାରିବ ନାହିଁ ବିଧାୟକ ବାହିନିପତି କୁ ବଦନାମ କରିବାକୁ ବିଜେଡି ଓ ବିଜେପି ଚେଷ୍ଟା କରୁଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଅଭିଯୋଗ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ମାର୍ଚ୍ଚ ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୨୮ ବିଚରା ସୋପାକା (ଖ)



ଗୋଟିଏ ମୁହୂର୍ତ୍ତରେ ସୋପାକାର ବନ୍ଧନ ତୁଟାଇ ଦେଲେ ଏବଂ ଜେତଭାନା ମନ୍ଦିରରେ ବୁଦ୍ଧଙ୍କ ସମ୍ମୁଖରେ ସେ ଠିଆ ହୋଇଗଲା।

ସୋପାକା ନିଜ ଆଖି ଏବଂ କାନକୁ ବିଶ୍ୱାସ କରିପାରିଲା ନାହିଁ। ଯଦିଓ ବୁଦ୍ଧ ଶ୍ମଶାନରୁ ବହୁତ ଦୂରରେ ରହୁଥିଲେ, ତଥାପି ସୋପାକାର କ୍ରନ୍ଦନ ଶୁଣି ସେ ଏକ ଅତି ଉଜ୍ଜ୍ୱଳ ଆଲୋକ ସୃଷ୍ଟି କରି ତାହାକୁ ତା' ନିକଟକୁ ପଠାଇଲେ ଏବଂ ବାଳକଟି ନିଜ ଶକ୍ତି ବଳରେ ରଶିକୁ ଛିଡ଼ାଇଦେଲା। ଯେତେବେଳେ ଏହି ନିରୀହ ବାଳକଟି ମନ୍ଦିରକୁ ଆସିଲା, ବୁଦ୍ଧ ତାକୁ ଗାଧୋଇଦେଲେ, ଖାଇବାକୁ କିଛି ଖାଦ୍ୟ ଦେଲେ, ପିନ୍ଧିବାକୁ ପୋଷାକ ଦେଲେ ଏବଂ ସାନ୍ତ୍ୱନା ଦେଲେ।

ଯେତେବେଳେ ଦୁଷ୍ଟ ସାବତ ବାପା ଘରକୁ ଫେରିଲେ, ସୋପାକର ମାଆ ତାଙ୍କୁ ପଚାରିଲେ, "ମୋ ପୁଅ କେଉଁଠି ?"

ଦୁଷ୍ଟଲୋକଟି କହିଲା, "ମୁଁ ଜାଣେ ନାହିଁ। ସେ ମୋ ପୂର୍ବରୁ ଘରକୁ ଆସିଥିଲା ଏବଂ ମୁଁ ଭାବିଥିଲି ସେ ଶୋଇପଡ଼ିଥିବ।" ମାତ୍ର ମା' ସାରାରାତି ଶୋଇପାରିଲେ ନାହିଁ। ସେ ସୋପାକର କଥା ଭାବି କାନ୍ଦି ଚାଲିଥିଲେ।

ପରଦିନ ସକାଳେ ସେ ଭାବିଲେ, ବୁଦ୍ଧ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ - ସବୁକିଛି ଜାଣନ୍ତି। ମୁଁ ନିଶ୍ଚିତ ମନ୍ଦିରକୁ ଯିବି ଏବଂ ମୋ ପୁଅ କାହିଁ ବୋଲି ପଚାରିବି। ତପ୍ରରେ ସେ ମନ୍ଦିରକୁ ଗଲେ।

ବୁଦ୍ଧ ତାଙ୍କୁ ପଚାରିଲେ, "ଭଉଣୀ, ତୁମେ କାହିଁକି କାନ୍ଦୁଛ ?"

ମହିଳା ଜଣକ କହିଲେ, "ହେ ପ୍ରଭୁ ! ମୋର ଗୋଟିଏ ବୋଲି ପୁଅ। ଗତକାଲି ସନ୍ଧ୍ୟାରୁ ସେ ନିଖୋଜ ଅଛି। ମୋ ସ୍ୱାମୀ ତାକୁ ବୁଲାଇବାକୁ ନେଇ ଘରକୁ ଫେରିବାପରେ କହିଲେ ଯେ ମୋ ପୁଅର କ'ଣ ହୋଇଛି ସେ ଜାଣନ୍ତି ନାହିଁ।"

"ଚିନ୍ତା କର ନାହିଁ ଭଉଣୀ, ତୁମ ପୁଅ ସୁରକ୍ଷିତ ଅଛି।" - ଏହା କହି ବୁଦ୍ଧ ତାଙ୍କୁ ସୋପାକକୁ ଦେଖାଇଲେ; ଯିଏ ବର୍ତ୍ତମାନ ପୁଅ ଭାବରେ ନଥିଲା, ଜଣେ ସନ୍ନ୍ୟାସୀ ହୋଇ ଯାଇଥିଲା। ମାଆ ତାଙ୍କ ପୁଅକୁ ପୁନର୍ବାର ଦେଖି ବହୁତ ଖୁସି ହେଲେ। ବୁଦ୍ଧଙ୍କ ଉପଦେଶ ଶୁଣିବା ପରେ ସେ ତାଙ୍କୁ ବହୁତ ଧନ୍ୟବାଦ ଦେଲେ ଏବଂ ବୁଦ୍ଧଙ୍କ ଅନୁଗାମୀ ହୋଇଗଲେ (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମନଗହନର କଥା...



ୱାର୍ଡ୍‌ସ୍‌ୱାର୍ଥ, ପେଟ୍ରାକ, ସାର ଫିଲିପ ସିଡ଼ନୀ, କିଟସ ପ୍ରଭୃତି ଯେପରି ନିଜର ପ୍ରଣୟ ଚେତନାକୁ ସିନେଟ୍ ମାଧ୍ୟମରେ ପ୍ରକାଶ କରିଛନ୍ତି ତାର ତୁଳନା ନାହିଁ। ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ନିଜର ପ୍ରେମାନୁଭବକୁ ଏଭଳି ନିଜ ସୃଷ୍ଟି ସର୍ଜନାରେ ରୂପ ଦେଇଛନ୍ତି ଯାହା ଅମର, ଅବିନଶ୍ୱର, ମିଳନ ଅପେକ୍ଷା ବିରହାନୁଭୂତି ହିଁ ହୋଇଛି ଅନେକ ସ୍ରଷ୍ଟାଙ୍କ ଜୀବନର କାଳଜୟୀ ସାୟରୀ, ଯାହା ଜୀବନକୁ ବୁଝିବାକୁ, ଚିହ୍ନିବାକୁ, ପଢ଼ିବାକୁ ଖୋରାକ ଯୋଗାଏ। ମୋର କହିବାରେ ଦ୍ୱିଧାନାହିଁ ଯେ ପ୍ରେମରେ ବ୍ୟଥା, ବିରହ ମୋତେ ଜୀବନର ଆଉ ଏକ ଅନୁଭବ ସହ ଏକାତ୍ମ କରିଛି। ଜୀବନର ଅନ୍ୟ ଏକ ଦିଗକୁ ମୁଁ ଛୁଇଁ ପାରିଛି। ଅନେକ ସମୟରେ ମୋତେ ଆଶ୍ୱାସନା ଦେଇଛି ଏଇଥିପାଇଁ ଯେ କେହିତ ଅଛି ଆଜିବି ମୋ ପାଇଁ ଯାହା ସହିତ ମୁଁ ମୋର ଦୁଃଖ ସୁଖ ବାଣ୍ଟି ପାରୁଛି। କେହିତ ମୋ ନେପଥ୍ୟରେ ରହି ଏବେବି ଜୀବନ ସଙ୍ଗୀତ ଗାଉଛି, ଯେଉଁ ସଙ୍ଗୀତ କି ମୋତେ ସୃଜନୀ ଶକ୍ତିକୁ ବଢ଼ାଇବା ସହିତ ବିବର୍ଣ୍ଣ ଜୀବନ ଉପରେ ରଙ୍ଗର ପ୍ରଲେପ ଦେଉଛି। ସତରେ ଜୀବନରେ ସବୁ ମିଳେ ନାହିଁ। ମିଳେନାହିଁ ବୋଲି କଣ ବ୍ୟଥା ବିରହକୁ ବୁଜୁଳି କରି ଜୀବନ ଉପରୁ ଆସ୍ଥା ହରାଇବ ? ଏହାର ଉତ୍ତର ମୁଁ କହିବି ନା। ଜୀବନରେ ଯାହା ମିଳୁ ତାକୁ ସକାରାତ୍ମକ ଭାବରେ ଗ୍ରହଣ କରିବାକୁ ହେବ। କାହାକୁ ଦୋଷ ଦେଇ ଭାଗ୍ୟ ବା କପାଳଲିଖନ ବୋଲି ଛାଡ଼ିଦେଲେ ଅନେକ ପରିମାଣରେ ହାଲକା ଲାଗିବ। ତାହାହିଁ ହୋଇଛି ମୋ ଜୀବନରେ। ସମୟକୁ କାଗଜର ଡଙ୍ଗା କରି ମୁଁ ବୟସର ପାଣିରେ ଛାଡ଼ି ଦେଇଛି। କପାଳ ଲିଖନ ଭାବି ଅନେକ ରକ୍ତାକ୍ତ ଅନୁଭବକୁ ଆପଣାଇ ନେଇଛି। କେତେ ଅଧାଲେଖା ପୃଷ୍ଠା ମୋ ଜୀବନରେ ଯୋଡ଼ି ହୋଇ ଯାଇଛି। କେତେ ସଜଳ ପୃଷ୍ଠା ଲୋଚାକଚା ହୋଇ ଡଷ୍ଟବିନରେ ଫୋପଡ଼ା ହୋଇଛି। ସବୁତ ସମସ୍ତଙ୍କୁ ଜୀବନର ମିଳେନା। ମିଳେନା ବୋଲିତ ବିରହର ଏତେ ରାଗ, ବୈରାଗ୍ୟ ଏତେ ଗୀତ, ସ୍ରଷ୍ଟାର ସୃଜନୀର ଏତେ ଚରିତ୍ର, ଏତେ ବର୍ଣ୍ଣାଢ଼୍ୟ ଶବ୍ଦ ବିଭବ। ବିରହ ସତ୍ତ୍ୱେ ଭଲପାଇବା ଆଜି ବି ମୋ ଲାଗି ସବୁଜ, ନିଆରା, ଅମୃତବୋଳା । ସୃଜନୀରେ ରୁଚି ରଖୁଥିବା ଜଣେ ସ୍ରଷ୍ଟା ଜୀବନରେ ଯଦି ପ୍ରେମ ନଥାଏ, ସେ ଯଦି ଭଲପାଇବାର ନିବିଡ଼ ବର୍ଷାରେ କେବେ ଭିଜି ନଥାଏ, ତେବେ ମରୁଭୂମି ତୁଲ୍ୟ ସେ ଜୀବନ। ମିଳନ ହେଉ କି ବ୍ୟଥା, ବିରହ ହେଉ କି ପ୍ରେମ ସବୁବେଳେ ମଦିରା ପାଲଟେ। ସେଠି ବୟସ ହାର ମାନେ।

**- ଡ. କବିତା ବାରିକ**

ଭୁବନେଶ୍ୱର
(ମୋ)୯୪୩୭୧୧୭୬୨୭

## ପାଉଁଜିର ପାଣ୍ଡୁଲିପି-୧୦

**ବିପିନ ମହାନ୍ତି**

### ଯୁଆନ ରାତିର ଶୋକ



ସଂଜ ନଇଁଗଲେ ମଞ୍ଚରେ ମୋଅର ରଞ୍ଜକ ଲଗାଏ କେହି
ଖଂଜ କରି ମୁଁ ଖଞ୍ଜାରୁ ବାହାରେ କେହି ବି ଜାଣନ୍ତି ନାହିଁ
ଆଗକୁ ଦି' ପାଦ ପଡେ ମୋର ପାଦ ପଛକୁ ଫେରଇ ପାଦେ
କୋଠିରେ ପହଞ୍ଚି ବାଇର ହାତରୁ ପ୍ରଥମେ ପିଏ ମୁଁ ମୁନ୍ଦେ ।

ପିଇଦେଲେ ଢୋକେ ମନଇଚ୍ଛା ବକେ ବାହାରେ ନବାବ ଠାଣି
ସରାବ ଜାଣିଛି ସରେଇ ଘରେ ମୁଁ ଖେଶଜେ ଅନେଶତ ରାଣୀ
ପାଉଁଜି ଖେଶଲିକି ଘୁଙ୍ଗୁର ବାନ୍ଧିଲେ ଛମଛମ ରାତି ଝୁମେ
ମୁଜୁରାରେ ମୋର ମନ ମୋହିଦେଲେ ବାଚାଳାମି ଟିକେ କମେ ।

ହୋସରେ ଥାଇ ବେହୋସ ହେବାର ସବୁ କଳା ମୋତେ ଜଣା
ସୁରା ସାକୀ ସଉକ ସାଥେ ମୁଁ କରେନାହିଁ ବୁଝାମଣା
ଶେଷ ହେବାଯାଏ ସୁରେଇରୁ ସୁରା ପିଇବାଟା ମୋର ଥୟ
ଥକିଯାଏ ନାହିଁ ନର୍ତ୍ତକୀର ପାଦ ମୋତେ ତା' ହାଏଲେ ଭୟ ।

ଯୁଆନ ରାତି ମୋ ଯାଆନ ଜିଗର ସରାବେ ଥାଏ ମୁଁ ଚୁର୍
ଯବାନୀ ଜିନେକେ ଲିଏ ହେ ଜନାବ ମୁଁ ଆଦତ୍ ସେ ମଜବୁର ।

❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ..... କବିତା .....

### ॥ ଅସଂପୂର୍ଣ୍ଣ ॥

**ସୁଶୀଲ କୁମାର ପାଣିଗ୍ରାହୀ**



ଚାହୁଁନାହିଁ ଆଜି
ନିଜ ଅସ୍ତିତ୍ୱର ପାଦଚିହ୍ନକୁ
ଅସ୍ୱୀକାର କରିବାକୁ
ଯଦିଓ ବିନ୍ଦୁଟିଏ ବି ଚାହେଁ ବିସ୍ତାର
ଚାହୁଁନାହିଁ ଆଜି
ମାଟି ଛାଡିଦେବି
ଆକାଶ ବି ପାଇବି ନାହିଁ ।

ମୁଁ ଅପେକ୍ଷାରେ ଅଛି
ସାକାର ହେବାକୁ ଶୂନ୍ୟତାରେ
ଜାଣିଛି ଗୋଟିଏ ଗୋଟିଏ ଶସ୍ୟ ଥାନାରେ
ମାଣ ପୂରିବାକୁ ସମୟ ଲାଗେ ।

ଏତେ ବି ଆତୁର ନୁହେଁ
ଅପେକ୍ଷାରେ ହିଁ ରାତି ପାହେ
ଧୀରେ ଧୀରେ ଫୁଲ ପାଖୁଡ଼ା ଖୋଲେ
ପ୍ରତିଟି ମୂହୂର୍ତ୍ତ ମୋର ମୂଲ୍ୟବାନ
ଜାଣିଛି
ଗୋଟିଏ ଗୋଟିଏ ଜଳ ବୁନ୍ଦାରେ
କିରଣର ବିଚ୍ଛୁରଣରେ ଇନ୍ଦ୍ରଧନୁ ସୃଷ୍ଟି ହୁଏ।

କେବେ ଯଦି ନୀଳଆଖି
ହେବ ମୋର
ତା ପରେ ମୁଁ ଉଡିବି ।

ମୁଁ ପକ୍ଷୀଟିଏ ସ୍ୱପ୍ନରେ
ଏବେ ବି।

❤ କଲ୍ୟାଣୀ ରେସିଡ଼େନ୍ସି,
ମୁଦିପଡା, ସମ୍ବଲପୁର
(ମୋ) :୮୧୪୪୨୨୮୨୦୨

### ॥ ଫଗୁଣ ଲଗନେ ॥

**ଡ. ଶ୍ରୀଧର ସାମଲ**



ମଧୁ ବସନ୍ତର ଅଳସୀ ସଞ୍ଜରେ
ଝରା ବଉଳର ବାସ,
ବିଦାୟୀ ଶୀତର ଝାପ୍ସା କୁହୁଡ଼ିରେ
ଛାତିତଳେ ଦୀର୍ଘଶ୍ୱାସ ।

ମଧୁଝରା ଏଇ ଫଗୁଣ ଲଗନ
ସତେକି ମହୁଲି ନିଶା,
ଅଳ୍ପ ଶୀତ ଅଳ୍ପ ଖରାର ଆସର
ମିଳନର ଅଭିଳିପ୍ସା ।

ସହର ଶୋଇଛି ଗହଳ ନିଦରେ
କାକର ଚାଦର ତଳେ,
ସ୍ମୃତି ଉର୍ମିମାରେ ଭାବନା ରାଇଜେ
କବିତାର ଅନ୍ତରାଳେ ।

ଚୋରା ଚଇତାଳି ଦେହେଦିଏ ବୋଳି
ମନ୍ତ୍ରମୁଗ୍ଧ ଅନୁଭବ,
କାଳ ବୈଶାଖୀରେ ମୃଗତୃଷ୍ଣା ଭ୍ରମ
ବିଶ୍ୱାସରେ ପ୍ରଶ୍ନଦାଗ ??

ହୋଲି ରଙ୍ଗ ସିନା ଗୋଲାପୀ ଗୋଲାପୀ
ମନରେ ଲଗାଏ ନିଆଁ,
ସେ ନିଆଁରେ ଜଳେ ସ୍ମୃତିର ଦୀପାଳି
ଅନୁଭବ ମନଛୁଆଁ.. ।

ଫଗୁଣ ଗୋ ତୁମେ ! ଆଦ୍ୟ ବସନ୍ତର
ପ୍ରୀତିଭରା ଅଭିସାର,
ଶୀତଳ ସମୀର ଜୋଛନା ରାତିରେ
ପ୍ରୀତିପୂର୍ଣ୍ଣ ଉପହାର ।

କେଉଁ ଶବ୍ଦ ନେଇ ଅଙ୍କିବି କବିତା
କାହାଣୀ ରହିଛି ଅଧା,
ପ୍ରତିଶ୍ରୁତି ପ୍ରତାରଣାର ସହରେ
ଜୀବନ ପଡିଛି ବନ୍ଧା ।

❤ ସମ୍ପାଦକ : ମୌସୁମୀ,
କେନ୍ଦ୍ରାପଡା
(ମୋ) ୯୪୩୭୬୦୭୯୯୭

### ॥ ବାଘ ମୁହଁରେ ॥

**ସସ୍ମିତା ଦାସ**



ଆଜି ମୋ' ଆଖିରେ ନିଦ ନାହିଁ
ଅନୁଭବ କରୁଛି ଶିହରଣ
କିଏ ଯେପରି ଦୁଇଗୋଡ଼ ଦୁଇହାତ
ମୋ' ଠୁ ଅଲଗା କରିଦେଇଛି ।

କିପରି ଗୋଟେ ଯନ୍ତ୍ରଣାରେ
ଛଟପଟ ମୋ' ସମଗ୍ର ଶରୀର,
ଅସମ୍ଭବ ଭାବେ ଥରୁଛି
ମୋ' ଅସ୍ତିତ୍ୱ, ମୋ' ନାରୀତ୍ୱ
ସମଗ୍ର ପୃଥିବୀ ।

ଯେପରି କେହି ମୋ' କଳିଜା କାଢିନେଇ
ଟୁକୁଡ଼ାଟୁକୁଡ଼ା କରି
ପୁଳାପୁଳା ଗଣ୍ଠୁଲି ବାନ୍ଧିଛି ।

ଆମ ଦୂରତା ଯେପରି
ଗଣ୍ଠୁଲିର ଭାଗ ମଧ ସେପରି
ଅସାଧାରଣ ଥିଲା, ଆମ ଦୁହିଁଙ୍କ ସମ୍ପର୍କ ।

ପ୍ରତିଟି ହାଡ଼ସନ୍ଧିରେ ଅଜସ୍ର ଯନ୍ତ୍ରଣା
ଯେପରି ଚୁମ୍ବନ ଓ ମରଣ
ଦୁଇଟି ଯାକ ଭୋଗ କର ।

ସନ୍ୟାସିନୀ ପରି ନୁହେଁ
ମୁଁ ବଞ୍ଚିବାକୁ ଚାହେଁ, ମୋ' ନିଜ ଇଚ୍ଛାରେ
ମୋ' ବିନ୍ଦୁବିନ୍ଦୁ ରକ୍ତରେ ଗଢ଼ିବି ମୁଁ
ସୁନ୍ଦର କମନୀୟ କଣ୍ଢେଇଟେ ।

ତା' ଦେହରେ ଡେଣା ମୁଁ ସଜାଡ଼ିବି
ହୀରା, ଲୀଳା, ମୋତି, ମାଣିକ୍ୟ ଖଞ୍ଜିବି
ମୁଁ ନିଦ୍ରାହୀନ ହୋଇ
ତା' ଆଖିରେ ସ୍ୱପ୍ନ ଭରିବି।

ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ଯେ !

ଏ ଶରୀର ମୋ'ର, ଏ ମନ ମୋ'ର
ଏ ଆତ୍ମା ମୋ'ର
ତୁମେ ଯେ କେବଳ ଦେଇଛ
ସାନ୍ନିଧ୍ୟ ଅତି ଚତୁରତାର ସହ ।

ମୋ' ଦେହ ସହ, ଦେହ ଜଡାଇ ଧରିଛ
କ୍ରମଶଃ ରକ୍ତାକ୍ତ କରିଛ
ସମୟ ପାଇଲେ ଉପଭୋଗ କରିଛ
ସମୟ ପାଇଲେ ଚନ୍ଦନ ଲେପିଛ
ଆଙ୍ଗୁଠିରେ ଆଙ୍ଗୁଠିକୁ ଚଳାଇ
ନିର୍ଦ୍ଦିଷ୍ଟ ଦୂରତାର ପରିସୀମା ବୁଝାଇ ଦେଇଛ ।

ବାଘ ମୁହଁରେ ଛାଡ଼ିଦେଇ ଚାଲିଗଲ
ପିଠିକରି ଆଗକୁ ଆଗକୁ,
ଭାଗ ବାଣ୍ଟିଥିବା ଦୁଃଖରୁ ବେଶି ବଡ଼ ଭାଗ
ଥିଲା ମୋ' ଭାଗରେ
ଭୋଗୁଥିଲି ମୁଁ ଏକାଏକା
ଅବୁଝା ମନଟା ଶ୍ୟାମଳ
ପୃଥିବୀରେ ଏକା ପଡ଼ିଗଲା ।

❤ ସଂପାଦିକା : ନୀଳକଇଁ
(ମୋ) ୯୪୩୭୪୪୯୪୮୨

### ॥ ଚାରୁଲତାର ଲୁହ ॥

**ଶରତ କୁମାର ଦାସ**



ରାତି ଟିକେ ବେଶି ହେଲେ
ଅନ୍ଧାରର ଛାଇ ଦୁଶେ
କବାଟ କୋଣରେ ଥାଇ
ଚାରୁଲତା କଇଁ କଇଁ କାନ୍ଦେ

ସେ କନ୍ଦରେ ଯେତେ ନ ଥାଏ ଲୁହ
ବରଂ କୋହଭର୍ତ୍ତି ଅଖି ଯୋଡ଼େ
ଦୁଶୁଥାଏ ଛଳ ଛଳ

ବାହାରେ ରିମ ଝିମ ବର୍ଷାର ସ୍ୱର
କୁକୁରଙ୍କ ବିକଟ ଚିତ୍କାର
ଲାଇଟ ପୋଷ୍ଟ ତଳୁ ଘଣ୍ଟା କଣ୍ଟା
ସୂଚେଇଦିଏ
ସମୟ ଏବେ ରାତି ଗୋଟାଏ ପନ୍ଦର ।

ଏ ଯାଏ ବି
ଚାରୁଲତା ଆଖିକୁ ଛୁଇଁ ନ ଥାଏ ନିଦ
ତକିଆରେ ଭିଡି ମୋଦି ହଉଥାଏ
ସାପ ପରି ଦୀର୍ଘଶ୍ୱାସ
ବିରହ ବେଦନା ଏତେ କଷ୍ଟ ଜାଣିକି ବି
କାହିଁକି ଭଲପାଏ ଚାରୁଲତା
ଏଇ ତା'ର ମନତଳ ପ୍ରଶ୍ନ

ସକାଳର ପାତଳ ଖରାଏ
ଶୁଖୁଥାଏ ଚାରୁଲତା ଆଖିର ଲୁହ
ଯେଉଁଠି ଡାଳିମ୍ବ ପେନ୍ଥାର ହସ
ଲୁଚି ଲୁଚି ଚୁମୁଠାଏ
ଭିଜା ଭିଜା ଶାଢ଼ିର ପଣତ ।

ଠିକ ସେତେବେଳେ
ଶୂନଶାନ ଆକାଶ ଛାତିରେ
ନୀଡ ରଚୁଥାଏ ଯେଉଁ ଅଜଣା ପକ୍ଷୀଣୀଟେ
ସେ କେହି ନୁହେଁ, ପ୍ରିୟତମା ଚାରୁଲତା ।

ଓହୋ !
ଜଳି ଜଳି ଲିଭିଯାଉଥିବା
ସଞ୍ଜ ସଳିତାଟି ପରି
ଭାରି ଅଭିମାନିନୀ ସେ ।

❤ ପାଲୁର ବଙ୍ଗଳା, ବ୍ରହ୍ମପୁର
(ମୋ) ୯୮୬୧୪୦୨୪୭୩

### ॥ ଜୀବନ ଗୀତ ॥

**ଯୋଗେଶ ଦାସ**



କେତେ ରାଗ ରୋଷ ମିଠା ଅଭିମାନ
କେତେ ହସ ଖୁସି ଦିନ,
ନିଜ ଗାଁ ମାଟି ଆତ୍ମୀୟ ସ୍ୱଜନ
ସାଙ୍ଗ ସାଥୀ ସୁଖ
କେମିତି ବି ହୁଏ ଲୀନ !୪

ନିମିଷକେ ଜଳେ ଜୁଇର ନିଆଁରେ
ଏ ଦେହର ବଇଭବ
ପାଉଁଶ ଭିତରୁ ଖୋଜିଲେ ମିଳେନା
ଅହଂକାର ଅବା ଅନୁରାଗ ଅନୁଭବ !!

ଆକାଶ ତାରାଫୁଲେ ଭରା
ସେ ତାରା ସକାଳେ କାହିଁ,
ହସ ଓ ବାସରେ ଭରା ଫୁଲବନ
କେତେବେଳେ ଦିନେ
ମଉଳିଯାଏ କିପାଇଁ !!

କେଉଁଠୁ ଆସେ ମୁଁ କେଉଁଠାକୁ ଯାଏଁ
କିବା ମୋର ପରିଚୟ,
ନାଟକଟି ଲେଖି ମଞ୍ଚ ସଜାଇ
କିଏ ଡାକେ ମୋତେ କରିବାକୁ ଅଭିନୟ ।

ଅଶିଣ ଆକାଶେ ଉଦାସ ବାଦଲ
ଝରା ଶ୍ରାବଣକୁ ଝୁରେ,
ସପନ କେମିତି ଜହ୍ନ ଆଲୁଅରେ
ନଇପଠା ଧାରେ
ବାହୁନି ବାହୁନି ମରେ !

ସଂସାର ଯାକରେ କିଏ ଅବା ଅଛି
ସମୟଠୁ ବଳବାନ,
କିଏ ବା ଦେଖିଛି ସମୟକୁ କୁହ
କାହିଁ ବା କେଉଁଠି,
ଏଇତ ଜୀବନ ଗାନ !!

❤ ଶୂନ୍ୟନୀଡ,ସୋର,ବାଲେଶ୍ୱର
ମୋ: ୮୨ ୬୦ ୬୯ ୭୮ ୭୮

### ॥ ଜଙ୍ଗଲ ॥

**ଅକ୍ଷୟ ପାତ୍ର**



ଜଙ୍ଗଲ :
ଅପସୃୟମାଣ ଶ୍ୟାମଳ ସୌହାର୍ଦ୍ଦ୍ୟ
କ୍ଷୟିଷ୍ଣୁ ଉଚ୍ଛ୍ୱାସ ଦୁରନ୍ତ
କ୍ରମ-ସଂକୁଚିତ ବିତାନ ଆରଣ୍ୟକ ।

ଅବକ୍ଷୟମୁଖୀ ପ୍ରାଣସତ୍ତା ଶୋକାର୍ତ୍ତ
ମାତୃସତ୍ତା ଅଭିହତ
ଗୁଣବତ୍ତା ଲୁଣ୍ଠିତ ।

ଜଙ୍ଗଲ :
ମୃତ୍ତିକା ବୁକୁରୁ ଅବିରତ ନିଃସରଣରତ
ଘନଶ୍ୟାମ ଆଗତ
ନିରତ ବିଘଟନରତ ସର୍ଜନ ଉଚ୍ଚାଟ
ଅଙ୍କୁରଣକାମୀ କାଂକ୍ଷା ପରାହତ ।

ଅଗମ୍ୟ ଅଗମ୍ୟ ପ୍ରତେ ହେଉଥିବା
ଥିତି ଅରକ୍ଷ
ପାଦପହୀନ ଭୂଧର ଓ କ୍ଷୀଣସ୍ରୋତା ଝର୍ଣ୍ଣାର
ଗାଥା ବୃଥାହତ
ଶିଳ୍ପ ଓ ନଗର ସଂକ୍ରମିତ
ଉର୍ଦ୍ଧ୍ୱଶ୍ୱାସ ଶ୍ୟାମଳିମାର ପାଣ୍ଡୁର ଦୃଷ୍ଟାନ୍ତ ।

❤ ଇଂରାଜୀ ବିଭାଗ ମୁଖ୍ୟ
ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିଆକଟା,
ଢେଙ୍କାନାଳ-୨୦
(ମୋ) ୭୦୭୭୯୮୪୯୬୦

(ବି.ଦ୍ର : ପ୍ରକୃତି ଓ ତାର ଶ୍ୟାମଳିମାର ଅବକ୍ଷୟର ପ୍ରତୀକ ଆଜିର 'deforestation' ଯାହା ମଣିଷକୁ asthetic sensibility ଓ value-consciousness ଠାରୁ ଦୂରେଇ ନେଉଛି । ସଂକ୍ଷେପରେ ଏ କବିତାଟି ତାର ଏକ mirror)

# କାଳଜୟୀ ଲେଖା ସମାଜର ଅବସନ୍ନତା ଓ ସ୍ଥବିରତାକୁ ବି ବଦଳାଇ ଦେଇ ପାରିବ : ଉଦୟ ନାରାୟଣ ଦାସ

**ଉଦୟ ନାରାୟଣ ଦାସ** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । କେବଳ ଗଳ୍ପ କି ଉପନ୍ୟାସ ନୁହେଁ ବରଂ ଫିଚର ପ୍ରସ୍ତୁତ କରିବା କ୍ଷେତ୍ରରେ ସେ ଜଣେ ନିଷ୍ଠାପର ବିନ୍ଧାଣି । ନିଜର ଅଙ୍ଗେନିଭା ଅନୁଭୂତିକୁ ଛଳଛଳ ହୃଦୟର ଆବେଗରେ ପଖାଳି ଖୁବ୍ ଯତ୍ନ ସହକାରେ ସେ ଗଢିପାରନ୍ତି କଥାର କୋଣାର୍କ, ସଜାଡି ପାରନ୍ତି ନିଜ ସୃଜନ କ୍ଷେତ୍ର । ତାଙ୍କ ଲେଖାମାନଙ୍କରେ ସେ ଯେମିତି ଖୋଜିପାରନ୍ତି ସମସ୍ୟା ସମାଧାନର ଚାବିକାଠି ସେମିତି ମଧ ସମାଜ ପରିବର୍ତ୍ତନ ପାଇଁ ନେଇ ପାରନ୍ତି ପରୋକ୍ଷ ଭୂମିକା । "ପୁରସ୍କାର କେବଳ ମାତ୍ର ନିରପେକ୍ଷ ଅସ୍ମିତାର ଫାଙ୍କା ଧ୍ୱନିରେ ଚାଲିଛ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**



## ■ ଅଳ୍ପରେ ଉଦୟ ନାରାୟଣ ଦାସ



ଜନ୍ମ: ୯.୭. ୧୯୫୨
ପିତା: ସୁରେନ୍ଦ୍ର ପ୍ରସାଦ ଦାସ
ମାତ: କାଞ୍ଚନ ଦେବୀ
ଜନ୍ମସ୍ଥାନ- ଶ୍ରୀଜଙ୍ଗ,
ବର୍ତ୍ତମାନର ଠିକଣା : ଗୋପାଳ ଗାଁ, ବାଲେଶ୍ୱର
(ମୋ) ୭୭୩୫୯୫୧୩୮୪

**ପ୍ରକାଶିତ ପୁସ୍ତକ**

**ଗଳ୍ପ ପୁସ୍ତକ**

୧- ସ୍ୱପ୍ନ ଦୌଡ
୨- ଶୂନ୍ୟ ଘଟ,
୩- ସୁଖୀ ଲୋକ
୪- ଅଶୁଭ ମଣିଷ
୫- ଶୋଷ
୬- ବନ୍ଦୀ ପ୍ରଜାପତି ଓ ଅନ୍ୟାନ୍ୟ ଗଳ୍ପ
୭- ଆକାଶରେ ଜହ୍ନ ଅଛି
୮- ଖୁସି
୯- ଶୂନ୍ୟ
୧୦- ମଡା ଓ ଅନ୍ୟାନ୍ୟ ଗଳ୍ପ

**ଉପନ୍ୟାସ –**

୧- ଶ୍ରୀଜଙ୍ଗ
୨- ଶତାବ୍ଦୀ ପୁରୁଷ
୩- ରାଧା
୪- ଇରମ

**ଫିଚର୍**

୧- ଗାଁ
୨- ସହର
୩- ଅସି ଦଶକ
୪- କଥା ୟାନ
୫- ଦୃଷ୍ଟି
୬- ସ୍ମୃତି ସମୀକ୍ଷା ଓ ସମସ୍ୟା
୭- ସତ ମଣିଷ
୮- ବାପା
୯- ମନେ ପଡେ ଗାଁ
୧୦- ବୁଢା
୧୧- ଘର

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସୃଜନ କର୍ମର ଆଦ୍ୟ ସ୍ଫୁରଣ ଏମିତି ହେଇ ଥିଲା ମୋ ଜୀବନରେ । ମୁଁ ଫେରି ଯାଉଛି ମୋ ଶୈଶବ ଦିନକୁ ଏଇ ପ୍ରଶ୍ନର ଉତ୍ତର ଲେଖିବା ପାଇଁ । ସ୍ମୃତିର ଦୁଆର ଖୋଲି ଦେଲେ ଦେଖା ଯାଉଛି ମୋ ଗାଁ ଶ୍ରୀଜଙ୍ଗର ସବୁଜ ବନାନୀ ବେଷ୍ଟିତ ଆମ ଅଧା ଭଙ୍ଗା ଚାଳ ଘର । ତା ପଛକୁ ଅଙ୍କା ବଙ୍କା କଣ୍ଟିଆ ଚରା ନଇ, ଅଚ୍ୟୁତ ସାଗର ଓ ମଲ୍ଲିକା ସାଗର ନାମିତ ଦୁଇଟି ବଡ଼ ଐତିହାସିକ ପୋଖରୀ, ବରଗଛ ଓହଳ, ଚନ୍ଦନ ମଣ୍ଡପ, ପୂର୍ବ ଦିଗର ଘୋ ଘୋ ସମୁଦ୍ର, ଝାଉଁ ବଣ, ଭୂତ ଭଳି ଡେଙ୍ଗା ଡେଙ୍ଗା ତାଳ ଗଛ, ଯୁଗେଶ୍ୱରୀ ମନ୍ଦିର, ବଡମ୍ବା ଠାକୁରାଣୀ ଓ ଗାଁ ମଝିରେ ମୋ ପାଠ ପଢା ପ୍ରାଥମିକ ବିଦ୍ୟାଳୟର ବେତ ଧରି ଛିଡା ହେଇଥିବା ମୋତେ ପଢାଇ ଥିବା ସଚି ଗୁରୁଜୀ, ହରି ଗୁରୁଜୀ ଓ ବିଷ୍ଣୁ ସାର । କାଳର କେଉଁ ବିସ୍ମୃତ ଗର୍ଭରେ ଲୀନ ହେଇ ଗଲାଣି ସେଇ ଦିନର କାର୍ତ୍ତିକ ମାସରେ ଆମ ଗାଁ ମନ୍ଦିରରେ ପ୍ରସାଦ ବଣ୍ଟନ । ପ୍ରତିଦିନ ସକାଳେ ବୈଷ୍ଣବ ମାନଙ୍କ କୀର୍ତ୍ତନ, ବିଭୋର ନାଚ ଇତ୍ୟାଦି । ପ୍ରତି ସକାଳେ ଯାଇ ମୁଁ ସେଇ ମନ୍ଦିରରେ ପହଂଚି ଦୁଇଟି ଖେଚୁଡ଼ି ପୁଡିଆ ଆଣି ମୋ ଭାଇ ଭଉଣୀଙ୍କ ସହିତ ମିଶି ଖାଉଥିଲି । ସେଇ ଖେଚୁଡ଼ି ଭୋଗର ଯେଉଁ ସ୍ୱାଦ ସେତେବେଳେ ପାଇଥିଲି ତାହା ଆଜି ଯାଏ ମୁଁ ଯେତେ ଭୋଜନ ଭିତରେ ବି ପାଇ ନାହିଁ । ଏଇ ଖାଇବା କଥାରୁ ଆଉ ଗୋଟେ କଥା ମୋ ମନକୁ ଆସୁଛି । ଆମ ଘରକୁ ଲାଗି ଆଉ ଜଣେ ଧନୀ ଲୋକଙ୍କ ଘର । ତାଙ୍କ ପୁଅ ମୋ ଠୁଁ ଦୁଇ ବର୍ଷ ସାନ । ସେ ଗୋଟେ ପୋଡ଼ ପିଠା ଖାଉଁ ଖାଉଁ ଆମ ଘରକୁ ଅସିଥିଲା ମୋ ସହିତ ଖେଳିବାକୁ । ସେଇ ସୁଆଦିଆ ପିଠାରୁ ସେ ଖଣ୍ଡେ ମୋତେ ଖାଇବାକୁ ଦେଇଥିଲା । କିନ୍ତୁ ସେ ପିଠାକୁ ମୁଁ ପାଟିରେ ଦେଉଁ ଦେଉଁ ତା ଜେଜେ ମା ଆସି ସେଇ ପିଠା ଖଣ୍ଡକୁ ମୋ ପାଟିରୁ କୋରି ବାହାର କରି ନେଇଥିଲେ । ମୁଁ ବିକଳରେ ଅନାଇ ରହିଥିଲି ସେଇ ସ୍ୱାଦିଷ୍ଟ ପିଠା ଖଣ୍ଡକୁ । ମୋ ଆଖିରୁ ଝରି ପଡୁ ଥିଲା ଲୁହ ବିନ୍ଦୁ ସବୁ । ମୋ କିଶୋର ହୃଦୟରେ ସେଇଦିନ ବିଦ୍ରୋହ ଆସିଥିଲା । ସମାଜରେ କିଛି ଲୋକ ଭଲରେ ବଞ୍ଚିଥିଲା ବେଳେ କାହିଁକି ସହସ୍ର ଲୋକ ଖାଇବାକୁ ପାଇ ନଥାନ୍ତି ? ଏଇ କଥା ଅନେକ କାହାଣୀ ମୋତେ ରାତିରେ କହୁଥିବା ଜେଜେମା'ଙ୍କୁ ପଚାରି ଥିଲି । ସେ କହିଥିଲେ, ଏଇ କଥାର ଉତ୍ତର ଅଛି ଈଶ୍ୱରଙ୍କ ପାଖରେ । ମୋର ଗୋଟେ ଲକ୍ଷ୍ୟ ହେଲା ମୁଁ ଈଶ୍ୱରଙ୍କୁ ଭେଟି ଏଇ କଥା ପଚାରିବି । ମୁଁ ନିରୋଳା ତୋଟାରେ ବସି ଈଶ୍ୱରଙ୍କୁ ଧ୍ୟାନ କଲି ଅନେକ ସମୟରେ । ହେଲେ ଈଶ୍ୱର ଆସିଲେ ନାହିଁ । ବର୍ଷା ଦିନେ ବର୍ଷାରେ ଭିଜି ଭିଜି ସ୍କୁଲ ଯିବା, ବର୍ଷାଦିନେ ଅଧ ରାତିରେ ଗାଁ ଗୋହିରୀରେ ମାଛ ଧରିବା, ଖରାଦିନେ ଆମ୍ବ ତୋଟାରେ ଯାଇ ଆମ୍ବ ଖାଇବା, ବୋହୂଚୋରୀ ଖେଳିବା ଭିତରେ ମୋର ସରି ଯାଇଥିଲା ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀ ପାଠ । ବାପା ଚାହୁଁଥିଲେ ମୁଁ ତାଙ୍କ ସହିତ ବିଲରେ ଚାଷକାମ କରେ । କିନ୍ତୁ ବୋଉର ଇଚ୍ଛା ମୁଁ ପାଠ ପଢ଼ିବି । ନିଷ୍ପତ୍ତି ହେଲା ମୁଁ ମାମୁ ଘରେ ରହି ପାଠ ପଢ଼ିବି । ଯେଉଁଦିନ ମୁଁ ମୋର ପେଣ୍ଟ ସାର୍ଟ ଧରି ମାମୁ ଘର ଯାଉ ଥିଲି, କାହିଁକି କେଜାଣି ନିଛାଟିଆ କାନକଟା ପୋଖରୀ ପାଖରେ ଏକୁଟିଆ ବସି ଭାବିଲି, ମୁଁ ସନ୍ୟାସୀ ହେଇ କୁଆଡେ ଚାଲିଯିବି । ହଠାତ୍ ମୋ ଥଳିରେ ଲୁଗା ଗୁଡ଼ା ଯାଇଥିବା କାଗଜ ଗୋଟେ ମୋ ଆଖିରେ ପଡିଲା । ମୁଁ ପଢ଼ିଲି ସେଥିରେ ଥିବା ଗୋଟେ କିଶୋର ଗପ, ଯାହା ମୋତେ ଥରାଇ ଦେଲା ଓ ମୁଁ ପୁଣି ହେଲି ଜୀବନ ପ୍ରତି ସମ୍ବେଦନଶୀଳ । ଏହାହିଁ ମୋ ସୃଜନ ଜୀବନର ପ୍ରଥମ ହସ୍ତାକ୍ଷର ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ପୁଣି ଗାଁକୁ ଆସି ମେଟ୍ରିକ ପଢ଼ିଲି ପାଖ ଗାଁ ସ୍କୁଲରେ । ବାପା ପ୍ରତିଦିନ ଦ୍ୱିପ୍ରହରରେ ବିଲରୁ ଆସି ଓଡ଼ିଆ ଉପନ୍ୟାସ, ପୁରାଣ, ରହସ୍ୟ ଉପନ୍ୟାସ ଇତ୍ୟାଦି ପଢି ବୋଉକୁ ଶୁଣାଉଥିଲେ । ପଢିଲା ବେଳେ ବି ବାପା ବିକଳ ହେଇ କାନ୍ଦୁଥିଲେ । ବୋଉ ବି ଏସବୁ ବୁଝି କାନ୍ଦୁଥିଲା । ସେଇ ସମୟରେ ପିଲା ମାନେ ଉପନ୍ୟାସ ପଢିବା ମନା । ହେଲେ ବାପା ବିଲକୁ ଚାଲିଗଲେ ମୁଁ ସେଇ ବହି ଆଣି ପଢୁ ପଢୁ ଅଭିଭୂତ ହେଇ ଯାଉଥିଲି । ସେଇ ସମୟରେ ବି ମୁଁ ମୋ ପାଳକ ବାପା ବନବା'ଙ୍କ ଘରକୁ ଯାଉଥିଲି । ତାଙ୍କର ପୁଅ ନ ଥିବାରୁ ସେ ମୋତେ ପୁଅ କରି ଥିଲେ । ତାଙ୍କଠୁଁ ଉପେନ୍ଦ୍ର ଭଞ୍ଜ, ରାଧାନାଥ, ଗଙ୍ଗାଧର, କୃଷ୍ଣ ବାସୁଙ୍କ କବିତା ତଥା ବାପାଙ୍କଠୁଁ ରାମାୟଣ ଓ ମହାଭାରତ ଶୁଣୁ ଥିଲି ରାତି ରାତି ବିନିଦ୍ର ହେଇ । ଏଇ ସବୁ ମୋତେ କିଛି ଲେଖିବାର ପ୍ରେରଣା ଦେଉ ଥିଲା । କଲେଜ ପଢା ବେଳେ ମୋ ଭିତରକୁ ଧୀରେ ଧୀରେ ପଶି ଆସିଲେ, ମନୋଜ, ଭଗବତୀ, ସୁରେନ୍ଦ୍ର, ଅଖିଳ, ରବି, ରାମଚନ୍ଦ୍ର, କନହେଇ ଓ ଜଗଦିଶ । ସେଇ ସମୟରେ ମୋତେ ଗପ ଲେଖିବା ପାଇଁ ଏଇ ସବୁ ଗାଳ୍ପିକଙ୍କ ଗଳ୍ପ ସବୁ ଖୁବ ପ୍ରଭାବିତ କରି ଥିଲା । ହଁ ସାହିତ୍ୟରେ ଗଳ୍ପ ରଚନାର ଆଦ୍ୟ ଗୁରୁ ଭାବେ ମୁଁ ମୋ ବାପା ଓ ପାଳକ ବାପାଙ୍କ ନାମକୁ ହିଁ ସ୍ମରଣ କରିବି ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମାଜ ରହିଲେ ସାହିତ୍ୟ ରହିବ । ପ୍ରଥମ ଲକ୍ଷ୍ୟ ଗୋଟେ ପରିପୁଷ୍ଟ ସୁସ୍ଥ ସମାଜ ଗଠନ ଦିଗରେ ସାହିତ୍ୟ ସୃଷ୍ଟି ହେବାର ଆବଶ୍ୟକତା ଅଛି । ସମାଜରେ ଆଜି ଅନେକ ସମସ୍ୟା । ସବୁ ସମସ୍ୟାର ସମାଧାନର ଚାବି କାଠି ସାହିତ୍ୟ ଖୋଜୁ । ସମାଜକୁ ଆହୁରି ସୁସ୍ଥ କରୁ ସାହିତ୍ୟ । ସାହିତ୍ୟ ସମାଜକୁ ପରିବର୍ତ୍ତନ କରିବାର ଗୋଟେ ମାଧ୍ୟମ ହେଇ ପାରେ, ଯେମିତି ସମାଜ ବିଜ୍ଞାନ, ବିଜ୍ଞାନ, ସଂଗୀତ, କଳା ଓ ଅନ୍ୟ ତତ୍ତ୍ୱ ସବୁ । କିନ୍ତୁ ସାହିତ୍ୟ, ସମାଜକୁ ପରିବର୍ତ୍ତନର ମୁଖ୍ୟ ଓ ପ୍ରମୁଖ ଭୂମିକା ପ୍ରତି ଯୁଗରେ ନେଇ ଆସିଛି । ଏବେବି ନେଉଛି ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ହେଉ ପଛେ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏଇ କଥାରେ ମୁଁ ଏକମତ । ଏବେ ଆଗ ଅପେକ୍ଷା ଅଧିକ ଗଳ୍ପ ଲେଖା ଯାଉଛି, ହେଲେ ସେଇ ଅନୁପାତରେ ପାଠକ ନାହାନ୍ତି । ଏଇ ସମ୍ପର୍କରେ ମୁଁ ଦୁଇଟି କଥା କହିବି । ପ୍ରଥମ କଥା ପାଠକ ତିଆରିର ଭୂମିକା ସ୍କୁଲ କଲେଜର ଶିକ୍ଷକ ଓ ଘରେ ବାପା ମା' ନେଇଥାନ୍ତି । ସାହିତ୍ୟ ପ୍ରତି ଅଭିରୁଚି ପିଲାଙ୍କ ଭିତରେ ପିତା ମାତା ବା ଶିକ୍ଷକ ପୁରାଇ ଥାନ୍ତି । କିନ୍ତୁ ଆଜି ବାପା ମା ମୁଖ୍ୟତଃ ଟଙ୍କା ରୋଜଗାରର ମେସିନ ପାଲଟି ଯାଇଛନ୍ତି । ସେମାନଙ୍କ ପାଖରେ ପିଲାଙ୍କୁ ଭାବପ୍ରବଣ ବା ସାହିତ୍ୟ ଅନୁରାଗୀ କରିବାର କୌଣସି ପ୍ରକ୍ରିୟା ଏବେ ଦୃଶ୍ୟ ହୁଏ ନାହିଁ । ପ୍ରଥମରୁ ସେମାନେ ପିଲାଙ୍କୁ କେମିତି କମ୍ପ୍ୟୁଟର ଶିଖିବ, ଇଂରାଜୀ ଶିଖି ଭଲ ଚାକିରୀ ଅଭିମୁଖୀ ହେବ ତାହାହିଁ ଦେଖୁଛନ୍ତି । ପୁଣି ଅଧିକାଂଶ ପିଲା ଏବେ ଇଂରାଜୀ ସ୍କୁଲରେ ଭର୍ତ୍ତି ହେଇ ସେମାନେ ଓଡ଼ିଆ ସାହିତ୍ୟ ତ ଦୂର କଥା ଓଡ଼ିଆ ଭାଷାରେ କଥା କହିବା ଲେଖିବା ଭୁଲି ଯାଇଛନ୍ତି । ପୁଣି ଓଡ଼ିଆ ସ୍କୁଲର ଶିକ୍ଷକ ମାନେ ସାହିତ୍ୟର ଫକୀର ମୋହନ, ରାଧାନାଥ, ମେହେର ନାମ କହିଲେ ବୁଝିପାରିବେ ନାହିଁ । ସେମାନେ ବହି ଧରି ପିଲାଙ୍କୁ ପାଠ ପଢାଇ ଦେଲେ ସେମାନଙ୍କ କର୍ତ୍ତବ୍ୟ ଶେଷ ବୋଲି ସେମାନେ ଜାଣି ଥାନ୍ତି । ସେମାନେ ନିଜେ ସାହିତ୍ୟ ଅନୁରାଗୀ ନୁହନ୍ତି, ପତ୍ରିକା ପଢ଼ନ୍ତି ନାହିଁ, ସେମାନେ କେମିତି ସାହିତ୍ୟ ପାଇଁ ପାଠକ ତିଆରି କରିବେ ? ତୃତୀୟ କଥା ଟିଭି, ମୋବାଇଲରେ ଆଜି ଅନେକ କଥା ଅଛି ଯାହା ସାଧାରଣ ଲୋକଙ୍କୁ ବେଶି ମନୋରଞ୍ଜନ କରିପାରୁଛି । ଆଗ ସମୟରେ ସେମାନେ ସାହିତ୍ୟ ପଢି ଚିତ୍ତ ବିନୋଦନ କରୁଥିଲେ, ଏବେ ସେଇ ସବୁ ଅତି ସହଜରେ ମୋବାଇଲ ଯୋଗାଇ ପାରୁଛି । ତେଣୁ ସାହିତ୍ୟ ଏବେ ଅପାଠ୍ୟ ହେଇ ଯାଉଛି ଓ କେବଳ ପତ୍ରିକାରେ ବା ବହିରେ ଛପା ହେଇ ରହିଯାଉଛି । ପୁଣି ଆଉ ଗୋଟେ କଥା ଆଗ ସମୟ ପରି ରାଣ୍ଡି ପୁଅ ଅନନ୍ତା, ଡାକମୁନସୀ, ଶିକାର, ବୁଢ଼ା ଶଙ୍ଖାରି, ଆକାଶ ଦୀପ ବା ସୁଅ ମୁହଁରେ ପତର, କାଠ ପରି ଗପ ଲେଖା ହେଉ ନାହିଁ । ଲେଖକ ପ୍ରତି ବର୍ଷ ପୂଜା ବେଳକୁ ପ୍ରତିଯୋଗିତା ଲୋଭରେ ବଶବର୍ତ୍ତୀ ହେଇ ଗୁଡ଼ାଏ ଗପ ବା ଉପନ୍ୟାସ ଲେଖି ପାଠକକୁ ବିମୁଖ କରିବା ହିଁ ଶ୍ରେୟ ହେଉଛି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ସତ, ଆମ ଓଡ଼ିଆ ମାତୃଭାଷା ଏବେ ଖୁବ୍ ସଙ୍କଟରେ । ଏଇ ଭାଷା ଇଂରାଜୀ, ହିନ୍ଦୀ ଓ ବଙ୍ଗ ଭାଷା ସହିତ ମିଶି ଆଉ ଗୋଟେ କଣ ଭାଷା ହେଇ ଯାଇପାରେ । ଏମିତି ଗୋଟେ ଆଶଙ୍କା ଆସିବା ସ୍ୱାଭାବିକ ହେଇ ଯାଉଛି । ଏବେ ମୁଁ ମୋ ଝିଅ ଘରକୁ ଗଲେ ମୋର ନାତି ଓ ନାତୁଣୀ ଇଂରାଜୀ ସ୍କୁଲରେ ପଢି ସେମାନେ ଓଡ଼ିଆ ଭାଷାରେ କଥା କହିବା ସମ୍ଭବ ନୁହେଁ । ସେମାନେ ଇଂରାଜୀ ବା ହିନ୍ଦୀରେ କଥା ହେଉଛନ୍ତି । ଏମିତି ଟ୍ରେଣ୍ଡ ଆଜି ସମଗ୍ର ରାଜ୍ୟରେ ବାଲେଶ୍ୱରଠୁଁ କୋରାପୁଟ ଯାଏ । ଏହାକୁ ଅନୁଧ୍ୟାନ କଲେ ଆମ ମାତୃଭାଷା ନିଶ୍ଚୟ ଏବେ ମହା ସଙ୍କଟରେ । ସାହିତ୍ୟ କିପରି ଏଇ ପରିପ୍ରେକ୍ଷୀରେ ମାତୃଭାଷାକୁ ଉଦ୍ଧାର କରି ପାରିବ ? ଯେଉଁଠି ପିଲାମାନେ ସାଧାରଣ ଲୋକେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିବାକୁ କୁଣ୍ଠା କରନ୍ତି, ସେଠି ସାହିତ୍ୟ ପଢିବ କିଏ, ମାତୃଭାଷାକୁ ସାହିତ୍ୟ କିପରି ବା ଉଦ୍ଧାର କରିପାରିବ ?

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସମାଜର ବିଶୃଙ୍ଖଳାକୁ ସାହିତ୍ୟ ପରିବର୍ତ୍ତନ କରି ପାରିବ । ଆମେରିକାର 'ଦାସତ୍ୱ ପ୍ରଥା' କୁହନ୍ତୁ, ଋଷିଆର 'ଜାର ଶାସନ' ହେଉ ବା ଜର୍ମାନୀର 'ନାଜି ଶାସନ' ହେଉ ସାହିତ୍ୟର ଗୋଟିଏ ଗୋଟିଏ ଉପନ୍ୟାସ ସମାଜକୁ ବଦଳେଇ ଦେଇ ପାରିଛି । କିନ୍ତୁ ସେମିତି ଲେଖାର ଶକ୍ତି ଓ ଦମ୍ ଥିଲା । ମୋର ବିଶ୍ୱାସ ଆଜି ବି ସେଇ ପରି କାଳଜୟୀ ଲେଖା ସମାଜର ଅବସନ୍ନତା ଓ ସ୍ଥବିରତାକୁ ବି ବଦଳାଇ ଦେଇ ପାରିବ । ତେବେ ସେଇପରି ଲେଖକ ଓ ସେଇପରି ସାହିତ୍ୟର ସୃଷ୍ଟିର ଆବଶ୍ୟକତା ଏଇ ସମାଜ ପାଇଁ ଆବଶ୍ୟକତା ଅଛି ବୋଲି ଦୃଢ଼ କଣ୍ଠରେ କୁହାଯାଇପାରିବ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ଯେ ପର୍ଯ୍ୟନ୍ତ ଅଛି, ସେ ଯାଏଁ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ କେବେ ବି ଅସ୍ୱୀକାର କରାଯାଇ ପାରିବ ନାହିଁ । ଓଡ଼ିଆ ଭାଷା ରହିଛି ଅର୍ଥ ଓଡ଼ିଆ ସାହିତ୍ୟ ରହିବ ହି ରହିବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଓ ପୁରସ୍କାର ଅଙ୍ଗାଅଙ୍ଗୀ ଭାବେ ଜଡିତ । ରାଜାରାଜୁଡା ସମୟରୁ ବି ଭଲ କବି ଓ ଶିଳ୍ପୀଙ୍କୁ ରାଜାମାନେ ପୁରସ୍କାର ଦେଉଥିଲେ ସେମାନଙ୍କ ପ୍ରତିଭାକୁ ଆହୁରି ଉତ୍ସାହ ଦେବା ପାଇଁ । ରାଜା ବିକ୍ରମାଦିତ୍ୟଙ୍କ ସଭାରେ କାଳିଦାସଙ୍କୁ ସମ୍ମାନିତ କରା ଯାଉଥିଲା, ଆକବରଙ୍କ ସମୟରେ ବି କବିଙ୍କୁ ପୁରସ୍କୃତ କରାଯାଉଥିଲା । ଆମ ଓଡିଶାରେ ଗଜପତିମାନେ କବି ଓ ଲେଖକଙ୍କୁ ଉପଢୌକନ ସହିତ ସୁନ୍ଦର ଉପାଧି ବି ପ୍ରଦାନ କରୁଥିଲେ । ଏବେ ବି ପୁରସ୍କାର କେନ୍ଦ୍ର ଓ ରାଜ୍ୟ ସରକାର ତଥା ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ସମ୍ମାନ ଦିଆଯିବା ସହିତ ବିଭିନ୍ନ ଅନୁଷ୍ଠାନ ବି ପୁରସ୍କାର ଦେଉଛନ୍ତି ରାଜ୍ୟ, ଜିଲ୍ଲା ଓ ଆଞ୍ଚଳିକ ଭିତ୍ତିରେ । କିନ୍ତୁ ଏଇ ପୁରସ୍କାର ପ୍ରଦାନର ସାନ୍ଦ୍ରତା ଓ ପରିଚ୍ଛନ୍ନତାକୁ ନେଇ ଆଜି ଅନେକ ପ୍ରଶ୍ନ ମନରେ ଆସେ । ତେଣୁ ଜଣେ ସତ ସାହିତ୍ୟିକ ଏଇ ପୁରସ୍କାର ଦୌଡ଼ରୁ ଦୂରରେ ରହି ସାହିତ୍ୟ ସାଧନାରେ ବ୍ରତୀ ରହିବାର ଅଛି । ଫକୀର ମୋହନ କେତେ ବା ପୁରସ୍କାର ପାଇଥିଲେ, ହେଲେ ତାଙ୍କର କାଳଜୟୀ ସାହିତ୍ୟ କୃତି ତାଙ୍କୁ କାଳ ଉତ୍ତୀର୍ଣ୍ଣ କରି ଦେଇଛି । ଏଇ କାଳକୁ ଜିଣିଥିବା ସାହିତ୍ୟଠୁଁ ପୁରସ୍କାର କି ତୁଚ୍ଛ ସତେ ! ଲବି କରି ତଥାପି ଅସାଧୁ ସାହିତ୍ୟିକମାନେ ସେଇ ପୁରସ୍କାର ଲବିରେ ରହି ଭଲ ସାହିତ୍ୟ ସୃଷ୍ଟିରୁ ଅନ୍ତର ହେଉଛନ୍ତି । ପୁଣି ଆଜି ସାହିତ୍ୟିକ କୃତିର ମୂଲ୍ୟାୟନ ଓ ପୁରସ୍କାର ପାଇଁ ଆବେଦନ କରିବାର ପରମ୍ପରା ଆରମ୍ଭ ହେଇ ଯାଇଛି । ପୁରସ୍କାର ହେଉଛି ଗୋଟେ ସମ୍ମାନ ଯାହା ଲେଖକଙ୍କ ଉତ୍ତମ କୃତି ପାଇଁ ପ୍ରଦାନ କରାଯାଏ । କିନ୍ତୁ ଏଇ ପୁରସ୍କାର ପାଇଁ ଆଜିର ସମୟରେ ଆବେଦନ କରିବାକୁ ପଡୁଛି; ଏହାହିଁ ସବୁଠୁଁ ବିଡମ୍ବନାର ବିଷୟ । ଲେଖକମାନେ ବି ଏହି ବିଷୟକୁ ଏଡିଯାଇ ନିର୍ଲଜ ଭାବେ ଆବେଦନ କରୁଛନ୍ତି, ଯାହା ଲେଖକଙ୍କ ଆତ୍ମସମ୍ମାନ ଉପରେ ଏକ ପ୍ରଶ୍ନବାଚୀ ହେଇ ଛିଡା ହେଇଛି । ତଥାପି ଆବେଦନ ଓ ପୁରସ୍କାର ଦେବା ଚାଲିଛି । ଏହି କୁତ୍ସିତ ନିୟମ ଦୂରୀଭୂତ ପାଇଁ କେହି ଏଯାଏଁ ଗମ୍ଭୀରତାର ସହ ଆଗ୍ରହୀ ନୁହନ୍ତି । ଆଜିର ସମୟରେ ନବୀନ ଲେଖକଙ୍କୁ ପ୍ରୋତ୍ସାହନ ଦେବା ନାଁରେ ଖୁବ୍ କମ୍ କାଳ ଲେଖା ପରେ ପୁରସ୍କାର ପ୍ରଦାନ କରାଯାଇ ସେମାନଙ୍କୁ ସାହିତ୍ୟ ଅନୁରାଗୀ ନକରି ବରଂ ବେଶି ବେଶି ଅହଙ୍କାରୀ କରିଦେବାର ଭିତ୍ତିଭୂମି ତିଆରି କରାଯାଉଛି । ସାହିତ୍ୟରେ ପୁରସ୍କାର ସଂସ୍ଥା ଓ ପୁରସ୍କାର ଗ୍ରହୀତା ଉଭୟ ନିଷ୍କଳଙ୍କ ହେବାର ଗୁରୁ ଭୂମିକା ରହିବା ନିହାତି ଆବଶ୍ୟକ । ପୁରସ୍କାର ଆବେଦନକୁ ନେଇ ନୁହେଁ ବରଂ ଭଲ ଲେଖାକୁ ବିଚାର କରି ତାହା ପ୍ରଦାନ କରାଯାଉ । ସୁସାହିତ୍ୟ ଓ ସ୍ୱଚ୍ଛ ପୁରସ୍କାର ଉପରେ ଧ୍ୟାନ ଦିଆଯାଉ । ଲେଖକଙ୍କ ମୁହଁ ଓ ଖୋସାମଦକୁ ଦେଖି ପୁରସ୍କାର ଦିଆ ନଯାଉ । ଅବଶ୍ୟ ଏକଥା ସତ ଯେ, ଭଲ ସାହିତ୍ୟ କୌଣସି ବଡ଼ ପୁରସ୍କାର, ବଡ଼ ଅର୍ଥ ରାଶିରେ ନଥାଏ, ଥାଏ କାଳଜୟୀ ରଚନା ଓ ସତ୍ ସାଧନା ଭିତରେ ।

ବାସ୍ତବିକ ମୁଁ ଚାହେଁ ଏଇ ବାର୍ତ୍ତା ପ୍ରତି ସାହିତ୍ୟିକଙ୍କ ପାଖରେ ପହଂଚୁ ଓ ସାହିତ୍ୟିକ ମାନେ ପୁରସ୍କାର ପାଇ ଉନ୍ମତ୍ତ ନ ହେଇ ସତ୍ ସାହିତ୍ୟ ସୃଜନରେ ନିମଗ୍ନ ରୁହନ୍ତୁ ।

ହଁ, ଏବେ ଓଡିଶାର ପ୍ରତି ସହରଠୁଁ ଗ୍ରାମାଞ୍ଚଳ ଯାଏ ବିଭିନ୍ନ ଅନୁଷ୍ଠାନ ତିଆରି ହେଇ ସାହିତ୍ୟରେ ପୁରସ୍କାରକୁ ନେଇ ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ତୁ ଦେଉଥିବୁ ମୁଁ ନେଉଥିବି ଓ ମୁଁ ଦେଉଥିବି ତୁ ନେଉଥିବି ନ୍ୟାୟରେ ପୁରସ୍କାର ଆବଣ୍ଟନ ପରସ୍ପର ଭିତରେ ଚାଲିଛି । ବଡକଥା ହେଲା ସାହିତ୍ୟରେ ନାଁବାଳି କଟି ନଥିବା ଲେଖକ( ? )ଙ୍କଠୁ ପଇସା ବା ଅନ୍ୟ କିଛି ନେଇ ସେଇ ଭାଇରସମାନଙ୍କୁ ପୁରସ୍କାର ପ୍ରଦାନ କରିବାର ରଙ୍ଗୀନ ଫଟୋଚିତ୍ର ସୋସିଆଲ ମିଡ଼ିଆରେ ପ୍ରସାରିତ ପ୍ରଚାରିତ କରି ସାହିତ୍ୟ ପରିବେଶକୁ ଦୂଷିତ କରି ଦିଆଯାଉଛି । ସେଇ କ୍ଷେତ୍ରରେ ସତ୍ ସାହିତ୍ୟ ତିଆରି କରିଥିବା ଓ ପ୍ରଚାର ପ୍ରସାରରୁ ଦୂରରେ ଥିବା ସାହିତ୍ୟିକମାନେ ଦୀର୍ଘ ପଚାଶ ବର୍ଷ ସାହିତ୍ୟ ସାଧନା କଲେ ବି ଆଢୁଆଳରେ ରହି ଯାଆନ୍ତି । ଏଇ କ୍ଷେତ୍ରରେ ଆମ ଓଡିଶା ସାହିତ୍ୟ ଏକାଡେମୀ ବି ସ୍ଥାଣୁ ହେଇ ରହିଛି । ବର୍ଷ ବର୍ଷ ଧରି ସାହିତ୍ୟ ପୁରସ୍କାର ପ୍ରଦାନର ଶୁଭଶଙ୍ଖ ବାଜି ପାରୁନାହିଁ । ପୁରସ୍କାର କେବଳ ମାତ୍ର ନିରପେକ୍ଷ ଅସ୍ମିତାର ଫାଙ୍କା ଧ୍ୱନିରେ ଚାଲିଛି । ତେଣୁ ମୋର ବ୍ୟକ୍ତିଗତ ମତ, ସତ୍ ସାହିତ୍ୟ ପୁରସ୍କାର ପ୍ରାପ୍ତିଠୁଁ ବୀତସ୍ପୃହ ରହି କାଳଜୟୀ ସାହିତ୍ୟ ସୃଷ୍ଟିରେ ନିମଗ୍ନ ରୁହନ୍ତୁ, ଯାହା ଗୋଟେ ଲେଖକର ସ୍ୱାଭିମାନକୁ ବଜାୟ ରଖିପାରିବ । ❤❤



ପ୍ରିୟ ମଣିଷ : ପତ୍ନୀ ଓ ଏକମାତ୍ର ନାତୁଣୀ ସହିତ କଥାକାର ଉଦୟ ନାରାୟଣ ଦାସ ।

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**

**ଭାଗ-୧୩**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ରାଧିକା ମାତା ଲକ୍ଷ୍ୟକଲେ ଜେନିକୁ । କେଡ଼େ ସରଳ ଓ ନିଷ୍ପାପ ଭାବରେ ମୃଦୁ ଅଭିଯୋଗ କରୁଛି ଜେନି କାଳିଆ ସାଆନ୍ତଙ୍କ ବିପକ୍ଷରେ। ଏଇ ସରଳତା ହିଁ ତ ଅସଲ ଭକ୍ତିମାର୍ଗର ପ୍ରଥମ ସୋପାନ। ଏଣିକି ତ ସେହି ଶ୍ରେଷ୍ଠ ଭକ୍ତିମାର୍ଗର ପାହାଚ ଚଢ଼ିବାକୁ ଆଉ କିଛି ପ୍ରତିବନ୍ଧକ ରହିବ ନାହିଁ ଯା'ର । ଏଣୁ ସରଳ ଭାବେ ରାଧିକା ମା' ଉତ୍ତର କଲେ - "ପରବଦିନଟାରେ ବ୍ୟସ୍ତ ଥିବେ ସେ। ଏକାନ୍ତ ନିକାଞ୍ଚନରେ ତାଙ୍କୁ ସ୍ମରଣ ଓ ଧ୍ୟାନ କଲେ ତୁମକୁ ନିଶ୍ଚୟ ଦର୍ଶନ ଦେଇ କିଛି କହିବେ।"

ଏହା ସତ୍ତ୍ୱେ ବି ଗୋଟେ ଅନ୍ତରୀଣ ଅସହାୟତା ସର୍ବଦା ବ୍ୟଥିତ କରୁଥିଲା ଜେନିକୁ। ରାଧିକା ମା' କହିବା ଅନୁସାରେ ସବୁ ସମୟ ତ ସ୍ମରଣରେ ରଖି ହେଉନାହିଁ ତାଙ୍କୁ। ଖସି ପଳାଉଛନ୍ତି ଯୁଆଡ଼େ ନାହିଁ ସିଆଡ଼େ। ମଝିରେ ମଝିରେ ମନ ବି ଚହଲି ଯାଉଛି। ଚହଲି ଯାଉଥିବା ସମୟରେ ଛପି ବସିଥିବା ଯନ୍ତ୍ରଣା ଓ ଅସହାୟତା ମାଡ଼ି ବସୁଛି ମଉକା ଦେଖି। ଏଥିପାଇଁ କ'ଣ ବା କରାଯାଇପାରେ ?

ଏମିତି ଅସହାୟତା ଓ ଉପରଠାଉରିଆ ଆତ୍ମବିଶ୍ୱାସ ଭିତରେ ଅହର୍ନିଶ ଉବେଇ ଟୁବେଇ ହେଉଥିବା ଜେନି ସେଦିନ ରାତିରେ ବିସ୍ମୟାବିଭୂତ ହେବା ପରି ସ୍ୱପ୍ନଟିଏ ଦେଖିଲା। ସଂଧ୍ୟାରେ ସଂପୂର୍ଣ୍ଣ ଚହଲି ଯାଇଥିଲା ଜେନିର ଚିତ୍ତ। ଏକଥା ବି ତା'ର ଅନୁଭବରେ ଥିଲା ଯେ, ଯେତେବେଳେ ବି ମନ ଚହଲି ଯାଏ ସେତେବେଳେ ଦେହ କଷ୍ଟ ବଳିପଡ଼େ। ଏଇ ଚିତ୍ତ ଚାଞ୍ଚଲ୍ୟ ପାଇଁ ସଂଧ୍ୟାରେ ସେ ଆଉ ଆଳତିକୁ ଗଲାନାହିଁ। ନିଜ କକ୍ଷରେ ବସି ରହି ଅଭିମାନରେ ଗାଇଲା ରବୀନ୍ଦ୍ରନାଥଙ୍କ ସେଇ ଗୀତିକାଟି, ଯାହାକୁ ସେ କଣ୍ଠସ୍ଥ କରିଦେଇଥିଲା ଏଥି ମଧ୍ୟରେ।

Death, thy servant,
is at my door.
He has crossed
the unknown sea
and brought thy call to
my home.
The night is dark and
my heart is fearful
yet I will take up the lamp,
open my gates and bow to
him my welcome.
It is thy massanger who
stands at my door.
I will worship him folded
hands, and with tears,
I will worship him
placing at his feet
the treasure of my heart.

ଗୀତିକାଟିକୁ ଗୁଣଗୁଣେଇ ଗାଉଗାଉ ନିଜ ଲୁହରେ ନିଜେ ଗାଧୋଇ ପଡୁଥିଲା ଜେନି। ତଥାପି ବାରମ୍ବାର ସେଇ ଗୀତଟିକୁ ଅନୁନାସିକ ଧ୍ୱନିରେ ଲହରଉ ଲହରଉ କେତେବେଳେ ଉତ୍ତାନ ଭାବେ ଶୋଇ ଯାଇଥିଲା ବିଛଣା ଉପରେ, ସେତକ ଜ୍ଞାନ ତା'ର ନ ଥିଲା। ଗଭୀର ନିଦ୍ରାବିଭୂତ ଅବସ୍ଥାରେ ଦେଖିଥିଲା ସ୍ୱପ୍ନଟିଏ।

ସ୍ୱପ୍ନଟି ଥିଲା ଏମିତି । ହଠାତ୍ ଜେନିର କକ୍ଷଟି ପ୍ରଚଣ୍ଡ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇଉଠିଲା। ଏଥିରେ ତା' ଆଖିପତା ଝଲସିଗଲା। କ'ଣ ହେଲା ବୋଲି ଖୋଲି ଆସୁଥିବା ଆଖିପତା ପୁଣି ମୁଦି ହୋଇଗଲା ଅଚାନକ। ତା'ର ମନେ ହେଲା, ଏଇ ମୁହୂର୍ତ୍ତଟି ବୋଧହୁଏ ତା' ଜୀବନରେ ଅନ୍ତିମ ମୁହୂର୍ତ୍ତ। ସଂଭବତଃ ସଭିଙ୍କ ଜୀବନରେ ଶେଷ ମୁହୂର୍ତ୍ତରେ ଏମିତି କିଛି ଉଜ୍ଜ୍ୱଳ ଆଲୋକ ଦୃଶ୍ୟ ହୁଏ। ତା'ପରେ ଧୀରେଧୀରେ ନିଶ୍ୱାସ କ୍ଷୀଣ ହୋଇଆସେ । ଚକ୍ଷୁ ହୁଏ ସ୍ପନ୍ଦନହୀନ। ପରେ ପରେ ଘୋଟିଆସେ ଅନ୍ଧାର। ସବୁ କିଛି ଶେଷ ହୋଇଯାଏ।

ଭୟଭୀତ ହୋଇପଡ଼ିଲା ଜେନି। ପରବର୍ତ୍ତୀ କ୍ଷଣ ଗୁଡ଼ିକରେ କ'ଣ ଘଟିବାକୁ ଯାଉଛି ବୋଲି ସେ ତ୍ରସ୍ତ ମନରେ ପ୍ରତୀକ୍ଷା କଲା। କେତୋଟି ମୁହୂର୍ତ୍ତ ଅତିକ୍ରମ କରିଗଲା ପରେ ସେ ଅନୁଭବ କଲା, ତା'ର ସ୍ୱାଭାବିକ ଶ୍ୱାସକ୍ରିୟା ଚାଲିଛି। ସେ ମରିନାହିଁ, ବଞ୍ଚିଛି ପୂର୍ବବତ୍।

ତଥାପି ଭୟରେ ଜଡସଡ଼ ଥାଇ ଜେନି ଖୁବ୍ ଧୀରେ ଏବଂ ସନ୍ତର୍ପଣରେ ଦୁଇ ନିଦ୍ରିତ ଆଖିପତା ମେଲି ଚାହିଁଲା । ଯାହା ଦେଖିଲା, ସେଥିରେ ସେ ସ୍ତବ୍ଧ ହୋଇଗଲା । ସମ୍ମୁଖଭାଗ କାନ୍ଥକୁ ଆଚ୍ଛନ୍ନ କରି ପ୍ରତିଫଳିତ ହୋଇଛି ଜଗନ୍ନାଥଙ୍କର ଏକ ବିରାଟ ପ୍ରତିଚ୍ଛବି ।

ନିଜକୁ କିମ୍ବା ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ ଜେନି । କ'ଣ ଆଜି ସେ ଏଠି ଦେଖୁଛି । ସଂପୂର୍ଣ୍ଣ ଆତ୍ମହରା ହୋଇଗଲା ସେ ଏଥିରେ । ତାକୁ ଲାଗିଲା ସେ ଯେମିତି ଆଉ ଜୀବନରେ ନାହିଁ। ତା' ଆତ୍ମା ମଠ ଛାଡ଼ି, ଏ ଦୁନିଆ ଛାଡ଼ି, କେଉଁ ଏକ ଅତିନ୍ଦ୍ରୀୟ ଜଗତରେ ବିଚରଣ କରୁଛି । ତା' ସମ୍ମୁଖରେ ଏତେ କାନ୍ତି, ଏତେ ଐଶ୍ୱର୍ଯ୍ୟ - ଯେଉଁଗୁଡ଼ିକୁ ତା' ଇନ୍ଦ୍ରିୟଗଣ ପ୍ରତ୍ୟୟ କରୁ ନଥିଲେ । ତଥାପି ସମ୍ମୋହିତ ହୋଇ ଦେଖୁଥିଲା ସେ ରୂପକାନ୍ତିକୁ, ଆଖି ଫେରେଇ ପାରୁ ନଥିଲା।

ନିଦ୍ରିତ ଅବସ୍ଥାରେ ଉଠି ବସିବାକୁ ଚେଷ୍ଟାକଲା ଜେନି। ବିଛଣା ଉପରେ ଆଣ୍ଠୁମାଡ଼ି ବସି ପ୍ରଭୁଙ୍କୁ ଜଣା କରିବ। ବିନତି କରିବ ରଥାରୂଢ଼ ଅବସ୍ଥାରେ ତାଙ୍କୁ ଦର୍ଶନ କରିବାକୁ। ଜୀବନରେ ଏଇ ଅନ୍ତିମ ଅଭିଳାଷଟିକୁ ପୂର୍ଣ୍ଣ କରି ଦେବାକୁ ନିବେଦନ କରିବ।

କିନ୍ତୁ ଏତକ ଜଣା କରିବା ପୂର୍ବରୁ ଜେନି ସମ୍ମୁଖରୁ ପ୍ରଭୁ ହୋଇ ସାରିଥିଲେ ଅନ୍ତର୍ଦ୍ଧାନ। ଜେନିର ନିବେଦନ ଅଟକି ଗଲା ଛାତିତଳେ। ବିକଳରେ ଚିତ୍କାର କରି ଉଠିଲା ଜେନି। ତାକୁ ଲାଗିଲା, ସେ ଯେମିତି ଆକାଶରୁ ଖସି ପଡ଼ିଛି ଅପନ୍ତରା ଭୂଇଁରେ। ଅସହ୍ୟ ବେଦନାରେ କାନ୍ଦୁଛି କୋହଭରା ହୃଦୟରେ।

କ୍ଷଣେ ମାତ୍ର ସ୍ୱପ୍ନରେ ଦର୍ଶନ ଦେଇ ପ୍ରଭୁ ଜେନି ସମ୍ମୁଖରୁ ଅନ୍ତର୍ହିତ ହୋଇଗଲେ। ଆଉଥରେ ଦେଖିବ ଏବଂ ନିଜ ହୃଦୟର ଦୁଃଖଟିକୁ ଜଣେଇବ ବୋଲି ଜେନି ଖୁବ୍ ବିକଳ ହେଲା, ହେଲେ କଦାଚ ଆଉ ଦୃଶ୍ୟ ହେଲେ ନାହିଁ ପ୍ରଭୁ। ପାର୍ଶ୍ୱରେ ଛିଡ଼ା ହୋଇ କିଏ (ରାଧିକା ମା ?) କହି ଦେଉଛନ୍ତି; "ସେ ଆଉ ଏବେ ଦର୍ଶନ ଦେବେ ନାହିଁ ଜେନି। ସେଇ କ୍ଷଣେମାତ୍ର ଦର୍ଶନ ହିଁ ଯଥେଷ୍ଟ ତୋ ପାଇଁ, ତାଙ୍କୁ ହୃଦୟ କମଳରେ ଜଡ଼େଇ ଧରିବା ନିମନ୍ତେ । ସେ ପରା ଭାବକୁ ନିକଟ ଆଉ ଅଭାବେ ଅଭେଟ ?"

ଜେନି ଆଶ୍ୱସ୍ତ ହେଲା। ବନ୍ଦ ଘରଟି ଭିତରେ ସେ ଏକା ଶୋଇଛି। ଖୋଲା ଝରକାରୁ ଝାପ୍ସା ଦିଶୁଚି ଆକାଶ। ବିଧର୍ମୀ ବିଦେଶିନୀ ପାଇଁ ମନ୍ଦିର ପ୍ରବେଶ ନିଷିଦ୍ଧ ଥିଲେ ବି ଠାକୁର ଅଦର୍ଶନୀୟ ନୁହଁନ୍ତି। ଅନ୍ତତଃ ଏତକ ସାନ୍ତ୍ୱନା ନେଇ ସେ ମରି ପାରିବ ଆନନ୍ଦରେ, ମହା ଖୁସିରେ।

ତତ୍କ୍ଷଣାତ ଜେନିର ଆଖିରେ ଲୁହ ଭର୍ତ୍ତି ହୋଇଗଲା। ସେ ଲୁହ କୋହରେ ଅଥବା ଖୁସିରେ, ବୁଝିପାରିଲା ନାହିଁ ଜେନି। ତା' ଆଖିକୁ ନିଦ ଆସିଲା ନାହିଁ। ଶୋଇବାକୁ ଚେଷ୍ଟାକରି ବିଫଳ ହେଲା ଅବଶିଷ୍ଟ ରାତିଟି।

॥ ବଡ଼ଦାଣ୍ଡ ॥

ବହୁ ପ୍ରତୀକ୍ଷିତ ଗୁଣ୍ଡିଚାଯାତ ଯେତେ ପାଖେଇ ଆସୁଥିଲା, ବଡ଼ଦାଣ୍ଡର ଚତୁଃପାର୍ଶ୍ୱରେ କୋଳାହଳ ଓ ବ୍ୟସ୍ତତା ବଢ଼ିଗଲା ଭଳି ଜେନି ଭିତରେ ଅନୁରୂପ ଉତ୍ତେଜନା ବଢ଼ିବାରେ ଲାଗିଥିଲା। ତା' ଚେତନାରେ ଦୁଇ ବିପରୀତ ଭାବ ତାକୁ ବେଶି ବେଶି ଅଧୀର କରି ପକାଇଥିଲା। ତା' ଜୀବନରେ ଶେଷପୃଷ୍ଠା ହେଉଛି ଏଇ ଶ୍ରୀକ୍ଷେତ୍ର ଓ ପ୍ରଭୁଙ୍କର ଗୁଣ୍ଡିଚାଯାତ। ଏଣୁ ଜୀବନ ପ୍ରତି ସମସ୍ତ ଆକର୍ଷଣ କମି କମି ଆସିଥିବା ସତ୍ତ୍ୱେ କାହିଁକି କେଜାଣି ଏ ନିଲଠା ଜୀବନ ପ୍ରତି ମୋହ କମୁ ନଥିଲା। ସତରେ କେଡ଼େ ଦୁର୍ବାର ଏ ଜୀଇଁବାର ଆକର୍ଷଣ ! କେଡ଼େ ଅଲଂଘ୍ୟ ତା'ର ମୋହିନୀ ଶକ୍ତି !

ଡାକ୍ତରଙ୍କ ସୂଚନା ଅନୁସାରେ ଯଦି ଗଣନା କରାଯାଏ, ତାହେଲେ ରଥଯାତ୍ରା ଓ ତା'ର ଅନ୍ତିମଯାତ୍ରା,ଏକ ଦିବସରେ କିମ୍ବା ଦିନେ ଦୁଇଦିନ ପୂର୍ବାପର ଘଟିପାରେ। ଜୀବନର ଏଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ପ୍ରତି ଆକର୍ଷଣ ଓ ବିକର୍ଷଣ ତାକୁ ବିବ୍ରତ କରିଦେବା ପାଇଁ ଥିଲା ଯଥେଷ୍ଟ।

ରଥ ଗଡ଼ିବା ଆଉ ମାତ୍ର ଦୁଇଦିନ ବାକି। ଜେନିର ହୃତ୍‌କଂପ ଆରମ୍ଭ ହୋଇଯାଇଥିଲା।

"ପ୍ରଭୁଙ୍କୁ ହୃତସ୍ପନ୍ଦନ ଭିତରେ ବାନ୍ଧି ରଖିବାକୁ ଚେଷ୍ଟାକର ଜେନି। ସମର୍ପି ଦିଅ ନିଜକୁ ତାଙ୍କଠାରେ। ବାକି ସବୁ କଥା ସେ ବୁଝିବେ।"- ରାଧିକା ମାତାଙ୍କର ଏଇ କଥା କେଇପଦ ସ୍ମରଣ ଥିବା ସତ୍ତ୍ୱେ, ଜେନି ତାହା ନିରନ୍ତର ପାଳନ କରିପାରୁ ନଥିଲା। ପୁରୀକୁ ଆଗମନ କରିବାର ପ୍ରଥମ କେଇଦିନ ସେ ଯେତେ ତାଙ୍କୁ ସ୍ମରଣ କରିପାରୁଥିଲା, ଏବେ ତାହା ଆଗଭଳି ଆଉ ସଂଭବ ହେଉ ନଥିଲା। ବଞ୍ଚିବାର ଆକାଂକ୍ଷା ଓ ମରିଯିବାର ଭୟ ଭିତରେ ପ୍ରଭୁ କେଉଁଆଡ଼େ ହଜିଯାଉଥିଲେ । ପବନକୁ ପଣତକାନିରେ ଗଣ୍ଠି ପକେଇ ବାନ୍ଧିବା ଭଳି ତାଙ୍କୁ ହୃଦୟରେ ବାନ୍ଧି ରଖିବା ଅସଂଭବ ମନେ ହେଉଥିଲା ଜେନିକୁ।

ସନ୍ନ୍ୟାସିନୀ ରାଧିକା ମାତା କ'ଣ କୃଷ୍ଣଙ୍କୁ ଗଣ୍ଠିଧନ କରିପାରିଛନ୍ତି ନିଜ ହୃଦୟ କନ୍ଦରରେ ? କେଜାଣି !

ଏମିତି ସବୁ ଆକାଂକ୍ଷା, ଭୟ, ସଂଭାବନା ଓ ବିଡ଼ମ୍ବନା ଭିତରେ ସେଦିନ ଦ୍ୱିପ୍ରହରରେ ଆଦୌ ନିଦ ହେଲାନାହିଁ ଜେନିକୁ। ଟିକେ ଅଧିକ ସମୟ ବିଶ୍ରାମ ଓ ନିଦ୍ରା ତା' ଅସୁସ୍ଥ ଦେହ ମନ ପାଇଁ ଏକାନ୍ତ ଆବଶ୍ୟକ। ଅଥଚ ସାରା ଦ୍ୱିପ୍ରହରଟା ସେ ଏଇମିତି ବିଚଳିତ ହେଲା। ଗୀତା ଓ ଗୀତାଞ୍ଜଳି ପଢ଼ାରେ ମନ ଲାଗିଲା ନାହିଁ। ଦେହ ମନର ଯନ୍ତ୍ରଣା ଆଉ କ୍ଲେଶ ତା' ଏକାଗ୍ରତାକୁ ତଡ଼ିଦେଲା। ଦେହ ପାଖରେ ଦେହୀ ପୂର୍ଣ୍ଣତଃ ଦୁର୍ବଳ ଓ ପରାଜିତ, ଏମିତି ଲାଗିଲା ଜେନିକୁ।

ବେଳୁବେଳ ନିଜ ଭିତରେ ବଢୁଥିବା ଏଇ ସମସ୍ୟାଟିକୁ ସେ ମଧ୍ୟାହ୍ନ ଅନ୍ତେ ରାଧିକା ମାତାଙ୍କୁ ତାଙ୍କ କକ୍ଷରେ ଜଣେଇଲା। ପଚାରିଲା ବି ଏହାର ନିରାକରଣର ଉପାୟ।

ସବୁ ଶୁଣିସାରି ରାଧିକା ମାତା ନିରବ ହୋଇଗଲେ କିଛି କ୍ଷଣ। ଜେନି ତ ଯାହା କହୁଛି ସତ୍ୟ ହିଁ କହୁଛି। ଦେହ, ମନ, ବୁଦ୍ଧି ଓ ଅହଂକାରରୁ ମୁକ୍ତ ନୁହେଁ ଆତ୍ମା। ଏଣୁ ସେ ପରମାତ୍ମାଙ୍କୁ ବା କେମିତି ନିରନ୍ତର ଧରି ରଖିବ ? ଦଶବର୍ଷର ସନ୍ନ୍ୟାସିନୀ ଜୀବନ ଭିତରେ ବି ସେ ଏକଥା ପୂର୍ଣ୍ଣତଃ ପାରିନାହିଁ। ଜେନିର ଯାହା ଅବସ୍ଥା, ଯେ କେହି ହେଲେ ବି ଅଧୀର କିମ୍ବା ଅସ୍ଥିର ହେବା ସ୍ୱାଭାବିକ। ମୁନିରଷି ହେଲେ ବି ମତି ସ୍ଥିର ରଖି ଅବିଚଳ ରହିପାରିବେ ନାହିଁ ଏମିତି ସ୍ଥିତିରେ। ଧନଯୌବନ ବିପର୍ଯ୍ୟସ୍ତ ହେଲେ ମତି ସ୍ଥିର ରଖିବା ସଂଭବ। ହେଲେ ଦୁରାରୋଗ୍ୟ, ଶାରୀରିକ କ୍ଷତ ଓ ଜୀବନ ହାନି ପର୍ଯ୍ୟାୟରେ ତାହା ଆଦୌ ସଂଭବ ନୁହେଁ। ବିଶ୍ୱାସ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନା କରିବା ଦୁଷ୍କର । ଏଇ ସମୟରେ ତାଙ୍କର ମନେପଡ଼ିଲା ନାରଦଙ୍କ ଉପାଖ୍ୟାନଟି । କହିଲେ, "ଶୁଣ ଜେନି ! ତୁମେ ଯାହା କହୁଛ, ବାସ୍ତବ ହିଁ କହୁଛ। କୃଷ୍ଣଗତପ୍ରାଣା ହୋଇ ମଧ୍ୟ ମୁଁ କ'ଣ ତାଙ୍କୁ ନିରନ୍ତର ପ୍ରତିଟି ମୁହୂର୍ତ୍ତ ହୃଦୟ-ସିନ୍ଦୁକରେ ଅଟକାଇ ରଖି ପାରିଛି ? ବୋଧହୁଏ ନା ! ଭାରତୀୟ ପୁରାଣରୁ ଗୋଟେ ଉପାଖ୍ୟାନ କହୁଛି, ଶୁଣ ! 'ନାରଦ ନାରାୟଣଙ୍କର ବଡ଼ଭକ୍ତ। ସବୁବେଳେ ମୁଖରେ ତାଙ୍କର 'ନାରାୟଣ' 'ନାରାୟଣ' ବୋଲି ଉଚ୍ଚାରିତ ହେଉଥାଏ। ଥରେ ପ୍ରଭୁ ତାଙ୍କର ଭକ୍ତି ଭାବର ପରୀକ୍ଷା ଚାହିଁଲେ। ଗୋଟେ ଗିନାରେ ପୂର୍ଣ୍ଣ ରୂପେ ତୈଳ ଭର୍ତ୍ତି କରାଗଲା।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

**ଚେତନାର ଚୌହଦୀ**

# ମାନବିକତାର ସଙ୍କଟ

**ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ**



୨୮ ଫେବୃଆରୀ ୨୦୨୬; ଏହି ତାରିଖଟି ଆଧୁନିକ ମାନବ ଇତିହାସର ଏକ କଳା ଦିବସ ଭାବେ ଲିପିବଦ୍ଧ ହୋଇ ରହିବ। ଯେଉଁ ସମୟରେ ବିଶ୍ୱବାସୀ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ସଂକୀର୍ଣ୍ଣ ଜାତୀୟତାବାଦ, ସାମ୍ରାଜ୍ୟବାଦ ଓ ଉପନିବେଶବାଦରୁ ଊର୍ଦ୍ଧ୍ୱକୁ ଉଠି ପାରସ୍ପରିକ ନିର୍ଭରଶୀଳତା, ସହଅସ୍ତିତ୍ୱ ଓ ଗ୍ଲୋବାଲ୍ ସହଯୋଗର ଏକ ନୂତନ ଆଲୋକ ଖୋଜୁଥିଲେ, ଠିକ୍ ସେତିକି ବେଳେ ପଶ୍ଚିମ ଏସିଆର ଆକାଶ ଯୁଦ୍ଧର କଳା ବାଦଲରେ ସମ୍ପୂର୍ଣ୍ଣ ଆଚ୍ଛାଦିତ ହୋଇଗଲା। ଆମେରିକା ଓ ଇସ୍ରାଏଲର ମିଳିତ, ସୁଚିନ୍ତିତ ଓ ଭୟାବହ ସାମରିକ ଅଭିଯାନ— 'ଅପରେସନ୍ ଏପିକ୍ ଫ୍ୟୁରି' ବା 'ଲାୟନ୍ସ ରୋର'— ଇରାନର ସାର୍ବଭୌମତ୍ୱ ଉପରେ କେବଳ ଏକ ନୃଶଂସ ପ୍ରହାର ନୁହେଁ, ବରଂ ସମଗ୍ର ବିଶ୍ୱ ଶାନ୍ତି, ସ୍ଥିରତା ଓ ମାନବୀୟ ମୂଲ୍ୟବୋଧ ପ୍ରତି ଏକ ଚରମ ଓ ଅମାର୍ଜନୀୟ ଆହ୍ୱାନ। ଏହା ଦର୍ଶାଉଛି ଯେ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଆମେ ଯେତେ ଆଗେଇଲେ ବି, ଆମର ମାନସିକତା ଏବେ ବି ଆଦିମ 'ଜଙ୍ଗଲୀ ନୀତି'— ଯାହାର ଶକ୍ତି, ତାର ମୁଲକ— ଦ୍ୱାରା ପରିଚାଳିତ।

ଏହି ସଂଘର୍ଷର ଚେର ବହୁ ଗଭୀରକୁ ଲମ୍ବିଛି, ଯାହାକୁ କେବଳ ଗୋଟିଏ କିମ୍ବା ଦୁଇଟି ଘଟଣାର ପରିଣାମ ବୋଲି କୁହାଯାଇପାରିବ ନାହିଁ। ୧୯୫୩ ମସିହାରେ ଆମେରିକା ଓ ବ୍ରିଟେନ୍‌ର ଗୁପ୍ତଚର ସଂସ୍ଥା ଦ୍ୱାରା ଇରାନର ଗଣତାନ୍ତ୍ରିକ ଭାବେ ନିର୍ବାଚିତ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦେକ୍‌ଙ୍କୁ କ୍ଷମତାଚ୍ୟୁତ କରାଯିବା ଠାରୁ ଆରମ୍ଭ କରି, ୧୯୭୯ର ଇସ୍ଲାମିକ ବିପ୍ଳବ, ଆମେରିକୀୟ ଦୂତାବାସର ବନ୍ଧକ ସଙ୍କଟ, ଏବଂ ଦୀର୍ଘ ଆଠ ବର୍ଷ ଧରି ଚାଲିଥିବା ଇରାନ-ଇରାକ୍ ଯୁଦ୍ଧ— ଏସବୁ ଘଟଣା ଇରାନୀ ଜନମାନସରେ ଆମେରିକା ପ୍ରତି ଏକ ଗଭୀର ଅବିଶ୍ୱାସ ଓ ଘୃଣାର ମଞ୍ଜି ବପନ କରିଥିଲା। ଇସ୍ରାଏଲର ଅସ୍ତିତ୍ୱକୁ ଇରାନର ଆଦର୍ଶଗତ ଓ ରାଜନୈତିକ ବିରୋଧ ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ଇସ୍ରାଏଲର ନିଜର 'ଅସ୍ତିତ୍ୱଗତ ସଙ୍କଟ' ଭାବେ ଗ୍ରହଣ କରିବା— ଏସବୁ ମିଶି ଏକ ଅତ୍ୟନ୍ତ ବିସ୍ଫୋରକ ଓ ଜଟିଳ ସ୍ଥିତି ସୃଷ୍ଟି କରିଥିଲା।

ତେବେ, ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପଛରେ ଗତ କେଇ ବର୍ଷର ଆମେରିକୀୟ ବିଦେଶ ନୀତିର ଭୁଲ୍ ନିଷ୍ପତ୍ତି ଓ କୂଟନୀତିକ ବିଫଳତା ମଧ୍ୟ ଏକ ପ୍ରମୁଖ କାରଣ। ୨୦୧୫ ମସିହାରେ ବହୁ କଷ୍ଟରେ ସ୍ୱାକ୍ଷରିତ ହୋଇଥିବା ପରମାଣୁ ଚୁକ୍ତି (JCPOA) ରୁ ପୂର୍ବତନ ଆମେରିକୀୟ ପ୍ରଶାସନର ଏକତରଫା ଓ ଅପରିପକ୍ୱ ପ୍ରତ୍ୟାହାର ଏବଂ ତା'ପରେ ଇରାନ ଉପରେ "ମାକ୍ସିମମ ପ୍ରେସର" ବା ଚରମ ଚାପର ନୀତି— ଇରାନକୁ ନମ୍ର କରିବା ପରିବର୍ତ୍ତେ ଅଧିକ କଠୋର, ପ୍ରତିଶୋଧପରାୟଣ ଓ ପରମାଣୁ ଶକ୍ତି ହାସଲ ପାଇଁ ଅଧିକ ବ୍ୟାକୁଳ କରିଥିଲା। ୨୦୨୬ ପ୍ରାରମ୍ଭରେ ଏହି ଚୁକ୍ତିକୁ ପୁନର୍ଜୀବିତ କରିବା ପାଇଁ ଚାଲିଥିବା କଠିନ ଆଲୋଚନାର ସମ୍ପୂର୍ଣ୍ଣ ବିଫଳତା, ଏହି ଯୁଦ୍ଧକୁ ଏକପ୍ରକାର ଅନିବାର୍ଯ୍ୟ କରିଦେଇଥିଲା, ଯାହା ବିଶ୍ୱର ସମସ୍ତ କୂଟନୀତିକ



ପ୍ରଚେଷ୍ଟା ଉପରେ ଏକ ବଡ଼ ପ୍ରଶ୍ନବାଚୀ।

ଯୁଦ୍ଧର ପରିଣାମ ସର୍ବଦା ଭୟାବହ, ନିର୍ମମ ଓ ଅବର୍ଣ୍ଣନୀୟ ହୋଇଥାଏ। ଇରାନର ପ୍ରମୁଖ ସହରଗୁଡ଼ିକ, ବିଶେଷ କରି ରାଜଧାନୀ ତେହେରାନ୍ ଉପରେ ହୋଇଥିବା ବମାବର୍ଷଣରେ ଶତାଧିକ ନିର୍ଦ୍ଦୋଷ ନାଗରିକ— ଶିଶୁ, ମହିଳା ଓ ବୃଦ୍ଧ—ଙ୍କ ମୃତ୍ୟୁ ଘଟିଛି। ଇରାନର ପ୍ରତିଶୋଧମୂଳକ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଇସ୍ରାଏଲର ବିଭିନ୍ନ ଅଞ୍ଚଳ ଓ ପାରସ୍ୟ ଉପସାଗରରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରିଛି, ଯାହାଦ୍ୱାରା ବହୁ ସଂଖ୍ୟକ ସାମରିକ ଓ ବେସାମରିକ ଲୋକଙ୍କ ଜୀବନହାନି ଘଟିଛି। ସବୁଠାରୁ ଉଦ୍ ?ବେଗଜନକ ବିଷୟ ହେଉଛି, ଏହି ସଂଘର୍ଷରେ ଲେବାନନର ହିଜବୁଲ୍ଲା, ୟେମେନର ହୁଥି ଓ ଇରାକ୍ ?ର ଶିଆ ସଶସ୍ତ୍ର ଗୋଷ୍ଠୀଗୁଡ଼ିକର ସକ୍ରିୟ ପ୍ରବେଶ, ଯାହା ସମଗ୍ର ପଶ୍ଚିମ ଏସିଆ ଅଞ୍ଚଳକୁ ଏକ ବିଶାଳ, ଅନିୟନ୍ତ୍ରିତ ଓ ବିନାଶକାରୀ ଯୁଦ୍ଧ ଆଡ଼କୁ ଠେଲି ଦେଇଛି।

ଏହି ଯୁଦ୍ଧର ପ୍ରଭାବ କେବଳ ପଶ୍ଚିମ ଏସିଆରେ ସୀମିତ ନାହିଁ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ଓ ଗ୍ୟାସ୍ ଯାତାୟାତ ହେଉଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀରେ ଅସ୍ଥିରତା ଓ ଯୁଦ୍ଧ ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ତେଲ ଦର ଆକାଶଛୁଆଁ ହୋଇଛି। ଏହା ବିଶ୍ୱ ଅର୍ଥନୀତି ଉପରେ ଚରମ ଚାପ ସୃଷ୍ଟି କରିଛି, ଯାହାର ସବୁଠାରୁ ବଡ଼ ଧକ୍କା ଭାରତ ଭଳି ତେଲ ଆମଦାନୀକାରୀ ଓ ବିକାଶଶୀଳ ଦେଶଗୁଡ଼ିକ ଉପରେ ଅଧିକ ପଡ଼ିବ। ମୂଲ୍ୟସ୍ଫୀତି, ମୁଦ୍ରାର ଅବମୂଲ୍ୟନ ଓ ଆର୍ଥିକ ମାନ୍ଦାବସ୍ଥାର ଆଶଙ୍କା ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରିଛି। ଗ୍ଲୋବାଲ୍ ସପ୍ଲାଏ ଚେନ୍ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି, ଯାହାଦ୍ୱାରା ଖାଦ୍ୟସଙ୍କଟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି।

ଏହି ପରିସ୍ଥିତିରେ, ଯୁଦ୍ଧର ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି। ସମର୍ଥକମାନେ ଏହାକୁ ଏକ "ଅସ୍ତିତ୍ୱଗତ ସଙ୍କଟ"ର ମୁକାବିଲା ପାଇଁ "ଅନିବାର୍ଯ୍ୟ ଓ ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ" ବୋଲି କହୁଥିବା ବେଳେ, ବିରୋଧୀମାନେ ଏହାକୁ କୂଟନୀତିର ପରାଜୟ, "ଶକ୍ତିର ଅହଂକାର" ଓ ଆନ୍ତର୍ଜାତୀୟ ଆଇନର ଖୋଲାଖୋଲି ଉଲ୍ଲଂଘନ ବୋଲି ସମାଲୋଚନା କରୁଛନ୍ତି। ବାସ୍ତବରେ, ଯୁଦ୍ଧ କେବେ ବି କୌଣସି ସମସ୍ୟାର ସ୍ଥାୟୀ ସମାଧାନର ମାର୍ଗ ହୋଇନପାରେ। ଏହା କେବଳ ନୂତନ ସଂଘର୍ଷ, ପ୍ରତିଶୋଧ ଓ ବିନାଶର ବୀଜ ବପନ କରିଥାଏ, ଯାହାର ଫଳ ପରବର୍ତ୍ତୀ ପିଢ଼ିକୁ ଭୋଗିବାକୁ ପଡ଼ିଥାଏ।

ଆଜିର ସଭ୍ୟ, ଶିକ୍ଷିତ ଓ ପ୍ରଗତିଶୀଳ ମାନବ ସମାଜ ପାଇଁ ଏହା ଏକ ବଡ଼ ପ୍ରଶ୍ନବାଚୀ— କାହିଁକି ଆମେ ଆଲୋଚନା, ସମ୍ବାଦ ଓ କୂଟନୀତି ପରିବର୍ତ୍ତେ ଅସ୍ତ୍ରଶସ୍ତ୍ର ଓ ବଳପ୍ରୟୋଗକୁ ପ୍ରାଥମିକତା ଦେଉଛୁ ? ଆନ୍ତର୍ଜାତୀୟ ଆଇନ, ଜାତିସଂଘ ଭଳି ସଂସ୍ଥାଗତ ଚାପ କାହିଁକି ଯଥେଷ୍ଟ ହେଉନାହିଁ ? ଯଦି ଆମେ ନିଜକୁ ଆଧୁନିକ ଓ ସଂସ୍କୃତ ବୋଲି ଦାବି କରୁଛୁ, ତେବେ କେବଳ ଶକ୍ତିର ଲୋଭ ଓ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ନିର୍ଦ୍ଦୋଷଙ୍କ ରକ୍ତ ବୁହାଇବା କେତେଦୂର ଯୁକ୍ତିଯୁକ୍ତ ? ଏହା କ'ଣ ଆମର ନୈତିକ ଅଧପତନର ସୂଚନା ନୁହେଁ ?

ପଶ୍ଚିମ ଏସିଆର ଏହି ସଙ୍କଟ ବିଶ୍ୱବାସୀଙ୍କୁ ଏକ ଆଇନା ଦେଖାଉଛି। ଏହା ଆମକୁ ଚେତାଇ ଦେଉଛି ଯେ ଶକ୍ତିର ରାଜନୀତି, ଏକତରଫା ନିଷ୍ପତ୍ତି ଓ ବଳପ୍ରୟୋଗ କେବେ ବି ବିଶ୍ୱ ଶାନ୍ତି ଓ ସ୍ଥିରତା ଆଣିପାରିବ ନାହିଁ। ଯଦି ଆମେ ଏକ ସତ୍ୟ, ସଭ୍ୟ, ସଂସ୍କୃତ ଓ ମାନବତାବାଦୀ ବିଶ୍ୱ ଗଢ଼ିବାକୁ ଚାହୁଁଛୁ, ତେବେ ଆମକୁ ଶକ୍ତି ଠାରୁ ବେଶି ନୀତିକୁ, ଅସ୍ତ୍ର ଠାରୁ ବେଶି ଆଲୋଚନା ଓ ସମ୍ବାଦକୁ, ଏବଂ ଅହଂକାର ଠାରୁ ବେଶି ମାନବିକତାକୁ ମୂଲ୍ୟ ଦେବାକୁ ପଡ଼ିବ। ନଚେତ୍, ଆମର ଆଧୁନିକତା ଇତିହାସର ଆଗରେ ଅପରାଧୀ ହୋଇ ଠିଆ ହେବ।

ଏବେ ବି ସମୟ ଅଛି, ବିଶ୍ୱ ସମୁଦାୟ ଏକଜୁଟ୍ ହୋଇ ଯୁଦ୍ଧ ବନ୍ଦ କରିବା ପାଇଁ ତୁରନ୍ତ, ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବା ଉଚିତ। ଆମେରିକା ଓ ଇସ୍ରାଏଲକୁ ନିଜର ସାମରିକ ଅଭିଯାନ ତୁରନ୍ତ ବନ୍ଦ କରିବା ପାଇଁ ବାଧ କରାଯାଉ ଏବଂ ଇରାନକୁ ମଧ୍ୟ ସଂଯମତା ଅବଲମ୍ବନ କରିବା ପାଇଁ ଅନୁରୋଧ କରାଯାଉ। ଏକ ବିସ୍ତୃତ, ସମାବେଶୀ ଓ ଆନ୍ତର୍ଜାତୀୟ ସ୍ତରର ଶାନ୍ତି ଆଲୋଚନା ତୁରନ୍ତ ଆରମ୍ଭ କରାଯାଉ, ଯେଉଁଠାରେ ସମସ୍ତ ପକ୍ଷଙ୍କ ସମସ୍ୟା ଓ ଚିନ୍ତାଧାରାକୁ ଗୁରୁତ୍ୱର ସହ ବିଚାର କରାଯିବ। ପଶ୍ଚିମ ଏସିଆର ଅଶାନ୍ତ ଆକାଶରେ ଶାନ୍ତିର କପୋତ ଉଡ଼ାଇବା ପାଇଁ ଆମକୁ ନିଜର ସଂକୀର୍ଣ୍ଣ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ଯୁଦ୍ଧ ନୁହେଁ, ଶାନ୍ତି ହିଁ ମାନବ ସଭ୍ୟତାର ଏକମାତ୍ର ମାର୍ଗ— ଏହାକୁ ଆମକୁ ଗ୍ରହଣ କରିବାକୁ ହିଁ ପଡ଼ିବ। ନଚେତ୍, ପଶ୍ଚିମ ଏସିଆର ଏହି ନିଆଁ ସମଗ୍ର ବିଶ୍ୱକୁ ଛାରଖାର୍ କରିଦେବ, ଏବଂ ପରବର୍ତ୍ତୀ ପିଢ଼ି ଆମକୁ କେବେ ବି କ୍ଷମା କରିବ ନାହିଁ।

♥ କେଶଦୂରାପାଳ, କୁଶଳେଶ୍ୱର, କେଉଁଝର
ମୋ: ୯୯୩୮୧୭୫୧୦୦, ୯୪୩୯୩୭୧୨୦୦

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

# ମାତୃଭକ୍ତି ଅତୁଟ ଯେତେ



ଗୀତାରେ ଉଲ୍ଲେଖ ଅଛି ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମି ଯୁଗେ ଯୁଗେ.....। ଧର୍ମର ସ୍ଥାପନା ପାଇଁ ଯୁଗେ ଯୁଗେ ଅବତାରି ପୁରୁଷ ଆର୍ବିଭୂତ ହୁଅନ୍ତି ଏହି ଧରାଧାମରେ। ତୀବ୍ର ଘନ ଅନ୍ଧକାର ଭିତରେ ଉଜ୍ଜ୍ୱଳ ହୋଇ ଉଠିଥାଏ ଆଲୋକର ପ୍ରକାଶ। ଏହି ଚିରନ୍ତନ ସତ୍ୟ ମହାପୁରୁଷ ମାନଙ୍କ ଜୀବନରେ ମଣିଷ ସମାଜର ମଙ୍ଗଳ କାମନା ପାଇଁ ପ୍ରମାଣିତ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଦୁରାଚାରୀ କଂସର କାରାଗାରରେ ଜନ୍ମ ହୋଇଥିଲେ, ତ୍ରାଣକର୍ତ୍ତା ଯୀଶୁ ଜନ୍ମ ହୋଇଥିଲେ ସଂସ୍କାର ବିହୀନ ଯୁହିଦୀ ସାମ୍ରାଜ୍ୟର ଏକ ଅସ୍ତାବଳରେ। ହଜରତ୍ ରସୁଲଙ୍କ ଆବିର୍ଭାବ ହୋଇଥିଲା ମକ୍କା ପରିସ୍ଥାନରେ ଯେଉଁଠି ଦୁର୍ଦ୍ଦଶ ଓ ବର୍ବରତାର ହା ହା କାର ଚାରିଆଡ଼େ ଥିଲା। ଆଉ ହିନ୍ଦୁ ଧର୍ମକୁ ବିଲୋପ ପାଇଁ ମୁସଲମାନଙ୍କ ଶାସନର ଥରହର ସମୟ ଭିତରେ ପ୍ରଭୁ ଶ୍ରୀ ଚୈତନ୍ୟ ନଦିଆରେ ପହଞ୍ଚିଥିଲେ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି କଳିଯୁଗରେ ନରରୂପୀ ନାରାୟଣ ଅବତାରରେ ତତ୍କାଳୀନ ପୂର୍ବ ବଙ୍ଗର ପାବନା ଜିଲ୍ଲା ହିମାୟିତ୍‌ପୁରରେ ଆର୍ବିଭାବ ହୋଇଥିଲେ ଯେଉଁ ସମୟରେ ସେହି ସ୍ଥାନ ଦିନରେ ବି ଅପରାଧୀଙ୍କ ଅମରାବତୀ ଥିଲା। ଲୋକ ପାବନ ଲୀଳା କ୍ରମରେ ସେପରି ପାପ ପଙ୍କିଳ ପରିବେଶ ଭିତରେ ପ୍ରେମମୟ ବ୍ୟକ୍ତିତ୍ୱର ଯାଦୁକରୀ ସ୍ପର୍ଶରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଦୁର୍ବୃତ୍ତଙ୍କ ହୃଦୟ ହରିନାମ ସଂକୀର୍ତ୍ତନରେ ଦସ୍ୟୁରତ୍ନାକରରୁ ବାଲ୍ମିକୀକୁ ପରିବର୍ତ୍ତିତ କରିଥିଲେ। ଜଣେ ଦୁଃଚରିତ୍ର ବ୍ୟକ୍ତି ମାତୃ ସମାଜ ପ୍ରତି କୁଚିନ୍ତା କରି ନିଜ ପାପ ଚିନ୍ତାରେ ମଗ୍ନ ରହିଥିବା ବେଳେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟାଶୀର୍ବାଦରେ ତାର ହୃଦୟ ପରିବର୍ତ୍ତିତ ହୋଇଥିଲା। ଲୋତକର ଧାରା ମହାପ୍ରଭୁ ଶ୍ରୀ ଶ୍ରୀ ଠାକୁରଙ୍କ ପାଦପଦ୍ମରେ ସମର୍ପଣ କରି ସେ ନିଜକୁ ଆଧ୍ୟାତ୍ମିକତାର ରାସ୍ତାରେ ନିମଜ୍ଜିତ କରିଥିଲା।

ଭଗବାନ ଶ୍ରୀ ଶ୍ରୀ ଠାକୁର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ଗୋଟିଏ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପ୍ରାଚୀନ ଇତିହାସର ତଥ୍ୟରୁ ଜଣାଯାଏ ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ସେହିପରି ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରି ନଥିଲା। ପରମ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି - 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା - ପୁରୁଷ ଜନସାଧାରଣଙ୍କ ମଧ୍ୟରେ ଯେପରି ଏପରି ଗୋଟିଏ ଭାବର ସୃଷ୍ଟି କରେ - ଯେଉଁଥିରେ ସେମାନେ ଅବନତ ମସ୍ତକରେ, ନତଜାନୁ ହୋଇ ସସମ୍ଭ୍ରମେ, ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର, କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି - ତେବେ ହିଁ ତୁମେ ଝିଅ - ତେବେ ହିଁ ତୁମେ ସତୀ।'

ଭଗବାନ ଶ୍ରୀ ଶ୍ରୀ ଠାକୁର ଆଧ୍ୟାତ୍ମିକ ମାର୍ଗଦର୍ଶନରେ କହିଛନ୍ତି - 'ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟି ତତ୍ତ୍ୱ, ଗଣିତବିଦ୍ୟା, ରସାୟନଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ ରିପୁର ଦମନ ହୁଏ। କାମିନୀ କାଞ୍ଚନ ସମ୍ବନ୍ଧୀୟ ଯେ କୌଣସି ରକମର ଆଲୋଚନା ହିଁ ସେଥିପ୍ରତି ଆସକ୍ତି ଆଣି ଦେଇପାରେ। ସେ ସବୁ ଆଲୋଚନାରୁ ଯେତେ ଦୂରେଇ ରହିପାରିବେ ସେତେ ଭଲ।' ହେ ବିଦଗ୍ଧ ମାନବ ସମାଜ, ମାତୃଜାତି ପ୍ରତି ସମ୍ମାନରେ ତୁମର ସମ୍ମାନ ବଢ଼ିବ। ସମାଜ ଓ ବିଶ୍ୱର ଶାନ୍ତି ପ୍ରତିଷ୍ଠାର ମୂଳମନ୍ତ୍ର ସେହି ଠାରେ ହିଁ ରହିଛି।

♥ପ୍ରତି ରତ୍ୱିକ, ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ,
ମୋ : ୯୪୩୭୦୫୧୯୫୭

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୨ ୧ )

♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଅନ୍ୟାୟ ବିରୁଦ୍ଧରେ ନ୍ୟାୟର ସମର ଆରମ୍ଭ ହେବା ପୂର୍ବରୁ ରାବଣ ମାତା ସୀତାଙ୍କୁ ମାୟାର ସହାୟତାରେ ଦୁଇଟି କଟାମୁଣ୍ଡ ଦେଖେଇ ତୁମର ଓ ଲକ୍ଷ୍ମଣଙ୍କର ବୋଲି ଭ୍ରମ ସୃଷ୍ଟି କରେଇଥିଲା। ତା ଭାବନା ଅନୁସାରେ ଯଦି ମାତା ଏହି ସମାଚାର ପାଇବା ପରେ ମାନସିକ ଆଘାତ ପାଇ ତାଙ୍କର କିଛି ଅସୁବିଧା ହୋଇଥାନ୍ତା ତେବେ ଯୁଦ୍ଧ ହିଁ ବନ୍ଦ ହୋଇ ଯାଇଥାନ୍ତା। କିନ୍ତୁ ମାତା ଠିକ୍ ଜାଣିଥିଲେ...ତୁମର କ୍ଷତି କରିବା ପାଇଁ ଦୁନିଆର କେଉଁ ଶକ୍ତି ମଧ କେବେ ସମର୍ଥ ହୋଇ ପାରିବନି। ତେଣୁ ମହାସତୀ ମାତା ସୀତା କହିଥିଲେ ଯେ ଯଦି ରାମଙ୍କ ଉପରେ କିଛି ବିପଦ ଆସିଥାନ୍ତା ତେବେ ସୀତାଙ୍କର ହୃଦ ସ୍ପନ୍ଦନ ମଧ ସେଇଠି ବନ୍ଦ ହୋଇ ଯାଇଥାନ୍ତା। ମହାନ୍ ପ୍ରେମର ଏହି ମହନୀୟ ବାର୍ତ୍ତା ଶୁଣି ନିରାଶ ଓ ଲଜ୍ଜିତ ହୋଇ ରାବଣ ଫେରି ଯାଇଥିଲା।

ଯୁଦ୍ଧ ଭୀଷଣ ଜୋର ଧରିଥାଏ।ତୁମେ ଖାଲି ପାଦରେ ତଳେ ଥାଇ ଯୁଦ୍ଧ କରୁଥିବା ଦେଖି ନିଜେ ଦେବତା ମାନେ ସ୍ୱର୍ଗଲୋକରୁ ତୁମ ପାଇଁ ରଥ ଓ ସାରଥୀ ପଠେଇ ଥିଲେ।ରାବଣ ମାୟାଯୁଦ୍ଧରେ ପ୍ରବୀଣ ଥିଲା। ତେଣୁ ଭ୍ରମ ସୃଷ୍ଟି କରି ଛଳନା କରି ଅନେକ ସମୟ ଯୁଦ୍ଧ କରିଥିଲା। ତୁମେ ମଧ ତା ସହିତ ଲଗାତାର ଯୁଦ୍ଧ କରି ତାର ମସ୍ତକ ଛେଦନ କରିଥିଲ।କିନ୍ତୁ ପର ମୁହୂର୍ତ୍ତରେ ସେହି ସ୍ଥାନରେ ପୁଣି ଏକ ମୁଣ୍ଡ ବାହାରି ଆସୁଥିଲା। ଏପରି ସମସ୍ୟା ବିଷୟରେ ଚିନ୍ତା କରିବା ବେଳେ ବିଭୀଷଣ ତୁମକୁ ରାବଣ ବିଷୟରେ କିଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ।

ପ୍ରକୃତରେ ମୟ ନାମ୍ନୀ ଏକ ଦାନବର କନ୍ୟା ମନ୍ଦୋଦରୀ ସହିତ ରାବଣର ବିବାହ ହୋଇଥିଲା। ମୟ ଦାନବ ରାକ୍ଷସ କୁଳର ହୋଇ ମଧ ଦେବତା ମାନଂକ ସହାୟକ ଥିଲେ। ସେଥିପାଇଁ ସେ ନିଜ ମାୟାବୀ ଶକ୍ତି ବଳରେ ଏକ ସଂପୂର୍ଣ୍ଣ ସୁରକ୍ଷା ବଳୟ ସୃଷ୍ଟି କରି ଅମୃତ କଳସକୁ ତା ଭିତରେ ସ୍ଥାପନା କରି ରଖି ଦେଇଥିଲେ। ସେହି ଅମୃତ କଳସ ଚନ୍ଦ୍ରଲୋକରେ ଗୋପନୀୟ ଭାବେ ରଖା ଯାଇଥିଲା। ମନ୍ଦୋଦରୀ ଦାନବ କୂଳରେ ଜନ୍ମ ହୋଇ ମଧ ନୀଚ ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖିଥିଲେ। ସେଥିପାଇଁ ରାବଣର କାର୍ଯ୍ୟ କଳାପ ପସନ୍ଦ କରୁ ନଥିଲେ। କିନ୍ତୁ ରାବଣର ମା କୈକେଶି ତାଙ୍କୁ ନିଜ ପତ୍ନୀ ଧର୍ମର ଦ୍ୱାହି ଦେଇ ରାବଣକୁ ଅମର କରିବା ପାଇଁ ବାଧ କରିଥିଲେ। ମନ୍ଦୋଦରୀ ମନ ଭିତରୁ ନ ଚାହିଁଲେ ମଧ ନିଜ ଧର୍ମ ଆଗରେ ମୁଣ୍ଡ ନୁଆଇଁ ଦେବାକୁ ହୋଇଥିଲା ତାଙ୍କୁ। ତାଙ୍କର ସଖୀ ଜଣେ ନକ୍ଷତ୍ର ହୋଇଥିବାରୁ ସେ ଅନାୟାସରେ ଚନ୍ଦ୍ରଲୋକରେ ପ୍ରବେଶ କରି ପାରିଥିଲେ। କଥା ଛଳରେ ଅମୃତ କଳସ କେବଳ ଥରେ ମାତ୍ର ଦେଖିବେ ବୋଲି କହି ସେ ପାଖକୁ ଯାଇ ପାରିଲେ। ରକ୍ଷୀମାନଂକ ଆଢୁଆଳରେ ଯାଇ ସେ ନିଜ ପିତାଙ୍କଠାରୁ ଶିଖିଥିବା ମାୟା ବିଦ୍ୟା ଫଳରେ ଅମୃତ କଳସକୁ ଚୋରେଇ ନେଇଗଲେ। ଏକଥା ଜାଣି ପାରିବା ପରେ ନିଜେ ଚନ୍ଦ୍ରଦେବ ତାଙ୍କୁ ଗୋଡ଼େଇ ଚାଲିଲେ। କିନ୍ତୁ ସେତିକିବେଳେ ପୁଷ୍ପକ ବିମାନ ଆସି ପହଞ୍ଚି ଯିବାରୁ ସେ ସେଠାରୁ ନିରାପଦରେ ରାବଣର ପରିଧି ଭିତରକୁ ଚାଲି ଆସିଲେ।

ମନ୍ଦୋଦରୀ କିନ୍ତୁ ଠିକ୍ ଜାଣିଥିଲେ ଯେ ଯଦି ରାବଣ ଅମୃତପାନ କରି ଅମର ହୋଇଯାଏ ତେବେ ସଂସାର ଭିତରୁ ଧର୍ମ ସଂପୂର୍ଣ୍ଣ ନଷ୍ଟ ହୋଇଯିବ। ତାର ଅଧର୍ମର ବର୍ଦ୍ଧିତ ମାତ୍ରା ବିଶ୍ୱବିଧାତାଙ୍କୁ ମଧ ଚିନ୍ତାରେ ପକେଇ ଦେବ।ସୃଷ୍ଟିର ନିୟମ ଅନୁସାରେ ଏଇଠି ଦେବତା ମଧ ମରଣଶୀଳ ହୋଇଥିବା ବେଳେ ଏମିତି ନୀତିବିରୁଦ୍ଧ କାର୍ଯ୍ୟ କରିବାକୁ ତାଙ୍କ ମନ କଦାପି ମାନୁ ନଥିଲା। କେବଳ ସେହି କାରଣରୁ ସେ ବିଭୀଷଣଙ୍କର ସାହାଯ୍ୟ କାମନା କରିଥିଲେ। ବିଭୀଷଣ ନିଜ ମାତାଙ୍କୁ ବୁଝେଇ ଦେଲେ ଯେ ସେ ନିଜ ବିଦ୍ୟା ବଳରେ ସେହି ଅମୃତ କଳସକୁ ରାବଣର ଶରୀରରେ ସ୍ଥାପନା କରିଦେବେ। କୈକେଶୀ ଜାଣିଥିଲେ ଏହି ବିଦ୍ୟାକୁ କେବଳ ବିଭୀଷଣ ହିଁ ଜାଣନ୍ତି। ତେଣୁ ସେ ତାଙ୍କୁ ସେପରି କରିବାକୁ କହିଲେ। ବିଭୀଷଣ ଚତୁରତାର ସହ ଅମୃତ କଳସକୁ ରାବଣର ନାଭି ପ୍ରଦେଶରେ ଲୁଚେଇ ରଖି ଦେଇଥିଲେ ଯାହା ଫଳରେ ତାର ମୃତ୍ୟୁ ସେତେ ସମୟ ଯାଏଁ ହେବନି ଯେତେ ସମୟ ଯାଏଁ ସେହି କଳସ ନଷ୍ଟ ହୋଇନାହିଁ। କିନ୍ତୁ ତା' ପୂର୍ବରୁ ତାର ମୃତ୍ୟୁ ମଧ ହେବନାହିଁ। ଧର୍ମରକ୍ଷା ପାଇଁ କରିଥିବା ଏପରି କାର୍ଯ୍ୟ ମନ୍ଦୋଦରୀ ଏବଂ ବିଭୀଷଣଙ୍କୁ ଶ୍ରେଷ୍ଠତା ପ୍ରଦାନ କରିଥିଲା।

ଏହି ଗୂଢ଼ ରହସ୍ୟ ବିଭୀଷଣ ତୁମକୁ ଜଣେଇ ଦେବା ପରେ ତୁମେ ରାବଣ ନାଭିକୁ ଲକ୍ଷ୍ୟ କରି ତୀର ମାରିଥିଲ ଏବଂ ତାହାର ସେହି ଅମୃତ ଭାଣ୍ଡ ନଷ୍ଟ କରି ଦେଇଥିଲ। ଫଳରେ ରାବଣର ଅନ୍ତ ହୋଇ ଧର୍ମ ଧରା ବକ୍ଷରେ ପୁନଃ ମୁଣ୍ଡ ଉଠେଇ ଠିଆ ହୋଇ ପାରିଥିଲା। କେବଳ ଏତିକି ନୁହେଁ; ରାବଣର ଅନ୍ତ ସମୟରେ ଯେତେବେଳେ ତା ବୁଦ୍ଧି ଶୁଦ୍ଧ ହୋଇ ଆସିଥିଲା ଏବଂ ସେ ମୋକ୍ଷ ଆଡ଼କୁ ଅଗ୍ରସର ହେଉଥିଲା ସେତେବେଳେ ତୁମେ ତା' ଠାରୁ କିଛି ରାଜୋପଦେଶ ଗ୍ରହଣ କରି ତାକୁ ମଧ ଉପଯୁକ୍ତ ସମ୍ମାନ ପ୍ରଦାନ କରିଥିଲ।

ତା ପରେ ଯେତେବେଳେ ମାତା ସୀତାଙ୍କୁ ଆଣିବା ପାଇଁ ଯିବାକୁ ହେଲା ସେତେବେଳେ ନିଜ ପିତାଙ୍କୁ ଦେଇଥିବା ବଚନର ଧର୍ମ ରକ୍ଷା ଉଦ୍ଦେଶ୍ୟରେ ତୁମେ ନଗର ଭିତରକୁ ପ୍ରବେଶ ନକରି ନିଜର ପ୍ରମୁଖ ସେନାଗଣଙ୍କୁ ଏଥିପାଇଁ ପଠେଇଥିଲ। ହେଲେ ମାତା ସମ୍ମୁଖକୁ ଆସିବା କ୍ଷଣି ତୁମେ ଜାଣି ସାରିଥିଲ ଯେ ସେ ଦେବୀ ବେଦମତୀ ଅଟନ୍ତି । ଛଦ୍ମ ବେଶରେ ମାତା ସୀତାଙ୍କ ରୂପ ନେଇ ରାବଣ ଅନ୍ତର କାରଣ ସାଜି ନିଜ ଜନ୍ମକୁ ସଫଳ କରିବା ସହ ତୁମର ପତ୍ନୀ ହେବାର ସୌଭାଗ୍ୟ ଲାଭ କରି ନିଜ ତପସ୍ୟାର ଫଳ ପାଇଥିଲେ। କିନ୍ତୁ ସେତିକିରେ କଥା ସମାପ୍ତ ହୋଇ ନଥିଲା। ମାତା ସୀତାଙ୍କୁ ପୁନଃ ଫେରି ପାଇବା ପାଇଁ ତୁମକୁ ଏକ ଭୀଷଣ ଅଗ୍ନି ପରୀକ୍ଷାର ଆୟୋଜନ କରାଇବାକୁ ହୋଇଥିଲା। ଯାହା ଫଳରେ ଦେବୀ ବେଦମତୀ ଫେରି ଯାଇ ମାତା ପୁନଃ ଆସି ପାରିବେ। କିନ୍ତୁ ଦୁନିଆ ଏଇୟା ବୁଝିଲା ଯେ ମାତା ଯେହେତୁ ରାବଣର କୁଟିଳ ପରିଧି ଭିତରେ ଦୀର୍ଘ ସମୟ କଟାଇଥିଲେ ତେଣୁ ତାଙ୍କ ସତୀତ୍ୱ ପ୍ରମାଣିତ କରିବା ପାଇଁ ଏହି ଅଗ୍ନି ପରୀକ୍ଷା କରା ଯାଇଥିଲା। ଧର୍ମ ରକ୍ଷା ପାଇଁ ତୁମର ଏତାଦୃଶ ତ୍ୟାଗ ଚିର କାଳ ଅମର ହୋଇ ରହିଛି ପ୍ରଭୁ। ମାତା ସୀତା ଅଗ୍ନି ଭିତରୁ ଶୁଦ୍ଧ କୁନ୍ଦନ ପରି ବାହାରି ଆସିଲେ।ମାତା ସିନା ଅଗ୍ନିରେ ପ୍ରବେଶ କରି ଚାଲି ଆସିଲେ ହେଲେ ସେହି ଅଗ୍ନିର ଉତ୍ତାପକୁ ତୁମେ ସହ୍ୟ କରିଥିଲ। ମାତା ସିନା ନିଜର ତେଜ ବଳରେ ଝଟକୁଥିଲେ ହେଲେ ତୁମ ମୁଖ ମଣ୍ଡଳ ଆଭା ମଳୀନ ହୋଇ ଯାଇଥିଲା ତାଙ୍କୁ ଏପରି ଏକ କାର୍ଯ୍ୟ କରୁଥିବାର ଦେଖି...!!

ତଥାପି...ସହିବାକୁ ହୋଇଥିଲା ତୁମକୁ ଏ ଯନ୍ତ୍ରଣା...!!

ସେତେବେଳକୁ ବନବାସର ଚଉଦବର୍ଷ ସମୟ ପ୍ରାୟ ସରି ଆସୁଥିଲା। ଭରତଙ୍କ ସନ୍ଦେଶ ଅନୁସାରେ ତୁମର ବିଳମ୍ବ ହେଲେ ସେ ଆତ୍ମାହୁତି ଦେଇଥାନ୍ତେ। ତେଣୁ ତୁମେ ବ୍ୟସ୍ତ ବିବ୍ରତ ହେବା ସମୟରେ ବିଭୀଷଣ ତୁମକୁ ପୁଷ୍ପକ ବିମାନରେ ନେଇ ଅଯୋଧ୍ୟା ପହଞ୍ଚାଇବାକୁ ପ୍ରସ୍ତାବ ରଖିଥିଲେ। ନିଜ ବଚନରକ୍ଷା କରି ତୁମେ ବିଭୀଷଣଙ୍କୁ ଲଙ୍କାର ରାଜା ହିସାବରେ ଅଭିଷେକ କରେଇଥିଲ। ଅଯୋଧ୍ୟା ଯାଏଁ ତୁମ ଫେରନ୍ତା ଯାତ୍ରାରେ ସାଙ୍ଗରେ ଯିବାକୁ ଚାହିଁଲେ ମଧ ତୁମେ ତାଙ୍କୁ ରାଜକାର୍ଯ୍ୟ ଛାଡ଼ି ଆସିବାକୁ ମନା କରି ନିଜେ ନିଜର ଅନ୍ୟ ଭକ୍ତ ମାନଂକ ସହିତ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲ। ପୁରାଣ କୁହେ ଆସିବା ବେଳେ ତୁମେ ମାତା ଅଞ୍ଜନୀଙ୍କୁ ଦେଖା କରିଥିଲ। ସେ ହନୁମାନଙ୍କ ଉପରେ କ୍ଷୁବ୍ଧ ହୋଇ ଯାଇଥିଲେ। କାରଣ ସେ ଥାଉ ଥାଉ ତୁମକୁ କାହିଁକି କଷ୍ଟ କରି ଲଙ୍କା ଯାଇ ଏତେ ଯନ୍ତ୍ରଣା ସହିବାକୁ ହୋଇଥିଲା...!!?? ସେ ବୁଝିପାରୁ ନଥିଲେ ତାଙ୍କ ପୁତ୍ର ହୋଇ ହନୁମାନ କିପରି ନିଜ ପ୍ରଭୁଙ୍କୁ ଏତେ ଦିନ ଧରି ସଂଘର୍ଷ କରିବା ଦେଖି ଚୁପ୍ ରହି ପାରିଲେ...!!??ସେ ନିଜ ପୁତ୍ର ଉପରେ କ୍ରୋଧିତ ହେବା ଦେଖି ତୁମେ ତାଙ୍କୁ ବୁଝେଇ କହିଥିଲ ଯେ ଧର୍ମ ସଂସ୍ଥାପନା ଉଦ୍ଦେଶ୍ୟରେ ସେ ଯେଉଁ ନର ରୂପ ନେଇଛନ୍ତି ସେଇଥିପାଇଁ ଏ ପ୍ରକାର ମାନବୀୟ ଲୀଳା କରିବା ସର୍ବାଦୌ ଆବଶ୍ୟକ। ଏଥିରେ କୌଣସି ପ୍ରକାରେ ପରିବର୍ତ୍ତନ କରିହେବ ନାହିଁ। ଏଇୟା ଶୁଣି ମାତା ଅଞ୍ଜନୀ ଶାନ୍ତ ହୋଇଥିଲେ ଓ ହନୁମାନଙ୍କୁ କ୍ଷମା କରି ଦେଇଥିଲେ।



♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭

# ଭାରତ ବିଶ୍ୱର ସନ୍ତୁଳନକାରୀ ଶକ୍ତି



ଡ.ରାଧାରଂଜନ ପଟ୍ଟନାୟକ

ମାନବ ସଭ୍ୟତାର ଇତିହାସର ଛାତି ଥରା ଅଧ୍ୟାୟ ଗୁଡିକୁ ଯଦି ଆମେ ପଢ଼ିବାକୁ ଚେଷ୍ଟା କରିବା, ତେବେ ତାହାର ପୃଷ୍ଠାଗୁଡ଼ିକରେ ଆମେ ଦେଖିପାରିବା ଯେ , ଯୁଦ୍ଧ ଓ ଶାନ୍ତିର ଏକ ଅନବରତ ସଂଘର୍ଷ, ରକ୍ତର ଲାଲ ରଙ୍ଗରେ ଲେଖା ହୋଇଥିବା ବିଜୟର କାହାଣୀ, ଅସ୍ଥିରତାର କ୍ଷୁଭିତ ଲହରୀ ଓ ଶାନ୍ତିର ସ୍ୱପ୍ନ—ଏହି ସବୁ ମିଶି ମାନବ ସଭ୍ୟତାର ତିକ୍ତ ମଧୁର ଅନୁଭୂତିର ରୋମାଞ୍ଚକର ଗାଥା ଅତି ଯତ୍ନରେ ସାଇତା ହୋଇ ରହିଛି। କେତେବେଳେ ବିଜୟର ଉଲ୍ଲାସ ତ; ପୁଣିକେତେବେଳେ ପରାଜୟର କ୍ଷତ । ଏଇ ସବୁ କାହାଣୀକୁ ନେଇ ଇତିହାସ ନିଜର ଶରୀର ଗଢ଼ିଛି।

ଯୁଦ୍ଧ କେବଳ ଅସ୍ତ୍ରର ଘାତ-ପ୍ରତିଘାତ ନୁହେଁ; ଏହା ମାନବ ମନୋଭାବର ଏକ ଅନ୍ଧକାର ଅବସ୍ଥା, ଯେଉଁଠାରେ ସଭ୍ୟତାର ନୈତିକତା ଓ ମୂଲ୍ୟବୋଧର କଠୋର ପରୀକ୍ଷା ହୁଏ। ଆଜିର ବିଶ୍ୱ ଏକ ନୂଆ ଭୂ-ରାଜନୈତିକ ଅସ୍ଥିରତାର ସମୟ ମଧରେ ଗତି କରୁଛି। ପଶ୍ଚିମ ଏସିଆରେ ଆମେରିକା ଓ ଇସ୍ରାଏଲ ସହିତ ଇରାନ ମଧରେ ବଢୁଥିବା ସାମରିକ ସଂଘର୍ଷ, ପୂର୍ବ ଇଉରୋପରେ ରୁଷିଆ ଓ ୟୁକ୍ରେନ ମଧରେ କ୍ରମାଗତ ବର୍ଷାଧିକ କାଳ ଯୁଦ୍ଧ, ଏବଂ ଦକ୍ଷିଣ ଏସିଆରେ ପାକିସ୍ତାନ-ଆଫଗାନିସ୍ତାନ ସମ୍ପର୍କରେ ଉପୁଜିଥିବା ଅସ୍ଥିରତା ବିଶ୍ୱ ଶାନ୍ତିର ଆକାଶକୁ ସଙ୍କଟର ଘନମେଘରେ ଆବୃତ କରିଦେଇଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଆମେରିକାର ସାମରିକ ଘାଟି ଉପରେ ଇରାନର ରକେଟ ମାଡ଼ ଭଳି ଘଟଣା ସମଗ୍ର ପୃଥିବୀକୁ ଏକ ଅଜଣା ଆଶଙ୍କା ମଧକୁ ଠେଲି ଦେଇଛି। ଏପରି ସ୍ଥିତିରେ ସ୍ୱାଭାବିକ ଭାବେ ମନରେ ଏକ ପ୍ରଶ୍ନ ଉଠେ—ଏହି ବିଶ୍ୱ ଅସ୍ଥିରତାର ସମୟରେ ଭାରତର ପ୍ରକୃତ ଭୂମିକା କ'ଣ ?

ଭାରତର ସଭ୍ୟତା ଓ ସଂସ୍କୃତି ଯୁଦ୍ଧର ଚେତନାରେ ନୁହେଁ, ବରଂ ଶାନ୍ତି ଓ ସହ-ଅସ୍ତିତ୍ୱର ଦାର୍ଶନିକତାରେ ଗଭୀର ଭାବରେ ନିହିତ। ପୁରାତନ ଭାରତୀୟ ଚିନ୍ତନରେ "ବସୁଧୈବ କୁଟୁମ୍ବକମ୍"—ଅର୍ଥାତ୍ ସମଗ୍ର ପୃଥିବୀ ଏକ ପରିବାର—ଏହି ମହାନ ଭାବନା ମାନବତାର ଏକ ସର୍ବଜନୀନ ଦୃଷ୍ଟିକୋଣ ପ୍ରଦାନ କରିଛି। ଏହି ଦୃଷ୍ଟିକୋଣ କେବଳ ଏକ ଦାର୍ଶନିକ ଉକ୍ତି ନୁହେଁ, ବରଂ ଏହା ଭାରତର ବିଦେଶ ନୀତିର ମୂଳ ଆଧାର। ସ୍ୱାଧୀନତା ପରେ ଭାରତ ଯେତେବେଳେ ନୂଆ ରାଷ୍ଟ୍ର ଭାବେ ବିଶ୍ୱ ମଞ୍ଚରେ ଛିଡ଼ା ହେବାକୁ ସାହସ କଲା, ସେତେବେଳେ ସେ ଏକ ଅନନ୍ୟ କୂଟନୈତିକ ମାର୍ଗ ବାଛିଲା, ଯାହା ଥିଲା ଅଲିପ୍ତତାର ନୀତି। ଶୀତଳ ଯୁଦ୍ଧ ସମୟରେ ବିଶ୍ୱ ଯେତେବେଳେ ଦୁଇଟି ଶକ୍ତିଶାଳୀ ଶିବିରରେ ବିଭକ୍ତ ହୋଇପଡ଼ିଥିଲା, ସେତେବେଳେ ଭାରତ କୌଣସି ଏକ ପକ୍ଷରେ ନ ରହି ସମତା ଓ ସ୍ୱାଧୀନତାର ପଥ ଅନୁସରଣ କଲା। ଏହି ନୀତି ଭାରତକୁ ବିଶ୍ୱ ରାଜନୀତିରେ ଏକ ନୈତିକ ସ୍ୱର ଭାବେ ପରିଚିତ କରାଇଛି। ଆଜିର ସମୟରେ ମଧ ଭାରତ ସେଇ ପାରମ୍ପରିକ ସମନ୍ୱୟମୂଳକ ନୀତିକୁ ଅନୁସରଣ କରିଚାଲିଛି।

ପଶ୍ଚିମ ଏସିଆର ଭୟଙ୍କର ସଂଘର୍ଷରେ ଭାରତ ଅତ୍ୟନ୍ତ ସାବଧାନ ଏବଂ ସମତାମୂଳକ ଭୂମିକା ଗ୍ରହଣ କରିଛି। ଆମେରିକା ଓ ଇସ୍ରାଏଲ ସହ ଭାରତର ଗଭୀର ରଣନୈତିକ ଓ ଆର୍ଥିକ ସମ୍ପର୍କ ରହିଥିଲେ ମଧ, ଇରାନ ସହ ଭାରତର ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ମଧ ଅତ୍ୟନ୍ତ ଗଭୀର। ଏହି ଜଟିଳ ପରିସ୍ଥିତିରେ ଭାରତ କୌଣସି ଏକ ପକ୍ଷରେ ସମ୍ପୂର୍ଣ୍ଣ ଭାବେ ନ ଥାଇ, ସଂଳାପ ଓ କୂଟନୈତିକ ସମାଧାନର ପକ୍ଷରେ ମତ ପ୍ରକାଶ କରିଛି। ରୁଷିଆ ଓ ୟୁକ୍ରେନ ମଧରେ ଚାଲିଥିବା ଦୀର୍ଘସ୍ଥାୟୀ ସଂଘର୍ଷରେ ମଧ ଭାରତ ଏକ ସନ୍ତୁଳିତ ନୀତି ଅନୁସରଣ କରିଛି। ଗୋଟିଏ ପଟେ ରୁଷିଆ ସହ ଭାରତର ଦଶନ୍ଧି ଦଶନ୍ଧି ଧରି ରହିଥିବା ରଣନୈତିକ ସମ୍ପର୍କ ରହିଛି, ଅନ୍ୟପଟେ ୟୁକ୍ରେନ ଓ ପଶ୍ଚିମ ଦେଶଗୁଡ଼ିକ ସହିତ ମଧ ଭାରତର ସହଯୋଗ ଅବିଚ୍ଛିନ୍ନ ରହିଛି। ଏହି ପରିସ୍ଥିତିରେ ଭାରତ ଯୁଦ୍ଧକୁ କେବେବି ସମର୍ଥନ କରିନାହିଁ; ବରଂ 'ଆଜିର ଯୁଗ ଯୁଦ୍ଧର ଯୁଗ ନୁହେଁ' ବୋଲି ସ୍ପଷ୍ଟ ବାର୍ତ୍ତା ଦେଇ ସଂଳାପ ଓ ଶାନ୍ତିପୂର୍ଣ୍ଣ ସମାଧାନକୁ ପ୍ରୋତ୍ସାହିତ କରିଛି। ଦକ୍ଷିଣ ଏସିଆରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧରେ ଜନ୍ମ ନେଉଥିବା ଅସ୍ଥିରତା ମଧ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ। ଏହି ଅଞ୍ଚଳରେ ଅସ୍ଥିରତା ବଢ଼ିଲେ ତାହାର ପ୍ରଭାବ ସମଗ୍ର ଦକ୍ଷିଣ ଏସିଆର ସୁରକ୍ଷା ଓ ଅର୍ଥନୀତି ଉପରେ ପଡ଼ିବାର ସମ୍ଭାବନା ଥିବାରୁ, ଭାରତ ସଦାବେଳେ ଏଠାରେ ଶାନ୍ତି, ଉନ୍ନତି ଓ ସହଯୋଗର ପକ୍ଷରେ ଆବାଜ ଉଠାଇଛି।

ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ଭାରତର ମାନବତାମୂଳକ ପଦକ୍ଷେପ ମଧ ବିଶେଷ ଉଲ୍ଲେଖଯୋଗ୍ୟ। ସଂକଟପୂର୍ଣ୍ଣ ଅଞ୍ଚଳରୁ ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହିତ ଅନ୍ୟ ଦେଶର ନାଗରିକଙ୍କୁ ମଧ ସହାୟତା ପ୍ରଦାନ କରିବାରେ ଭାରତ ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ଏହି ପଦକ୍ଷେପ କେବଳ ଏକ ରାଷ୍ଟ୍ରର ଦାୟିତ୍ୱ ନୁହେଁ; ଏହା ଏକ ପ୍ରାଚୀନ ସଭ୍ୟତାର ନୈତିକ ଚେତନାର ପ୍ରକାଶ। ଆର୍ଥିକ ଦୃଷ୍ଟିରୁ ମଧ ଭାରତ ଆଜି ବିଶ୍ୱରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦାବି କରୁଛି। ଯୁଦ୍ଧ ଯେତେବେଳେ ବିଶ୍ୱ ବଜାରକୁ ଅସ୍ଥିର କରିଦେଉଛି, ସେତେବେଳେ ଭାରତ ଏକ ସ୍ଥିର ଏବଂ ଉଦୟମାନ ଅର୍ଥନୀତି ଭାବେ ବିଶ୍ୱର ଆଶାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ଭାରତର ବୃଦ୍ଧିଶୀଳ ଅର୍ଥନୀତି, ବିଶାଳ ଜନଶକ୍ତି ଓ ରଣନୈତିକ ସ୍ଥିତି ତାକୁ ବିଶ୍ୱ ରାଜନୀତିରେ ଏକ ସନ୍ତୁଳନକାରୀ ଶକ୍ତିରେ ପରିଣତ କରିଛି। ତଥାପି ଭାରତର ଏହି ଭୂମିକା କେବଳ ରାଜନୈତିକ କିମ୍ବା ଆର୍ଥିକ ନୁହେଁ; ଏହା ଏକ ଗଭୀର ନୈତିକ ଦୃଷ୍ଟିକୋଣ। ଯେତେବେଳେ ବିଶ୍ୱର ଅନେକ ଶକ୍ତିଶାଳୀ ଦେଶ ଶକ୍ତିର ପ୍ରଦର୍ଶନ ଓ ରାଜନୀତିରେ ଲିପ୍ତ, ସେତେବେଳେ ଭାରତ ଶାନ୍ତି, ସହଯୋଗ ଓ ସଂଳାପର ପକ୍ଷରେ ଏକ ସମତାମୂଳକ ଦୃଷ୍ଟି ପ୍ରଦାନ କରୁଛି।

ଭବିଷ୍ୟତର ବିଶ୍ୱ ବ୍ୟବସ୍ଥା କେମିତି ହେବ, ତାହା ଆଜିର ରାଷ୍ଟ୍ରମାନଙ୍କର ନୀତି ଓ ମନୋଭାବ ଉପରେ ନିର୍ଭର କରିବ। ଯଦି ଯୁଦ୍ଧ ଓ ଶକ୍ତିର ରାଜନୀତି ପ୍ରଧାନ ହୋଇରହିବ, ତେବେ ବିଶ୍ୱ ଆହୁରି ଅଧିକ ଅସ୍ଥିର ହେବ। କିନ୍ତୁ ଯଦି ସଂଳାପ, ସହଯୋଗ ଓ ମାନବତାର ମୂଲ୍ୟବୋଧ ପ୍ରମୁଖ ହୋଇଉଠିବ, ତେବେ ଏକ ଶାନ୍ତିମୟ ବିଶ୍ୱ ଗଢ଼ି ଉଠିପାରିବ। ଏହି ପରିପ୍ରେକ୍ଷୀରେ ଭାରତ ଏକ ଆଶାର ଆଲୋକ ଭାବେ ଉଭା ହୋଇଛି। ଏହାର ସଭ୍ୟତା, ସଂସ୍କୃତି ଓ କୂଟନୈତିକ ଦୃଷ୍ଟିକୋଣ ବିଶ୍ୱକୁ ଏକ ନୂଆ ମାର୍ଗ ଦେଖାଇପାରେ—ଯେଉଁଠାରେ ଶକ୍ତି ପରିବର୍ତ୍ତେ ବୁଦ୍ଧି, ଦ୍ୱନ୍ଦ୍ୱ ପରିବର୍ତ୍ତେ ସଂଳାପ ଏବଂ ଯୁଦ୍ଧ ପରିବର୍ତ୍ତେ ଶାନ୍ତି ମାନବ ସଭ୍ୟତାର ମୂଳ ଆଧାର ହେବ। ସେହିପରି ସାମ୍ପ୍ରତିକ ଭୂ-ଯୁଦ୍ଧର ଅନ୍ଧକାର ଛାୟାରେ ଭାରତର ଭୂମିକା କେବଳ ଏକ ରାଷ୍ଟ୍ରର ରଣନୈତିକ ଅବସ୍ଥାନ ନୁହେଁ; ଏହା ଏକ ସଭ୍ୟତାର ନୈତିକ ସନ୍ଦେଶ। ଯୁଦ୍ଧର ଧୂଆଁ ମଧରେ ମଧ ଭାରତ ଶାନ୍ତିର ଦୀପ ଜ୍ୱାଳାଇ ରଖିବାକୁ ଚେଷ୍ଟା କରୁଛି ଏବଂ ସେଇ ଆଲୋକ ହିଁ ଆଗାମୀ ବିଶ୍ୱର ପଥପ୍ରଦର୍ଶକ ହୋଇପାରେ। ମାନବ ସଭ୍ୟତାର ଏହି ବିଶାଳ ଗାଥାରେ ଭାରତର ଏହି ଅଧ୍ୟାୟ ଶାନ୍ତି ଓ ମାନବିକତାର ଏକ ନୂତନ ପରିଭାଷା ସୃଷ୍ଟି କରିବ, ଯାହା ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ ଓ ସମୃଦ୍ଧ ପୃଥିବୀର ମୂଳଦୂଆ ପକାଇବ।

♥ ସଲଟ ରୋଡ଼, କାଦ୍ରାବାଦ
ସୁନହଟ, ବାଲେଶ୍ୱର-୨
ମୋ :୯୪୩୮୨୯୦୦୭୨

# ଅଶାନ୍ତ ତେହେରାନ୍ ଓ ସାମ୍ପ୍ରତିକ ବିଶ୍ୱର ପରିସ୍ଥିତି



ଡା. ରାଜକିଶୋର ପଣ୍ଡା



ଏହା ଭିତରେ ୨୦୨୫ ଡିସେମ୍ବର ଶେଷ ଭାଗରେ ଇରାନରେ ଆରମ୍ଭ ହୋଇଥିବା ସରକାର ବିରୋଧୀ ଜନ ଆନ୍ଦୋଳନ, ବର୍ତ୍ତମାନ ସମୟ ସୁଦ୍ଧା ଭୟଙ୍କର ଆକାର ଧାରଣ କରିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ପାଖାପାଖି ପନ୍ଦର ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ହତ୍ୟା କରାଯାଇଛି । ଏହାକୁ ଆଧୁନିକ ଇରାନ ଇତିହାସରେ ସର୍ବବୃହତ ଗଣହତ୍ୟା ବୋଲି କହିଲେ ମଧ ଅତ୍ୟୁକ୍ତି ହେବନାହିଁ। ଅସଂଖ୍ୟ ବିରୋଧୀ ଦଳର ରାଜନେତା ଏବଂ ଛାତ୍ରନେତାମାନଙ୍କୁ ଇରାନର ମୌଳବାଦୀ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ବିଦ୍ରୋହକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ଏହି ନିବନ୍ଧଟି ଲେଖିବାବେଳକୁ ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକରେ, ଇରାନ୍ ବିଦ୍ରୋହୀମାନଙ୍କର ଫାଶୀଦଣ୍ଡକୁ ସ୍ଥଗିତ ରଖିଛି କିନ୍ତୁ ଏହି ଆନ୍ଦୋଳନକୁ କେନ୍ଦ୍ର କରି ବର୍ତ୍ତମାନ ସମଗ୍ର ମଧ୍ୟପ୍ରାଚ୍ୟ ଓ ବିଶ୍ୱ ଅଶାନ୍ତ ହୋଇପଡ଼ିଛି। ଇତିମଧ୍ୟରେ ମିଳୁଥିବା ଖବର ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧଜାହାଜ ଯାହାର ନାମ ୟୁଏସ୍ଏସ୍ ଆବ୍ରାହାମ୍ ଲିଙ୍କନ୍ ଦକ୍ଷିଣ ଚୀନ ସାଗରରୁ ମଧ ପ୍ରାଚ୍ୟକୁ ଯାତ୍ରା ଆରମ୍ଭ କରିଛି। ଏହି ଯୁଦ୍ଧ ଜାହାଜଟି ବିଶ୍ୱର ସବୁଠାରୁ ବଡ଼, ଶକ୍ତିଶାଳୀ ତଥା ପରମାଣୁ ଶକ୍ତି ସମ୍ପନ୍ନ ଯୁଦ୍ଧଜାହାଜମାନଙ୍କ ଭିତରୁ ଅନ୍ୟତମ ଅଟେ। ଇରାନକୁ ଚାରିପଟୁ ଘେରାଉ କରିବା ଓ ଏହାର ସାମରିକ ପ୍ରତିଷ୍ଠାନ ଉପରେ ଆମେରିକାର ଆକ୍ରମଣ ଯୋଜନା ଯଦି ବାସ୍ତବ ରୂପ ନିଏ ତେବେ ତାହା ଯେ ସମଗ୍ର ବିଶ୍ୱରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

ଇରାନ୍‌ରେ ବର୍ତ୍ତମାନ ଦେଖାଦେଇଥିବା ଶାସନତନ୍ତ୍ର ବିରୋଧୀ ଗଣ ଆନ୍ଦୋଳନ କିଛି ନୂଆ କଥା ନୁହେଁ। ଅତୀତରେ ବିଭିନ୍ନ କାରଣରୁ ପ୍ରାୟ ଚାରିଥର ଇରାନ୍ ଏହିପରି ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହିସବୁର କାରଣ ଖୋଜିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ୧୯୫୦ ଦଶକକୁ। ୧୯୫୩ ମସିହାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଇରାନର ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ଓ ଇଂଲଣ୍ଡ ଏକ ସାମରିକ ବିଦ୍ରୋହ ମାଧ୍ୟମରେ ଗାଦିଚ୍ୟୁତ କରିଥିଲେ। ଏହାର କାରଣ ତତ୍କାଳୀନ ପ୍ରଧାନମନ୍ତ୍ରୀ, ଆମେରିକା ଓ ଇଂଲଣ୍ଡର, ଇରାନ୍‌ରେ ଅବାରିତ ତୈଳ କାରବାର ଉପରେ ପ୍ରତିବନ୍ଧକ ଲଗାଇବା ସହିତ, ତୈଳ ଖଣିଗୁଡ଼ିକୁ ଜାତୀୟକରଣ କରିଥିଲେ। ତେଣୁ ତାଙ୍କୁ ଶାସନଗାଦିରୁ ହଟାଇଲା ପରେ "ମହମ୍ମଦ ପାହାଲଭି" ଯେ କି ଇରାନର ପାରମ୍ପରିକ ଶାସକ ବର୍ଗର (ଏହି ପାହାଲଭି ବଂଶ ଇରାନର ପ୍ରସିଦ୍ଧ ରାଜନ୍ୟ ବଂଶ ଯେଉଁମାନେ ପାଖାପାଖି ଅଢ଼େଇ ହଜାର ବର୍ଷ ଦେଶକୁ ଶାସନ କରିଛନ୍ତି) ତଥା ଆମେରିକା ଓ ଇଂଲଣ୍ଡର ସମର୍ଥକ ଥିଲେ ତାଙ୍କ ନେତୃତ୍ୱରେ ସେଠାରେ ସରକାର ପ୍ରତିଷ୍ଠିତ ହେଲା। କିନ୍ତୁ ମହମ୍ମଦ ପାହାଲଭିଙ୍କ ଭ୍ରଷ୍ଟାଚାର ଓ ବିଳାସ ବ୍ୟସନରେ ବ୍ୟଥିତ ହୋଇ ଏବଂ ତାଙ୍କୁ ଇସ୍‌ଲାମ୍ ବିରୋଧୀ ବୋଲି ଦର୍ଶାଇ ୧୯୭୯ ମସିହାରେ ଇରାନରେ ସଂଘଟିତ ହେଲା 'ଇସ୍‌ଲାମୀୟ' କ୍ରାନ୍ତି। ଏଥିରେ ମହମ୍ମଦ ପାହାଲଭିଙ୍କୁ ଶାସନ କ୍ଷମତାରୁ ହଟାଇ ମୁସଲମାନ ଧର୍ମଗୁରୁ "ରୁହୋଲ୍ଲା ଖାମିନୀ" ଦେଶର ଶାସନ କ୍ଷମତା ନିଜ ହାତକୁ ନେଲେ।

ଏହିଠାରୁ ହିଁ ଇରାନ୍‌ର ଆଧୁନିକ ରାଜନୀତି ଏକ ଭିନ୍ନ ଦିଗରେ ଗତି କଲା। ଇସଲାମୀୟ ମୌଳବାଦୀ ଧର୍ମଗୁରୁମାନେ ଦେଶର ଜନସାଧାରଣଙ୍କ ମନରେ ଇଂଲଣ୍ଡ, ଆମେରିକା ଓ ଇସ୍ରାଏଲ ପ୍ରତି ବିଦ୍ୱେଷ ଭାବ ସୃଷ୍ଟି କରାଇଲେ। ଦେଶର ପ୍ରଧାନ ସମ୍ବଳ ତୈଳ ଉପରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଲୋଲୁପ ଦୃଷ୍ଟି ରହିଛି ବୋଲି ଧାରଣା ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରାଗଲା ଏବଂ ଏ ଧାରଣା କେତେକାଂଶରେ ସତ୍ୟ ମଧ ଥିଲା। ଆମେରିକାର ଲିବିୟା, ଇରାକ୍ ଉପରେ ଆକ୍ରମଣର ମୁଖ୍ୟ କାରଣ ତୈଳ ହିଁ ତ ଅଟେ। ଆମେରିକାର ସମ୍ଭାବ୍ୟ ଆକ୍ରମଣକୁ ଆଖି ଆଗରେ ରଖି ଇରାନ୍ ଆରମ୍ଭ କରିଥିଲା ଏହାର ବହୁ ଆକାଂକ୍ଷିତ ପରମାଣୁ କାର୍ଯ୍ୟକ୍ରମ। ଏହାକୁ ବିରୋଧ କରି ଆନ୍ତର୍ଜାତୀୟ ସମୁଦାୟ ଇରାନ ଉପରେ ଆର୍ଥିକ ଓ ନାନାବିଧ ଅନ୍ୟାନ୍ୟ କଟକଣା ମଧ ଜାରି କରିଥିଲେ। ୨୦୨୫ ମସିହା ଜୁନ ମାସରେ ଇସ୍ରାଏଲ ଓ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ମଧ ଥିଲା ଏହି ଆଣବିକ ପ୍ରସଙ୍ଗ। ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଇରାନ୍, ଇସ୍ରାଏଲ ବିରୁଦ୍ଧରେ ଗାଜାର ହମାସ ଓ ଲେବାନନ୍‌ର ହେଜ୍‌ବୋଲ୍ଲାକୁ ସହାୟତା ପ୍ରଦାନ କରିବା।

ତେବେ ସମ୍ପ୍ରତିକ ସମୟରେ ଇରାନ ଓ ଆମେରିକାର ମୁହାଁମୁହିଁ ପରିସ୍ଥିତି କେବଳ ଦ୍ୱିପାକ୍ଷିକ ନୁହେଁ ବରଂ ଏହାର ପ୍ରଭାବ ପୂରା ବିଶ୍ୱ ଉପରେ ପଡ଼ିପାରେ। ଏହା ଯୋଗୁଁ ମଧ୍ୟପ୍ରାଚ୍ୟରେ ବଡ଼ ଧରଣର ଯୁଦ୍ଧ ହେବା ସଙ୍ଗେ ସଙ୍ଗେ ଅଶୋଧିତ ତୈଳର ଉତ୍ତୋଳନ ଓ ଏହାର ମୂଲ୍ୟ ମଧ ନିଶ୍ଚିତ ଭାବରେ ପ୍ରଭାବିତ ହେବ। ଏହା ମଧ ସାମ୍ପ୍ରଦାୟିକବାଦ, ଆତଙ୍କବାଦୀ ସମସ୍ୟା, ଶରଣାର୍ଥୀ ସଙ୍କଟ ଭଳି ବିଷମ ସମସ୍ୟା ସୃଷ୍ଟି କରିବ।

୧୯୭୯ର ଇସଲାମିକ୍ ଆନ୍ଦୋଳନ ପରେ ଗାଦିରେ ବସିଥିବା ଧର୍ମଗୁରୁମାନେ ରାଜନୀତି, ଧର୍ମୀୟ ଭାବନାକୁ ଶାସନ ଓ ପ୍ରତିରକ୍ଷା ସହିତ ମିଶାଇ ଦେଶରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି। ଏହାକୁ ସୁରକ୍ଷା ହେଉଛି ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସ (ଆଇ.ଆର୍.ଜି.ସି.)। ଏହା କେବଳ ଏକ ସୁରକ୍ଷା ବାହିନୀ ନୁହେଁ ବରଂ ଦେଶର ଆର୍ଥିକ, ସାମାଜିକ ଓ ରାଜନୈତିକ ଚିନ୍ତାଧାରାର କେନ୍ଦ୍ର ମଧ ଅଟେ। ପୁନଶ୍ଚ ଇରାନ୍‌ର ବର୍ତ୍ତମାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମିନୀଙ୍କର ପୂର୍ଣ୍ଣ ସମର୍ଥନ ଆଇ.ଆର.ଜି.ସି. ପଛରେ ଅଛି। ପୂର୍ବରୁ ଇରାନରେ ୨୦୦୯,୨୦୧୮,୨୦୧୯ ଏବଂ ୨୦୨୨ରେ ଶାସନତନ୍ତ୍ର ବିରୋଧୀ ଜନ ଆନ୍ଦୋଳନ ସଂଘଟିତ ହୋଇଯାଇଛି କିନ୍ତୁ ସବୁଥର ଏହି ଆନ୍ଦୋଳନ ବିଫଳ ହିଁ ସାବ୍ୟସ୍ତ ହୋଇଛି। ଏହାର ମୁଖ୍ୟ କାରଣ ଆଇ.ଆର୍.ଜି.ସି.ର ଶକ୍ତ ଭୂମିକା। ଏକାଧାରାରେ ସୀମାକୁ ସୁରକ୍ଷା ଦେଉଥିବା ଏକ ସୈନ୍ୟବାହିନୀ ସହିତ ଇସଲାମୀୟ ବିଚାରଧାରାକୁ ସମ୍ମାନ ଦେଉଥିବା ଏହା ଏକ ଅତିରକ୍ଷଣଶୀଳ ଦଳ ମଧ। ତେଣୁ କେବଳ ଶାସନ ବା ଦଳ ଭାବରେ ଚିନ୍ତା କରି, ବିରୋଧ ପ୍ରଦର୍ଶନ କରି ଇରାନର ବ୍ୟବସ୍ଥାକୁ ହଟାଇବା ଜନସାଧାରଣଙ୍କ ପକ୍ଷରେ କଷ୍ଟସାଧ୍ୟ।

କିନ୍ତୁ ୨୦୨୫ରେ ଦେଖାଦେଇଥିବା ଆନ୍ଦୋଳନଦ୍ୱାରା ଇରାନର ମୌଳବାଦୀ ସରକାର ଚାପରେ ନାହିଁ, ଏକଥା କହିବା ଠିକ୍ ହେବ ନାହିଁ। ଏହାର କାରଣ ହେଉଛି ଏହି ଆନ୍ଦୋଳନକୁ ସୃଷ୍ଟି କରିଥିବା "ଜେନ୍ ଜି" ଯୁବବର୍ଗ। ଦଶନ୍ଧି ଧରି ଅମେରିକା ଓ ଆନ୍ତର୍ଜାତିକ ସମୁଦାୟଦ୍ୱାରା ଇରାନ୍ ଉପରେ କଟକଣା ଲାଗିଆସିଛି। ଏହାର ଫଳସ୍ୱରୂପ ଦେଶରେ ତେଲର ରପ୍ତାନୀ, ବିଦେଶୀ ନିବେଶ ଆଦି ବହୁ ମାତ୍ରାରେ ହ୍ରାସ ପାଇଛି। ଖୁଚୁରା ମୁଦ୍ରାସ୍ଫୀତି, ଦରଦାମ ବର୍ତ୍ତମାନ ଆକାଶଛୁଆଁ। ଦେଶରେ ଭିତ୍ତିଭୂମିର ବିକାଶ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ହେବା ଫଳରେ ଏହା ଜନସାଧାରଣ ବିଶେଷ କରି ମଧ୍ୟମବର୍ଗଙ୍କୁ ହତାଶାରେ ପକାଇଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା ଜେନ୍ ଜି ଗୋଷ୍ଠୀ ବା ଯୁବବର୍ଗ ହେଉଛନ୍ତି ଇରାନର ସମୁଦାୟ ଜନସଂଖ୍ୟାର ଏକ ବୃହତ୍ ଅଂଶ। ୧୯୭୯ ଆନ୍ଦୋଳନର ବହୁ ବର୍ଷ ପରେ ଏମାନଙ୍କର ଜନ୍ମ। ବର୍ତ୍ତମାନ ଦେଶର ପରିସ୍ଥିତି, ନିଜର ଶିକ୍ଷା, ଭବିଷ୍ୟତ ନିଯୁକ୍ତି ଆଦିକୁ ସେମାନେ ମୁଖ୍ୟ ପ୍ରସଙ୍ଗ ଭାବରେ ନେଉଛନ୍ତି। ସେମାନଙ୍କର ବାସ୍ତବବାଦୀ ଦାବୀ ସହିତ ଇରାନର ଧର୍ମଗୁରୁମାନଙ୍କର ସାମାଜିକ ଓ ଧାର୍ମିକ ସର୍ବସ୍ୱ ଚିନ୍ତାଧାରାର ସଂଘର୍ଷ ଘଟିବା ଫଳରେ ହିଁ ଦେଶର ଆଜି ଏହିଭଳି ଅବସ୍ଥା। ଜନସାଧାରଣଙ୍କର ମୁଖ୍ୟ ପ୍ରଶ୍ନ ଆଜି ଏହା ଯେ, ଆମେରିକା ଓ ଇସ୍ରାଏଲ ସହିତ ଦେଶର ଅନ୍ତହୀନ ଓ ଦିଶାହୀନ ଶତ୍ରୁତାରେ ସେମାନଙ୍କର ସ୍ୱାର୍ଥ ବା କଣ ?

ଇତି ମଧରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ୍ ସହିତ ଆର୍ଥିକ କାରବାର କରୁଥିବା ଦେଶମାନଙ୍କ ଉପରେ ପଚିଶ ପ୍ରତିଶତ ଟାରିଫ ଲଗାଇବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କ ସୈନ୍ୟ କାରବାର ମଧ୍ୟପ୍ରାଚ୍ୟକୁ ନେଇ ଯୁଦ୍ଧ ମୁହଁରେ ଠିଆ କଲାଣି।

କିନ୍ତୁ ଇତିହାସର ଘଟଣାବଳୀକୁ ଅନୁଶୀଳନ କଲେ ଆମେ ଜାଣିପାରିବା ଯେ ବାହ୍ୟ ଆକ୍ରମଣ କରି ଇରାନ୍‌ରେ କ୍ଷମତା ପରିବର୍ତ୍ତନ କରିବା କେବେ ବି ସଫଳ ହୋଇନାହିଁ। ୧୯୫୩ ମସିହାରେ ଆମେରିକା ଓ ଇଂଲଣ୍ଡର ସହଯୋଗରେ ଦେଶରେ ସଂଘଟିତ ହୋଇଥିବା ବିଦ୍ରୋହ ଆଜି ମଧ ଦେଶର ଜନସାଧାରଣଙ୍କୁ ଜାତୀୟତା ଭାବର ପ୍ରେରଣା ଦେଇଥାଏ। ୧୯୭୯ ମସିହାରେ ବିତାଡ଼ିତ ହୋଇଥିବା ମହମ୍ମଦ ପାହାଲଭିଙ୍କ ପୁତ୍ର ରେଜା ପାହାଲଭି ବର୍ତ୍ତମାନ ଆନ୍ତର୍ଜାତିକ ସମୁଦାୟଙ୍କୁ ଇରାନ ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। କିନ୍ତୁ ଦେଶ ବାହାରେ ଥିବା ନେତୃତ୍ୱ କେବେ ବି ଇରାନର ଜନସାଧାରଣଙ୍କର ବିଶ୍ୱାସ ଭାଜନ ହୋଇପାରିନାହିଁ। ପୁନଶ୍ଚ ଇରାନ ଭେନେଜୁଏଲା ନୁହେଁ। ଏହାର ଏକ ଦୃଢ଼ ସାମାଜିକ, ରାଜନୈତିକ ଓ ଧାର୍ମିକ ପରମ୍ପରା ଏହାର ଶାସନତନ୍ତ୍ର ସହିତ ସଂଶ୍ଳିଷ୍ଟ ହୋଇ ରହିଛି। ପଡ଼ୋଶୀ ଦେଶ ଯେପରିକି ସିରିଆ, ଲେବାନନ, ସାଉଦି ଆରବ ଉପରେ ମଧ ଏହାର ଏକ ଭାବଗତ ପ୍ରଭାବ ରହିଆସିଛି। ତେଣୁ କୌଣସି ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେଲେ ସମଗ୍ର ପଶ୍ଚିମ ଏସିଆ ଯେ ଅଶାନ୍ତ ହେବ ଏଥିରେ ସନ୍ଦେହ ନାହିଁ।

ପରିଶେଷରେ ଏ ଆନ୍ଦୋଳନର କର୍ତ୍ତା ଓ ଏହାର ଭବିଷ୍ୟତର ହକ୍‌ଦାର ଇରାନ୍‌ର ଜନସାଧାରଣ, କାରଣ ଦେଶର କୋଟି କୋଟି ନରନାରୀ ଖାଦ୍ୟ, ବସ୍ତ୍ର, ବାସଗୃହ, ଔଷଧ ଆଦି ମୌଳିକ ସୁବିଧା ପାଉନଥିବାବେଳେ, ନେତାମାନେ ଆନ୍ତର୍ଜାତିକ ସ୍ତରରେ ବୈଚାରିକ ଯୁଦ୍ଧ ଲଢ଼ିବା କେତେଦୂର ପ୍ରୟୋଜନ ତାହା ପାଠକମାନେ ବିଚାର କରନ୍ତୁ।

♥ ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
(ମୋ) ୮୧୪୪୦୪୨୯୯୭

# ମୋଟ ୧୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ତିନୋଟି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଦେଲେ ବିଧାୟକ ମାନସ କୁମାର ଦତ୍ତ




ବାଲେଶ୍ୱର, ୦୭/୩ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର କୁରାଡ଼ିହା ଓ ରସଲପୁର ପଂଚାୟତରେ ଦୁଇଟି ରାସ୍ତାର ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ରସଲପୁର ପଂଚାୟତର ଆରଡି ରାସ୍ତା ଠାରୁ ବଡ଼ଧନାଡି ପର୍ଯ୍ୟନ୍ତ ରାସ୍ତା ଏବଂ ସାଢ଼େ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ କୁରାଡ଼ିହା ପଞ୍ଚାୟତର ପିଡବ୍ଲ୍ୟୁଡି ରାସ୍ତା ଠାରୁ କୋଇଲିସାହି ପର୍ଯ୍ୟନ୍ତ ରାସ୍ତା ଓ ଜାତୀୟ ରାଜପଥ - ୬୦ ଠାରୁ ପରମାନନ୍ଦ ସାହି ପର୍ଯ୍ୟନ୍ତ ରାସ୍ତାକୁ ସାମିଲ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପଗୁଡିକର ଶୁଭ ଦେଇଥିଲେ । ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ବାଲେଶ୍ୱର ସହର ଉପକଣ୍ଠ ଏକାଧିକ ପଂଚାୟତର ଲକ୍ଷାଧିକ ଲୋକ ଏହି ରାସ୍ତାର ଉନ୍ନତି ଦ୍ୱାରା ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ସଠିକ ମାନଦଣ୍ଡ ଓ ଗୁଣବତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶ୍ରୀ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟମୀମା ମଧ୍ୟରେ ସମସ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଲୋକଙ୍କ ଆଶା ମୁତାବକ ଶେଷ ହେବ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ସୁମିତ୍ରା ବାରିକ, କାର୍ତ୍ତିକ ପ୍ରଧାନ, ଶଶିକାନ୍ତ ମିଶ୍ର, ସୁଭେସ ନାୟକ, ତପନ ଗିରି, ଗୋକୁଳାନନ୍ଦ ପାଣି, ସଦାଶିବ ଜେନା, ଭାଗ୍ୟଧର ବେହେରା, ପୁରୁଷୋତ୍ତମ ବାରିକ, ଧନଞ୍ଜୟ ମହାନ୍ତି, ବାଇଧର ବେହେରା, ବସନ୍ତ ବେହେରା, ଶ୍ରୀଧର ବେହେରା, ଉମାକାନ୍ତ ପ୍ରଧାନ, ପାଗେଶ୍ୱର ମହାପାତ୍ର, ଅରୁପାନନ୍ଦ ବଢ଼େଇ, ଶ୍ରୀପତି ମାଝୀ, ସତ୍ୟାନନ୍ଦ ମହାନ୍ତି, ଶାନ୍ତିଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ ।

## ଏନଆରଟିଏସ ପରୀକ୍ଷାରେ ବ୍ଲକ ସ୍ତରରେ ଦ୍ୱିତୀୟ ସ୍ଥାନ ସାଙ୍ଗକୁ ଓଷ୍ଟା ମେଧା ଅନ୍ୱେଷଣ ସ୍ଥାନ ପାଇଲେ ଅଙ୍କିତା ପାଳ

ଜଳେଶ୍ୱର , ୦୭/୩ (ନି.ପ୍ର): ଜଳେଶ୍ୱର ବ୍ଲକ ଖୁଆଡ ଗ୍ରାମ ପଞ୍ଚାୟତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟ ଖୁଆଡର ନବମ ଶ୍ରେଣୀର ଛାତ୍ରୀ ଅଙ୍କିତା ପାଳ ଚଳିତ ବର୍ଷ ଏନ ଆର ଟି ଏସ ପରୀକ୍ଷାରେ ବ୍ଲକ ସ୍ତରରେ ଦ୍ୱିତୀୟ ସ୍ଥାନରେ ରହିବାର କୃତିତ୍ୱ ଅର୍ଜନ କରିଛନ୍ତି । ତତ୍ ସହିତ ରାଜ୍ୟରେ ଓଷ୍ଟା ମେଧାଅନ୍ୱେଷଣ ୧୦୦ କୃତି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୩୨ ତମ ସ୍ଥାନ ପାଇଥିଲା ଉରାୟାରାମଚନ୍ଦ୍ର ପୁର ଗ୍ରାମ ପଞ୍ଚାୟତରଗ୍ରାମର ପିତା ଜଗଦୀଶ ଚନ୍ଦ୍ର ପାଳ ଏବଂ ମାତା ଦିବ୍ୟାଭାରତୀ ପାଳ ଏକ ମାତ୍ର ଝିଅ ଅଟନ୍ତି । ସେ ଖୁଆଡ ଗ୍ରାମ ସ୍ଥିତ ଅଜା ସଦାନନ୍ଦ ପାତ୍ରଙ୍କ ଘରେରହି ପାଠ ପଢି ଆସୁଛନ୍ତି ଏହି ସଫଳତା ପାଇଁ ପିତାମାତା,ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ପ୍ରଧାନ ଶିକ୍ଷକ ସୁଖଦେବ ପ୍ରାମାଣିକ, ସମୀର ମହାନ୍ତ, ଅନୁସୂୟା ପଟ୍ଟାୟତ୍ ଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କର ଗାଇଡ ଶିକ୍ଷକ ଭାରତୀ ପାଇକରାୟଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଭବିଷ୍ୟତରେ ଜଣେ ବଡ଼ ଆଇନ୍ ଜିବୀ ହେବାର ଲକ୍ଷ୍ୟ ରଖିଛନ୍ତି ।ତାଙ୍କର ଏହି ସଫଳତା ପାଇଁ ପଞ୍ଚାୟତର ସରପଞ୍ଚ ସସ୍ମିତା ବାରିକ୍, ସାମ୍ବାଦିକ ଅଶ୍ରୁମୋଚନ ଘୋଷ, ଯୁବ ନେତା ସୁଜିତ୍ ଦାସ , ସନତ ସାହୁ, ଅଜିତ୍ ଘୋଷ ,ସହ ପଞ୍ଚାୟତ ବାସି କୃତଜ୍ଞତା ଜଣାଇଛନ୍ତି ।

## ଜନ ଔଷଧି ଦିବସରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ, ୦୭/୩ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଜନ ଔଷଧି ଦିବସ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା (ପିଏମବିଜେପି)ର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇବା । ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ କହିଛନ୍ତି,ଜନ ଔଷଧି ଦିବସ ଅବସରରେ ସମସ୍ତଙ୍କୁ ଶୁଭକାମନା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା (ପିଏମବିଜେପି) ରୁ ଉପକୃତ ହୋଇଛନ୍ତି । ଏହି ପଦକ୍ଷେପ ପ୍ରତ୍ୟେକ ନାଗରିକଙ୍କୁ ସୁଲଭ ଏବଂ ଗୁଣାତ୍ମକ ଔଷଧ ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ । 'ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ ଜନ ଔଷଧି କେନ୍ଦ୍ର ମାଧ୍ୟମରେ, ଦେଶବ୍ୟାପୀ ଲକ୍ଷ ଲକ୍ଷ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚ ସଞ୍ଚୟ କରୁଛନ୍ତି ଏବଂ ଉପଯୁକ୍ତ ଚିକିତ୍ସା ପାଉଛନ୍ତି । ପ୍ରଧାନମନ୍ତ୍ରୀ ଏହି ଯୋଜନାର ପରିବର୍ତ୍ତନକାରୀ ପ୍ରଭାବର ଏକ ଝଲକ ମଧ୍ୟ ସେୟାର କରିଛନ୍ତି ।

## ମହିଳାଙ୍କୁ ସ୍ୱାଧିନ ଓ ସମ୍ମାନର ସହ ଜୀବନ ବଂଚିବାର ସୁଯୋଗ ମିଳୁ : ପ୍ରମିଳା ପଣ୍ଡା



ଉଦଳା, ୦୭/୩ (ନି.ପ୍ର): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ନଗରପାଳ ପ୍ରମିଳା ପଣ୍ଡା ମହିଳା ମାନଙ୍କ ପାଇଁ ସ୍ୱାଧିନ ଓ ସମ୍ମାନର ସହ ଜୀବନ ବଂଚିବାର ସବୁପ୍ରକାର ସୁଯୋଗ ସୃଷ୍ଟି କରାଯାଉ ବୋଲି ବ୍ୟକ୍ତ କରିଛନ୍ତି । ଆଜିବି ମହିଳା ମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନାର ଶିକାର ହେବାକୁ ପଡୁଛି । ଯାହାକି ଖୁବ୍ ଦୁଃଖ ଓ ଯନ୍ତ୍ରଣାଦାୟକ ବିଷୟ ଭାବରେ ମୁଣ୍ଡ ଟେକିଛି । କନ୍ୟା ସନ୍ତାନ ମାନଙ୍କ ପ୍ରତି ଘୃଣା ମନୋଭାବ ବହୁଳ ଭାବରେ ଦେଖିବାକୁ ମିଳୁଛି । କନ୍ୟା ଭ୍ରୂଣହତ୍ୟା ଠାରୁ ଆରମ୍ଭ କରି ପ୍ରଚଳିତ ବିଭିନ୍ନ ବିଧିବ୍ୟବସ୍ଥା ମହିଳା ମାନଙ୍କ ପ୍ରତି ଥିବା ଘୃଣାଭାବର ସ୍ପଷ୍ଟ ଚିତ୍ର ଅଟେ । ଏହିଭଳି ଏକ ମାନସିକତା ଠାରୁ ଦୂରେଇଯାଇ ନୂଆ ଏକ ଦୁନିଆଁର ସ୍ୱପ୍ନ ଦେଖିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ନଗରପାଳ ଶ୍ରୀମତୀ ପଣ୍ଡା ଗଣମାଧ୍ୟମକୁ ଜଣାଇଛନ୍ତି ।

## ପ୍ରଜାପତି ସାହିତ୍ୟ ଶାଖା 'ଅନୁରାଗ'ର ଆଲୋଚନା ଚକ୍ର ଅନୁଷ୍ଠିତ




ବାଲେଶ୍ୱର, ୦୭/୩ (ନି.ପ୍ର): ମହାବିଦ୍ୟାଳୟ ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ପ୍ରଜାପତି' ସାହିତ୍ୟ ଶାଖା ତରଫରୁ ଆଲୋଚନା ଚକ୍ର ଅନୁରାଗ ସ୍ଥାନୀୟ ବାଗବୃନ୍ଦାବନ ଶ୍ରୀ ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଆଲୋଚନାଚକ୍ରକୁ ଓଡ଼ିଆ ସାହିତ୍ୟର ସଫଳ କବି ଓ କଥାକାର ଗଙ୍ଗାଧର ବିଶ୍ୱାଳ, ଉଦ୍ଘାଟନ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ସମେତ ସାହିତ୍ୟପ୍ରେମୀ ଓ ପାଠକ ଉପସ୍ଥିତ ରହି ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟକ ଶ୍ରୀ ବିଶ୍ୱାଳ କହିଲେ ଯେ ପ୍ରତ୍ୟେକ ସ୍ରଷ୍ଟା ଭିତରେ ସୃଷ୍ଟିର ଅନନ୍ତ ସମ୍ଭାବନା ଲୁଚି ରହିଥାଏ ଓ ଲେଖକଟିଏ ତାକୁ ଖୋଜି ବାହାରକରି ସୃଜନ ମନସ୍କ ହେବା ଆବଶ୍ୟକ। ଶିକ୍ଷାର୍ଥୀ ଅତିଥି ଭାବେ ଭାବେ ଫକୀରମୋହନ ଅଟୋନମାସ କଲେଜର ସ୍ନାତକୋତ୍ତର ଛାତ୍ର ଶ୍ରୀ ସାଗର ମଲ୍ଲିକ, ଛାତ୍ରୀ ବବିତା ସ୍ୱାଇଁ ଓ ଲୋପାମୁଦ୍ରା ଦାସ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ସାହିତ୍ୟର ବିଭିନ୍ନ ଦିଗ ଉପରେ ନିଜର ଅନୁଭବ ବଖାଣିବା ସହ କବିତା ସହଜ ଓ ସରଳ ଭାବେ ପାଠକଙ୍କୁ ପ୍ରଭାବିତ କରେ ବୋଲି କହିଥିଲେ। 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ ପୌରହିତ୍ୟ କରି କହିଲେ ଯେ ଆମ ଭାଷା ସାହିତ୍ୟ ପ୍ରତି ଛାତ୍ରଛାତ୍ରୀଙ୍କର ଅନୁରାଗ ଓ ଶ୍ରଦ୍ଧା ସୃଷ୍ଟି କରିବା ପାଇଁ 'ପ୍ରଜାପତି' ବିଭିନ୍ନ କାର୍ଯ୍ୟକୁ ସମ୍ମାନ ସହ ଆୟୋଜନ କରିଥାଏ ଓ 'ଅନୁରାଗ' ଏହାର ଗୋଟିଏ ଅଂଶ। ଏହି ଆଲୋଚନାଚକ୍ରରେ କବି ଗାୟତ୍ରୀ ଆଚାର୍ଯ୍ୟ ଓ ଶୁଭଶ୍ରୀ ଦାସ ନିଜ ନିଜର ଅଭିମତ ଦେବା ସହ ଦୁଇଟି ନିଜର ସୁନ୍ଦର କବିତା ପାଠ କରିଥିଲେ। ପ୍ରାରମ୍ଭରେ 'ପ୍ରଜାପତି'ର ଆବାହକ ବିପ୍ଳବ ଦାସମହାପାତ୍ର ସ୍ୱାଗତ କଥା ରଖିବା ସହ 'ଅନୁରାଗ' କଥା ରଖିଥିବା ବେଳେ ସଂଯୋଜକ କବି ମଧୁସୂଦନ ମିଶ୍ର କବି ଓ କବିତା କଥା ରଖି ନିଜର ଏକ କବିତା ପାଠ କରିଥିଲେ। 'ପ୍ରଜାପତି'ର ସଦସ୍ୟା ସରସ୍ୱତୀ ଭୋଇ ଅତିଥି ଓ ଆଲୋଚକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ବେଳେ ପ୍ରତିମା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅମଜରଜିତ ଦାସ, ସନ୍ତୋଷ ଦଳେଇ ଓ ସୁକୁମାର ଘୋଷ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ 'ଅନୁରାଗ' କାର୍ଯ୍ୟକ୍ରମ ଶ୍ରୀ ଶିକ୍ଷା କକ୍ଷରେ ଦୁଇ ମାସକୁ ଥରେ ଆୟୋଜନ ହେବ ବୋଲି ସଭାପତି ଶ୍ରୀ ଦାସ ସୂଚନା ପ୍ରଦାନ କରିଥିଲେ।

## ରଞ୍ଜନ ସରଙ୍ଗୀ ନବମ ସଂସ୍କରଣରେ ରକ ଷ୍ଟାର ବିଜୟୀ ହୋଇ ଫାଇନାଲରେ ପ୍ରବେଶ

ପୁରୀ, ୦୭/୩ (ନି.ପ୍ର): ସହିଦ ହାବିଲଦାର ରଞ୍ଜନ ସରଙ୍ଗୀ ନାମରେ ନବମ ସଂସ୍କରଣ କ୍ରିକେଟ ଖେଳ ପୁରୀ ପୋଲିସ ଲାଇନ ପଡିଆରେ ଆରକ୍ଷୀ ଅଧକ୍ଷକ ଶ୍ରୀ ପ୍ରତୀକ ସିଂ ଦ୍ୱାରା ଉଦ୍ଘାଟନ ହୋଇଥିଲା । ଏହି ସେମି ଫାଇନାଲ ମ୍ୟାଚରେ କଳିଙ୍ଗ ସ୍ୱଟିଙ୍ଗ ବନାମ ରକ ଷ୍ଟାର ମଧ୍ୟରେ ହୋଇଥିଲା । ପ୍ରଥମେ ଟସ୍ ଜିତି ରକଷ୍ଟାର ଅଧିନାୟକ ସତ୍ୟବାନ ସ୍ୱାଇଁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । କଳିଙ୍ଗ ସ୍ପୋର୍ଟିଂ ୧୬ ଓଭର ଖେଳରେ ୪ ଗୋଟି ୱିକେଟ ହରାଇ ୧୬୮ ରନ କରିଥିଲେ । ଜଗନ୍ନାଥ, ସିଲୁ ଓ ସ୍ମୃତି ୧ ୱିକେଟ ନେଇଥିଲେ ।ଏହାକୁ ପିଛା କରି ରକ ଷ୍ଟାର ୯ ଓଭର ୩ ଟି ବଲରେ ବିନା ୱିକେଟ ହରାଇ ୧୭୨ ରନ କରି ମ୍ୟାଚ ଜିତିଥିଲେ । ଅଧିନାୟକ ବାପି ୩୫ ବଲରେ ୧୦୨ , ଲିଟୁ ୨୨ ବଲରେ ୬୦ ରନ କରି ବିଜୟୀ ହୋଇଥିଲେ । ଶେଷରେ ବାପି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ଏହି ପ୍ରତିଯୋଗିତାରେ ପୁରୀ ପୋଲିସର ୧୯୫ ଜଣ ୮ଗୋଟି ଦଳରେ ଭାଗ ହୋଇ ଏହି ଖେଳରେ ଅଂଶ ଗ୍ରହଣ କରିଛନ୍ତି ଏହି ଖେଳକୁ ଅନେକ ଦର୍ଶକ ଭରପୁର ମଜା ନେଇଥିଲେ ଯାହା ଖେଳ ଏକ ତରଫା କରି ରକ ଷ୍ଟାର ବିଜୟୀ ହୋଇଥିଲେ ।

## ପାହାଳରେ ହାଇୱା ଧକ୍କାରେ ୩ ମୃତ

ଭୁବନେଶ୍ୱର, ୦୭/୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଘଟିଛି ଭୟାବହ ସଡକ ଦୁର୍ଘଟଣା। ପାହାଳ ଥାନା ଅନନ୍ତପୁର ଛକ ନିକଟରେ ଏକ ହାଇୱା ଧକ୍କାରେ ତିନି ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ତିନି ଜଣ ବାଇକରେ ଯାଉଥିବା ବେଳେ ଏକ ଦ୍ରୁତଗତି ହାଇବା ଆସି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ହିଁ ତିନି ଜଣଙ୍କ ମୃତ୍ୟୁ ଘଟିଥିଲା। ବାଲି ବୋଝେଇ ଏକ ହାଇବା ଧକ୍କାରେ ଘଟିଥିବା ଏହି ଦୁର୍ଘଟଣା ପରେ ତିନୋଟି ପରିବାରରେ ଶୋକର ଛାୟା ଛାଇଯାଇଛି। ମୃତକମାନେ ହେଲେ ସତ୍ୟଜିତ ଓଝା ଓରଫ ସିପୁ, ରସିଦ ରାଉତରାୟ ଓରଫ ଚନ୍ଦନ ଏବଂ ଲିଙ୍ଗା ଓରଫ ବିକାଶ। ସୂଚନା ଅନୁଯାୟୀ ସତ୍ୟଜିତ ନିଆଳିର କସରଦା ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ରସିଦ ରାଉତରାୟ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡ଼ିଛି। ତୃତୀୟ ଯୁବକ ଲିଙ୍ଗା ଓରଫ ବିକାଶଙ୍କ ଘର କେଉଁଠି ତାହା ନେଇ ପୋଲିସ ତଦନ୍ତ ଜାରି ରଖିଛି। ଗତକାଲି ରାତିରେ ସତ୍ୟଜିତ ଓ ତାଙ୍କର ଦୁଇ ସାଙ୍ଗ ଗାଁକୁ ମେଳଣ ଦେଖିବା ପାଇଁ ବାଇକରେ ଯାଉଥିବା ବେଳେ ପାହାଳ ଅଞ୍ଚଳରେ ବାଲି ବୋଝେଇ ହାଇବା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତିନି ଯୁବକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସତ୍ୟଜିତ ରସୁଲଗଡ଼ ଅଞ୍ଚଳରେ ଏକ ଗ୍ୟାରେଜରେ କାମ କରୁଥିବା ବେଳେ ପରିବାରର ଭରସା ଥିଲେ ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନେପାଳ ପ୍ରଧାନମନ୍ତ୍ରୀ...

ଏହି କାରଣରୁ, ନେପାଳର ବୈଦେଶିକ ନୀତି ପ୍ରାୟତଃ ନୂଆଦିଲ୍ଲୀ କିମ୍ବା ବେଜିଂ ଆଡକୁ ଢଳିଛି । ବାଲେନ ଶାହ ତାଙ୍କ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଭାରତ ଏବଂ ଚୀନ୍ ଉଭୟ ସହିତ ତ୍ରିପାକ୍ଷିକ ଆର୍ଥିକ ସହଭାଗୀତା ରଖିବେ । ନେପାଳକୁ ଏକ 'ବଫର ରାଜ୍ୟ'ରୁ ଏକ 'ଜୀବନ୍ତ ସେତୁ'ରେ ପରିଣତ କରିବେ ।

### ଦିନକ ପରେ ଆରମ୍ଭ ହେବ...

ଆଇନଶୃଙ୍ଖଳାକୁ ନେଇ କଂଗ୍ରେସର ପ୍ରତିବାଦ ପାଇଁ ପୁରା ଠପ୍ ହୋଇଯାଇଥିଲା ଗୃହକାର୍ଯ୍ୟ। ଏସବୁ ଭିତରେ ବିଧାନସଭାର ପ୍ରଥମ ପର୍ଯ୍ୟାୟ ସରୁ ସରୁ ହାତ ମିଳାଇଛନ୍ତି ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ। ହେଲେ ରାଜ୍ୟସଭା ପ୍ରସଙ୍ଗରେ ଏକାଠି ହୋଇଥିବା ବିରୋଧୀଙ୍କର ଏବେ ଗୃହରେ ଆଭିମୁଖ୍ୟ କ'ଣ ରହିବ ? ଏକ ମନ ହୋଇ ରାଜ୍ୟର ସ୍ୱାର୍ଥ ନେଇ ଆଲୋଚନା କରିବେ ନା ଏକାଠି ଶାସକ ଦଳକୁ ଘେରିବେ ? ରାଜନୈତିକ ଷ୍ଟଣ୍ଟ ପାଇଁ ବିଜେଡି ଗୃହକୁ ବାରମ୍ବାର ଅଚଳ କରିଛି ବୋଲି ପୂର୍ବରୁ ଶାସକ ଦଳ ଅଭିଯୋଗ କରିଛି । ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ। ତେଣୁ ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ସମାନ ଦାବି ନେଇ ଗୃହରେ ହଙ୍ଗାମା କରିବନି ତ ବିଜେଡି ? ଅନ୍ୟପଟେ ଶାସକ ଦଳ କହିଛି, ରାଜ୍ୟର ସ୍ୱାର୍ଥ ନୁହେଁ, ବିରୋଧୀଙ୍କ ପାଇଁ ଦଳୀୟ ସ୍ୱାର୍ଥ ବଡ଼ ପାଲଟିଛି। ମହାନଦୀ, ଆଇନଶୃଙ୍ଖଳା, ଚାଷୀ ପ୍ରସଙ୍ଗରେ ଆଲୋଚନା ଛାଡି ବିରୋଧୀ ଗୃହକୁ ଅଚଳ କରିବାକୁ ହାତ ମିଳାଇଛନ୍ତି । ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ। ତେଣୁ ଗୃହକାର୍ଯ୍ୟ ସୁରୁଖୁରରେ ଆଗେଇବ ନା ଆଲୋଚନା ଅଧୁରା ରହିବ ତାହା ଦେଖିବା ବାକି ରହିଲା ।

### ଭିଜିଲାନ୍ସ ଜାଲରେ...

ବୈଷୟିକ ଟିମ୍ ପକ୍ଷରୁ ମାପଚୁପ କରାଯାଉଛି। ଏହା ବାଦ୍ ଶ୍ରୀ ରାୟଙ୍କ ଘରୁ ନଗଦ ୪ ଲକ୍ଷ ୪୮ ହଜାର ୫୮୦ ଟଙ୍କା ଜବତ କରାଯାଇଛି। ତାଙ୍କର ବ୍ୟାଙ୍କ, ଡାକଘର ଓ ଅନ୍ୟାନ୍ୟ ନିବେଶ ନେଇ ଭିଜିଲାନ୍ସର ଯାଞ୍ଚ ଜାରି ରହିଛି। ତାଙ୍କର ଦୁଇଟି ଦୁଇ ଚକିଆ ଗାଡି ଅଛି। ୧୯୮୮ ମସିହା ଜୁନ ୧୦ ତାରିଖରେ ସରକାରୀ ଚାକିରି ଆରମ୍ଭ କରିଥିଲେ ଶ୍ରୀ ରାୟ। ଜଳ ସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ସେ ଯୋଗ ଦେଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ୧୫୦୦ ଟଙ୍କା ଥିଲା।

### ବଢ଼ିଲା ରୋଷେଇ...

ହେବ ସେ ନେଇ କାହା ପାଖରେ ସଠିକ୍ ଉତ୍ତର ନଥିବାବେଳେ ସରକାରଙ୍କୁ ଘାରିଛି ଏଲପିଜି ଅଭାବ ଚିନ୍ତା। ଯୁଦ୍ଧକୁ ନଜରରେ ରଖି କେନ୍ଦ୍ର ସରକାର ଏକ ଜରୁରିକାଳୀନ ନିୟମରେ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଏଲପିଜି ଉତ୍ପାଦନ ବଢ଼ାଇବାକୁ ତୈଳ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦେଶର ଅଧିକାଂଶ ପରିବାରରେ ଏଲ୍‌ପିଜିକୁ ରୋଷେଇ ଘରେ ବ୍ୟବହାର କରାଯାଉଛି। ତେଣୁ ଏହାର ନିରବଚ୍ଛିନ୍ନ ଯୋଗାଣ ନିହାତି ଜରୁରି । ଅନ୍ୟପଟେ ଏଲପିଜି ଗ୍ୟାସ ଦର ବୃଦ୍ଧିକୁ ସାମୟିକ କହି ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ଯୋଗାଣ ମନ୍ତ୍ରୀ । ପଶ୍ଚିମ ଏସିଆରେ ଅସ୍ଥିରତା, ଆମଦାନି ମୂଲ୍ୟ ବୃଦ୍ଧି, ଯୋଗାଣ ଶୃଙ୍ଖଳରେ ବାଧା କାରଣରୁ ଏଲପିଜି ଦର ବୃଦ୍ଧି ପାଇଛି । ଏଲ୍‌ପିଜି ଦର ୬୦ ଟଙ୍କା ବଢ଼ିଲା, ବାଣିଜ୍ୟିକ ଏଲ୍‌ପିଜି ୧୧୫ ଟଙ୍କା ହେଲା ମହଙ୍ଗା । ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବର ଭାରତର ଏଲ୍‌ପିଜି ଗ୍ରାହକଙ୍କ ଉପରେ ପଡ଼ିଛି । ୧୪.୨ କିଗ୍ରା ବିଶିଷ୍ଟ ଏଲ୍‌ପିଜି ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ିଥିବାବେଳେ ୧୯ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ଦାମ୍ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ିଛି । ଏହା ଫଳରେ ଦିଲ୍ଲୀରେ ଘରୋଇ ଏଲ୍‌ପିଜି ଦର ୮୫୩ ଟଙ୍କା ପରିବର୍ତ୍ତେ ୯୧୩ ଟଙ୍କା ହୋଇଛି। ସେହିଭଳି ଦିଲ୍ଲୀରେ ବାଣିଜ୍ୟିକ ଏଲ୍‌ପିଜି ଦର ୧୭୬୮.୫୦ ପଇସାରୁ ବୃଦ୍ଧି ପାଇ ୧୮୮୩ ଟଙ୍କାରେ ପହଞ୍ଚିଛି । ମାର୍ଚ୍ଚ ୭ ତାରିଖରୁ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ନେଇ ଏକ ସୂତ୍ରରୁ ଜଣାଯାଇଛି। ସେପଟେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସରକାରଙ୍କୁ ଦେଶରେ ଏଲ୍‌ପିଜି ଅଭାବ ଚିନ୍ତା ଘାରିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ଜରୁରିକାଳୀନ ନିୟମରେ ଦିଆଯାଇଥିବା କ୍ଷମତା ବ୍ୟବହାର କରି ଏଲ୍‌ପିଜି ଉତ୍ପାଦନ ବଢ଼ାଇବାକୁ ତୈଳ କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦେଶର ଅଧିକାଂଶ ପରିବାରରେ ଏଲ୍‌ପିଜିକୁ ରୋଷେଇ ଘରେ ବ୍ୟବହାର କରାଯାଉଛି। ତେଣୁ ତାହାର ନିରବଚ୍ଛିନ୍ନ ଯୋଗାଣ ନିହାତି ଜରୁରି । ଏହାକୁ ଦୃଷ୍ଟିରେ ରଖି ଏଲ୍‌ପିଜି ଉତ୍ପାଦନ ପାଇଁ ପ୍ରୋପେନ୍ ଓ ବ୍ୟୁଟେନ୍ ଗ୍ୟାସ୍ ବ୍ୟବହାର କରିବାକୁ ତୈଳ ବିଶୋଧନ କମ୍ପାନିଗୁଡ଼ିକୁ କୁହାଯାଇଛି। ଅନ୍ୟ କୌଣସି ପେଟ୍ରୋ ରସାୟନ ସାମଗ୍ରୀ ଉତ୍ପାଦନରେ ଏହି ଦୁଇ ଗ୍ୟାସ୍ ବ୍ୟବହାର କରିବାକୁ ବାରଣ କରାଯାଇଛି ।

### ରାଜସ୍ଥାନରେ ସକାଳେ ଭୂକମ୍ପ...

ଦିଗରେ ଏବଂ ପୃଥିବୀ ପୃଷ୍ଠରୁ ପ୍ରାୟ ପାଞ୍ଚ କିଲୋମିଟର ଗଭୀରତାରେ ଥିଲା। ସକାଳ ପ୍ରାୟ ୬:୩୦ ବେଳେ ଆସିଥିବା ଏହି ଭୂମିକମ୍ପର ଝଟକା କେବଳ କିଛି ସେକେଣ୍ଡ ପର୍ଯ୍ୟନ୍ତ ମାତ୍ର ଅନୁଭବ ହୋଇଥିଲା। ସୂଚନା ଅନୁସାରେ ଖାଟୁ ଶ୍ୟାମଜୀ, ପଲସାନା, ଡିଙ୍ଗପୁର ଏବଂ ଆଖପାଖ ଅଞ୍ଚଳରେ ଲୋକମାନେ ମାଟିରେ ହାଲୁକା କମ୍ପନ ଅନୁଭବ କରିଥିଲେ। ପ୍ରାୟ ୧-୨ ସେକେଣ୍ଡ ପର୍ଯ୍ୟନ୍ତ ଝଟକା ଅନୁଭବ ହେବାରୁ ଅନେକ ଲୋକ ଘରୁ ବାହାରକୁ ବାହାରି ଆସିଥିଲେ। ପଲସାନ ଅଞ୍ଚଳର ଅନେକ ଲୋକ କହିଛନ୍ତି ଯେ ଭୂମିକମ୍ପ ସମୟରେ ସେମାନଙ୍କ ଘରର ଝରକା ଓ କବାଟ ମଧ୍ୟ ହଲିବାକୁ ଲାଗିଥିଲା।

### ଭିନ୍ନ ଭିନ୍ନ ଅଂଚଳରେ...

ଏକ ଔପଚାରିକ ବିବୃତିରେ କୁହାଯାଇଛି ଯେ ଗତ ଶୁକ୍ରବାର ସୁରକ୍ଷା ବାହିନୀ ଏୟାରପୋର୍ଟ ଠାରୁ ଏନଆରଏଫଏମର ଜଣେ ସକ୍ରିୟ କ୍ୟାଡର ମଙ୍ଗାଙ୍ଗଙ୍କୁ ଗିରଫ କରିଥିଲେ। ସେ ଚୁରାଚାନ୍ଦପୁର ଜିଲ୍ଲାର ହିଙ୍ଗୋଲ ମାରୁପ୍ ଜେନହାଙ୍ଗ ଲମ୍କା ଅଞ୍ଚଳର ବସିନ୍ଦା ବୋଲି ଜଣାପଡିଛି। ଦ୍ୱିତୀୟ ଅଭିଯାନରେ ସୁରକ୍ଷା ବାହିନୀ ୟୁନାଇଟେଡ ନ୍ୟାସନାଲ ଲିବରେସନ ଫ୍ରଂଟର ଜଣେ ସକ୍ରିୟ କ୍ୟାଡର ତେମ୍ବାଙ୍କୁ ଗିରଫ କରିଛନ୍ତି। ସେ ଇମ୍ଫାଲ ଇଷ୍ଟ ଜିଲ୍ଲାର ଖୁରେଇ ସଜୋର ଲେଇରୌ ପୁଖ୍ରି ମପାଲ ଅଞ୍ଚଳର ବସିନ୍ଦା ବୋଲି କୁହାଯାଇଛି। ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡିତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କର ଜଣେ ସହଯୋଗୀ ସେଂଜମ ସିଂହ ଓରଫ ରକେଟଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ପୂର୍ବ ଇମ୍ଫାଲର ଖୁରେଇ ଚୈଥାବି ଲୀରାକ୍ ମାଚିନ ଅଞ୍ଚଳର ବସିନ୍ଦା ବୋଲି ଜଣାପଡିଛି। ତାଙ୍କ ପାଖରୁ ଗୋଟିଏ ୯ ମି.ମି. ପିସ୍ତଲ ଓ ମ୍ୟାଗଜିନ ଜବତ କରାଯାଇଛି। ଗିରଫ ହୋଇଥିବା ଲୋକମାନଙ୍କ ପାଖରୁ ଅନ୍ୟ ଜବତ ସାମଗ୍ରୀ ଭିତରେ ଦୁଇଟି ମୋବାଇଲ ଫୋନ ଓ ଗୋଟିଏ ଆଧାର କାର୍ଡ ମଧ୍ୟ ରହିଛି।

## ଗୌରୀଶଙ୍କର ରାୟଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୩ (ନି.ପ୍ର): ଗୌରୀଶଙ୍କର ରାୟଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଓଡ଼ିଆ ଭାଷା ଓ ସାହିତ୍ୟର ଅନନ୍ୟ ସେବକ, 'ଉତ୍କଳ ଦୀପିକା'ର ସମ୍ପାଦକ କର୍ମବୀର ଗୌରୀଶଙ୍କର ରାୟଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ତ୍ୟାଗ ଓ ଅବଦାନ ଆମ ସମସ୍ତଙ୍କ ପାଇଁ ପଥପ୍ରଦର୍ଶକ।

## ଗୌରାଙ୍ଗ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୦୭/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନ କୃଷ୍ଣପୁର ପଞ୍ଚାୟତର କୋଡ଼ିଏ ଚେନ ଦକ୍ଷିଣ ସାହି ଠାରେ ଶ୍ରୀ ଶ୍ରୀ ଗୌରାଙ୍ଗ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ପରିଚାଳକ ମଣ୍ଟୁ ମାନା, ରତିକାନ୍ତ ପ୍ରଧାନ,ଗଣେଶ ପ୍ରଧାନ, କହ୍ନେଇ ପ୍ରଧାନ, ରବିନ ପ୍ରଧାନ, ସଞ୍ଜୀବ ପ୍ରଧାନ, ଗୋପାଳ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଆଧାତ୍ମିକ ଅନୁଷ୍ଠାନ ସାତ ବର୍ଷ ଧରି ଆଗେଇ ଚାଲିଛି। ଏହି ଉତ୍ସବରେ କଳସ ଶୋଭାଯାତ୍ରା, ପୂଜା ପାଠ, ଯଜ୍ଞ, ଭଜନ କୀର୍ତ୍ତନ, ନାମ ସଙ୍କୀର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପନ୍ନ ହୋଇ ଥିଲା। ବହୁ ସଂଖ୍ୟାରେ ଭକ୍ତ ବନ୍ଧୁ ମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଆଖ ପାଖ ଅଞ୍ଚଳରୁ ବହୁ ଜନ ସାଧାରଣ ଆସି ଠାକୁର ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ବହୁ ସଂଖ୍ୟାରେ ଭାଇ ଭଉଣୀ ମାନେ ଭଗବାନଙ୍କ ନାମ କୁ ଗାନ କରିଥିଲେ।

୦୮ ମାର୍ଚ୍ଚ ୨୦୨୬, ରବିବାର

ଧ୍ୱନି ପ୍ରତିଧ୍ୱନି



# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର, ୦୭/୩ (ନି.ପ୍ର): କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ର ସ୍ଥାନୀୟ ଆଇ ଟି ଆଇ ଛକରେ ଥିବା ଇନଡୋର୍ ଷ୍ଟାଡିୟମ ଠାରେ ପାଳନ କରାଯାଉ ଅଛି। ଏହି ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବ ତା. ୦୬.୦୩.୨୦୨୬ ରିଖ ଠାରୁ ଆରମ୍ଭ ହୋଇ ତା. ୦୮.୦୩.୨୦୨୬ ରେ ସମାପନ ହେବ । ଯାହାର ପ୍ରସଙ୍ଗ 'ଶକ୍ତି ସ୍ୱରିପିଣୀ', 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଏବଂ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ରହିଅଛି। ଆଜି ଦ୍ୱିତୀୟ ଦିନର କାର୍ଯ୍ୟକ୍ରମର ପ୍ରସଙ୍ଗ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଜିଲ୍ଲା ପରିଷଦ ଡ. ମଧୁସ୍ମିତା ସାମନ୍ତରାୟ, ଉପ ଜିଲ୍ଲାପାଳ ନୀଳଗିରି ଶ୍ରୀମତୀ ସୁଭଶ୍ରୀ ରଥ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଶାରୀରିକ ଶିକ୍ଷା ନିରୀକ୍ଷକ, ବାଲେଶ୍ୱର ଶ୍ରୀ ଚନ୍ଦ୍ରକାନ୍ତ ଘଡେଇ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ସଶକ୍ତ ରାଷ୍ଟ୍ର ନିର୍ମାଣ କରିବାରେ ନାରୀ ଶକ୍ତିର ଭୂମିକା ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବ ରେ ବିଭିନ୍ନ ବର୍ଗର ୩୫୦ ରୁ ଉର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ । ଏହି ପରିପ୍ରେକ୍ଷିରେ ଏକ ଆତ୍ମରକ୍ଷା ପ୍ରଦର୍ଶନ ଓ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ନିରାପତ୍ତା ଓ ନେତୃତ୍ୱ ଉପରେ ସଚେତନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହା ସହ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ କୀର୍ତି ଅର୍ଜନ କରିଥିବା ଦୃଷ୍ଟି ବାଧିତ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ଆସନ୍ତା କାଲି ହେବାକୁ ଥିବା 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିବେଦନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେମୁଣାରେ ପର୍ଯ୍ୟଟନ ବଳୟ ଗଠନ ପାଇଁ ପ୍ରସ୍ତୁତି

## ପୀଠସ୍ଥଳୀ ପରିଦର୍ଶନ କଲେ ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନିକ ଅଧିକାରୀ



ରେମୁଣା, ୦୭/୩ (ନି.ପ୍ର): ରେମୁଣାର ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀ ଯୁକ୍ତ ବିଭିନ୍ନ ପୀଠସ୍ଥଳୀକୁ ନେଇ ଏକ ପର୍ଯ୍ୟଟନ ବଳୟ ଗଠନ ନିମନ୍ତେ ହୋଇଥିବା ପ୍ରୟାସ ଆଜି ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି । ଆଜି ସାଂସଦ, ବିଧାୟକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଦୀର୍ଘ ୫ ଘଂଟାରୁ ଅଧିକ ସମୟ ଧରି ରେମୁଣାର ସେହିସବୁ ପିଠସ୍ଥଳୀ ପରିବର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥି ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପର ବ୍ୟୟ ଅଟକଳ କରାଯିବା ପରେ ଏହି ପ୍ରକଳ୍ପର ଅର୍ଥ ମଞ୍ଜୁର ପାଇଁ ପ୍ରେରିତ କରାଯିବ। ଆଜି ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଡ଼ିଓ ସଞ୍ଜୟ କୁମାର ରାଉତ ଙ୍କ ସମେତ ଆଇଜି, ପିଡବ୍ଲୁଡି, ପର୍ଯ୍ୟଟନ, ବନ ବିଭାଗ, ଜଳ ସମ୍ପଦ, ଡ୍ରେନେଜ ବିଭାଗ ଅଧିକାରୀ, ରେମୁଣା ତହସିଲଦାର ଏବଂ ରେମୁଣା ବିଡିଓ ପ୍ରମୁଖ ସୋନ-ଗଙ୍ଗାହର-ବୁଢ଼ାବଳଙ୍ଗ ତିନି ନଦୀର ସଙ୍ଗମସ୍ଥଳ ତ୍ରିବେଣୀ, କ୍ଷୀରଚୋରା ଗୋପୀନାଥ ମନ୍ଦିର, ଗାର୍ଗେଶ୍ୱର ଶିବ ମନ୍ଦିର, ସପ୍ତଶରା ନଦୀ, ରାମଚଣ୍ଡୀ ମନ୍ଦିର, ପଣ୍ଡିତ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ, ବ୍ଲକ ପୋଖରୀ, କୂଟ ପୋଖରୀ, କନକଦୂର୍ଗା ମନ୍ଦିର, ହାତପାଦ ଥିବା ଜଗନ୍ନାଥ ମନ୍ଦିର, ଶ୍ରୀଧରସ୍ୱାମୀଙ୍କ ସ୍ମୃତି ମନ୍ଦିର, କଙ୍କାଳୀମଠ, ଦୁର୍ଗାଦେବୀ ଜଗନ୍ନାଥ ମନ୍ଦିର ଏବଂ ଭୀମେଶ୍ୱର ଶୈବପୀଠ ପ୍ରମୁଖ ପୀଠ ପରିଦର୍ଶନ କରିଥିଲେ । ଏହି ସ୍ଥାନ ମାନଙ୍କରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ପରିଦର୍ଶନକାରୀ ଅତିଥିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରିଦର୍ଶନ ପରେ ବାଲଗୋପାଳପୁର ସ୍ଥିତ ଇମାମି ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ସବୁ ପୀଠସ୍ଥଳୀ ଗୁଡ଼ିକୁ ସଂଯୋଗ କରାଯାଇ ଏକ ପର୍ଯ୍ୟଟନ ବଳୟ ଗଠନ କରାଯିବ । ଯାହାଦ୍ୱାରା ସାଂସ୍କୃତିକ ଐତିହ୍ୟ ବଜାୟ ରହିବା ସହିତ ପର୍ଯ୍ୟଟନ ଶିଳ୍ପର ବିକାଶ ଏବଂ ସାଂସ୍କୃତିକ ଐତିହ୍ୟକୁ ଆଗକୁ ଆଣିବାର ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦୟାନନ୍ଦ ଦାସ, ଶିଳ୍ପୀ କେଶୁ ଦାସ, ନିରଞ୍ଜନ ଗିରି, ରମାକାନ୍ତ ପଣ୍ଡା, ଜୟନ୍ତ ମଣ୍ଡଳ, ହରେକୃଷ୍ଣ ଗରି, ଗିରିଧାରୀ ଦାସ, ମୟାଧର ପ୍ରଧାନ, ସରୋଜ କୁମାର ବେହେରା, ପ୍ରମୋଦ କୁମାର ଦାସ, ଉପେନ୍ଦ୍ର ନାଥ ପୁହାଣ, ଜୟକୃଷ୍ଣ ସାହୁ, ପ୍ରଦୀପ କୁମାର ଜେନା, ଦିଲ୍ଲୀପ କୁମାର ଦେ, ଉମେଶ ଚନ୍ଦ୍ର ମଣ୍ଡଳ, ଚିତରଞ୍ଜନ ବେହେରା, ତାପସ କୁମାର ରଥ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କାମେଶ୍ୱର ମହାଦେବ କ୍ଲବ ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ

ବାସୁଦେବପୁର: ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନୋବା ନଗର ପଞ୍ଚାୟତରେ କାମେଶ୍ୱର ମହାଦେବ କ୍ଲବ ପକ୍ଷରୁ ଅଷ୍ଟମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତି ମନୋରଞ୍ଜନ ଖଟୁଆ,ସମ୍ପାଦକ ଯୋଗା ନନ୍ଦ ବେରା, ସଦସ୍ୟ ସୁକୁମାର ବେରା , ଅଜିତ ମାଇତି, ସୁବ୍ରତ ପ୍ରାମାଣିକ, ମଣ୍ଟୁ ବେରା,ଜଗନ୍ନାଥ ବେରା, ଗଣେଶ ଖଟୁଆ, ଦେବାଶିଷ ଖଟୁଆ, ବିଜେପି ଚାନ୍ଦିମାଳ ମଣ୍ଡଳ ସଭାପତି ଜଗବନ୍ଧୁ ମଲ୍ଲିକ, ବିନୋବା ନଗର ପଞ୍ଚାୟତ ପ୍ରମୁଖ ସଞ୍ଜୀବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ କଳସ ଶୋଭାଯାତ୍ରା, ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ପୂଜା ପାଠ, ଭଜନ କୀର୍ତ୍ତନ, ନାମ ସଙ୍କୀର୍ତ୍ତନ, ନାମ ଯଜ୍ଞ ପ୍ରଭୃତି



ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ ତଥା ଗ୍ରାମବାସୀ ମାନେ ଏହି ଉତ୍ସବରେ ସହଯୋଗ କରିଥିଲେ। ହଜାର ହଜାର ଭକ୍ତ ମନ ଆନନ୍ଦରେ ପ୍ରସାଦ ସେବନ କରିଥିଲେ। ପ୍ରତି ବର୍ଷ ଏହି ଉତ୍ସବ ଖୁବ ସୁନ୍ଦର ଭାବରେ ପାଳନ ହୋଇ ଆସୁଛି।

# ଭାଲୁ ଆକ୍ରମଣରେ ଯୁବକ ଆହତ

ନୀଳଗିରି , ୦୭/୩ (ନି.ପ୍ର): ଶୌଚହେବାକୁ ଯାଉଥିବା ଜଣେ ଯୁବକଙ୍କୁ ଭାଲୁଆକ୍ରମଣ କରିବାରୁ ଯୁବକ ଜଣକ ଗୁରୁତରହୋଇ ବାଲେଶ୍ୱର ମେଡିକାଲକଲେଜରେ ଚିକିତ୍ସିତ ହେଉଥିବା ଜଣାପଡିଛି। ନରଣପୁର ପଞ୍ଚାୟତ ଭୁଲାପଡିଆ ଗ୍ରାମର ବନମାଳୀ ସିଂଙ୍କ ପୁଅ ବୁଦ୍ଧିରାମ ସିଂ(୩୧) ନିକଟସ୍ଥ ନକୁଳକୁଅଁର ପୋଖରୀ ନିକଟସ୍ଥ ଜଙ୍ଗଲକୁ ଅନ୍ୟଜଣେ ସାଙ୍ଗଙ୍କ ସହିତ ଶୌଚହେବାକୁ ଯାଇଥିବା ବେଳେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ଏକ ଭାଲୁ କାମୁଡିଦେବା ଫଳରେ ତାଙ୍କର ଜଙ୍ଘରେ ଗଭୀର କ୍ଷତ ହୋଇଥିଲା। ଚିତ୍କାର କରିବାରୁ ସ୍ଥାନୀୟଲୋକ ଉଦ୍ଧାରକରି ପ୍ରଥମେ ନୀଳଗିରି ଏବଂ ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ରେଫର୍ କରାଯାଇଥିବା ସୂଚନା ମିଳିଛି।

# ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ: ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ, ୦୭/୩ (ନି.ପ୍ର): ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଆଜି ଭଦ୍ରକ ଜିଲ୍ଲାର ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମଞ୍ଚକୁ ଅତିଥିମାନଙ୍କୁ ଆମନ୍ତ୍ରଣ ପରେ ଦୀପ ପ୍ରଜ୍ୱଳନ କରାଯାଇ ଅନୁଷ୍ଠାନର ଶୁଭାରମ୍ଭ ହୋଇଥିଲାଏହି ଅବସରରେ ଭଦ୍ରକ ଜିଲ୍ଲାପାଳ ଶ୍ରୀ ଦିଲୀପ କୁମାର ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ ଉପସ୍ଥିତ ଥିଲେ। ୬/୦୩/୨୦୨୬ ରୁ ଆରମ୍ଭ ହୋଇଥିବା ଉକ୍ତ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍ବୋଧନ ଦେଇ ଜିଲ୍ଲାପାଳ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ହେବ ଏବଂ ଏହା ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ ଭାବରେ ପ୍ରୟୋଗ କରିପାରିବେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ ,ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ଼. ରବିନାରାୟଣ ପଣ୍ଡା, ସହକାରୀ ପ୍ରାଧ୍ୟାପକ ଡ଼. ରମେଶ ଚନ୍ଦ୍ର ମଲ୍ଲିକ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଶ୍ରୀ ମନୋରଂଜନ ପାଣିଗ୍ରାହୀ , ଅବସରପ୍ରାପ୍ତ ବରିଷ୍ଠ ଲେଖା ଅଧିକାରୀ, ମହାଲେଖାପାଳ (ଇ.ଏ.), ଓଡିଶା, ପ୍ରମୁଖ ଅତିଥିମାନେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନଥି କିପରି ସଠିକ୍ ଭାବେ ପ୍ରସ୍ତୁତ ଓ ଉପସ୍ଥାପନା କରିବେ, ସେ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେଅତିଥିମାନେ ତାଙ୍କ ଉଦ୍ବୋଧନରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ସରକାରୀ ଦଲିଲ, ନୋଟ୍‌ଶିଟ୍ ଓ ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ।

# ଧାନ ବୋଝେଇ ଗାଡ଼ି ଅଟକାଇ ଥାନାକୁ ହସ୍ତାନ୍ତର କଲେ ଚାଷୀ

ବସ୍ତା , ୦୭/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିସି ସେବା ସମବାୟ ସମିତି ଅଧିନରେ ଥିବା ବରଡ଼ା ଗ୍ରାମରୁ ଏକ ୧୦ ଚକିଆ ଟ୍ରକ ରେ ୩୦୦ କୁଇଣ୍ଟାଲରୁ ଅଧିକ ଧାନ ବୋଝେଇ କରି ଜଗନ୍ନାଥ ମିଲକୁ ଯାଉଥିବାବେଳେ କୋଠିଆ ଗ୍ରାମ ନିକଟରେ ଅଟକାଇଥିଲେ ଶତାଧିକ ଚାଷୀ, ଅଭିଯୋଗ ଅନୁସାରେ ମୁକୁଳିସି ସେବା ସମବାୟ ସମିତିରୁ ଚାଷୀଙ୍କ ଠାରୁ କମ୍ ଧାନ କିଣି ବ୍ୟବସାୟୀଙ୍କ ଠାରୁ ଚୋରାରେ ଧାନ କିଣୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା, ତେବେ ଆଜି ସକାଳେ ଏହି ଟ୍ରକ ରେ ଅଖା ବ୍ୟାଗ୍‌ରେ ଧାନ ବୋଝେଇ ହେଉଥିବା ବେଳେ ଚାଷୀଙ୍କ ସନ୍ଦେହ ହେବାରୁ ଅଟକାଇଥିଲେ, ଚାଷୀଙ୍କ ଅଜାଣତରେ ବ୍ୟବସାୟୀଙ୍କ ଧାନ ସେବା ସମବାୟ ସମିତି ମାଧ୍ୟମରେ ମିଲକୁ ଯାଉଥିବା ଜଣାପଡିବା



ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ବ୍ୟବସାୟୀ ମାନେ ପଲିଥିନ ବ୍ୟାଗ୍ ରେ ଧାନ ନେଉଥିବା ବେଳେ କେବଳ ସୋସାଇଟି ଧାନ ଅଖା ବ୍ୟାଗ୍‌ରେ ମିଲକୁ ଯାଇଥାଏ। ତେବେ ବରଡ଼ା ଗ୍ରାମ ରୁ ଯାଉଥିବା ଧାନ ଅଖା ବୁରା ରେ ବୋଝେଇ ହୋଇଥିବା, ଏବଂ ଗାଡି ଡ୍ରାଇଭର ଉକ୍ତ ଧାନ ସୋସାଇଟି ଦ୍ୱାରା ମିଲକୁ ଯାଉଥିବା କହିବା ସହ ସୋସାଇଟିର କାର୍ଯ୍ୟରତ ଲେବର ମାନଙ୍କ ଦ୍ୱାରା ଧାନ ଲୋଡ଼ ହେବା ଘଟଣାକୁ ସନ୍ଦେହ କରି ଚାଷୀ ମାନେ ଗାଡି ଅଟକ କରିଥିବା ଜଣାପଡ଼ିଛି। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା, ପୋଲିସ ଘଟଣାର ସ୍ଥଳରେ ପହଞ୍ଚି ଗାଡ଼ିକୁ ଥାନାକୁ ଆଣି ଅଟକ ରଖିଥିବା ବେଳେ ଅପରାହ୍ନରେ ଖାଦ୍ୟ ସୁରକ୍ଷା ଅଧିକାରୀ ବରଡ଼ା ଗ୍ରାମ କୁ ଯାଇ ଘଟଣା ର ତଦନ୍ତ ଜାରି ରଖିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ମୁକୁଳୁଷି ସେବା ସମବାୟ ସମିତିରେ ଏପରି ଘଟଣା ପୂର୍ବ ରୁ ଘଟି ଆସିଥିବା ନଜିର ଥିବା ବେଳେ ଚାଷୀ ମାନେ ନିଜର ଧାନ ବିକ୍ରି କରିବାକୁ ବହୁ ସମୟ ରେ ହନ୍ତସନ୍ତ ହୋଇଆସୁଛନ୍ତି। ତେଣୁ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ ପୂର୍ବକ ଚାଷୀ ମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲ ରେ ଦାବି ହୋଇଛି।

# ବଳଭଦ୍ରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ଉଦଳା, ୦୭/୩ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ଗଢ଼ିଉଠିଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରଥମବାର୍ଷିକ ଉତ୍ସବ ଆନନ୍ଦଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଥିଲା । ଏହିଅବସରରେ ସାଧାରଣସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବିଜୟ ମିଶ୍ର ସାଧାରଣ ସଭାରେ ଅଧକ୍ଷତା କରି ଆଜକୁ ୧୧ ବର୍ଷ ତଳେ ଉକ୍ତ ବିଦ୍ୟାଳୟ ବଳଭଦ୍ରପୁର ଭଳି ଏକ ଉପାନ୍ତ ଅଂଚଳରେ କିପରି ଜନ୍ମ ନେଇଥିଲା ଓ ଘୋର ଅଭାବ ଅନାଟନ ମଧ୍ୟରେ ଦିନ ବିତାଇବା ସହ ଚଳିତ ବର୍ଷ ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିବାପାଇଁ କିପରି ସକ୍ଷମ ହୋଇପାରିଛି ଏହାର ଏକ ବିସ୍ତୃତ ଚିତ୍ର ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ବିନୋଦ କୁମାର ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ବଂଚି ରହିବା ପାଇଁ ଶିକ୍ଷା କିପରି ଅତ୍ୟାବଶ୍ୟକରେ ପରିଣତ ହୋଇଛି ବ୍ୟକ୍ତ କରିଥିଲେ । ଏହାପରେ ପ୍ରଧାନ ଆଚାର୍ଯ୍ୟ ରାବଣେଶ୍ୱର ନାୟକ ବିବରଣି ପାଠ କରିଥିଲେ । ପରେ ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସଂପାଦକ ଯୋଗେଶ୍ୱର ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଦେଶ ଗଠନରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା ସୁଶାନ୍ତି ସିଂ, କୁଣ୍ଡାବାଇ ପଂଚାୟତ ସଦସ୍ୟା ସୀତା ବାସ୍କେଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ପ୍ରତିଷ୍ଠାତା ବିଜୟ ମିଶ୍ରଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ସଂଜୟ ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




ବାରିପଦା, ୦୭/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପକ୍ଷରୁ ବାରିପଦା ସ୍ଥିତ ଛଉ ପଡ଼ିଆ ଠାରେ ଆଜିଠାରୁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି। ଦୀର୍ଘ ପାଞ୍ଚ ଦିନ ଧରି ଆତ୍ୟାଧୁନିକ କୃଷି ଜନ୍ତ୍ରପାତି ପ୍ରଦର୍ଶନ ସହିତ ଓ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବାକୁ ସରକାରଙ୍କ ପ୍ରୋତ୍ସାହନ ପ୍ରତିଫଳିତ ହେଉଛି। ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଚାଷୀମାନେ ଅବଗତ ହୋଇ ଲାଭାନ୍ୱିତ ହେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ବିଧାୟକ ରାଇରଙ୍ଗପୁର ଜଲେନ୍ ନାଏକ ମହୋଦୟ ଯୋଗଦେଇ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରି ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ ଥିବା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ବଡସାହି, ସନାତନ ବିଜୁଳି ମହୋଦୟ, ବିଧାୟିକା ବାଙ୍ଗିରିପୋଷି, ସୁଶ୍ରୀ ସଞ୍ଜାଳୀ ମୁର୍ମୁ , ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ , ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଅଧିକାରୀ,ଲୋକନାଥ ମିଶ୍ର , ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ କୃଷି ଜନ୍ତ୍ରପାତି ପାଇଁ ସରକାରଙ୍କ ସବସିଡ଼ି ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ସହିତ ଉନ୍ନତ ଚାଷ ପାଇଁ ଚାଷୀଙ୍କୁ ସର୍ବଦା ସହାୟତା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ମିଶ୍ରିତ ଫସଲ ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ ଉପଯୋଗ ଓ ପରିଚଳନା, ଉନ୍ନତ ମାନର ଯାନ୍ତ୍ରିକ ସୁବିଧା ଓ ସୁଯୋଗ ନେବା ପାଇଁ ଚାଷୀଙ୍କୁ ମଧ୍ୟ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏହି ମେଳା ଦ୍ୱାରା ଚାଷୀମାନେ ଢେର ଜ୍ଞାନ ଅର୍ଜନ କରିଥିବା କହିବା ସହିତ କୃଷିର ବିକାଶ ପାଇଁ ଏଭଳି ମେଳା ହେବା ଏବଂ ଏହା ମାଧ୍ୟମରେ କୃଷକଙ୍କୁ ସଚେତନ କରାଯିବା ଆବଶ୍ୟକ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି କୃଷି ଯନ୍ତ୍ରପାତି ମେଳାରେ ୧୧୪ ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି । ସରକାରଙ୍କ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ସମୟ ଓ ଶ୍ରମିକ ଅଭାବାକୁ ଏଡାଇବାକୁ ଏବଂ କୃଷକଙ୍କୁ ଅଧିକ ସଫଳ କରାଇବା ସରକାରଙ୍କ ଏକ ବଡ ପ୍ରୟାସ ।

# ସାମ୍ବାଦିକ ହତ୍ୟାକାଣ୍ଡରେ ଡେରାମୁଖୀ ରାମ ରହିମ ମୁକ୍ତ: ପଂଜାବ-ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି

ଚଣ୍ଡିଗଡ, ୦୭/୩ (ନି.ପ୍ର): ପଞ୍ଜାବ-ହରିୟାଣା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଗୁରୁମିତ ରାମ ରହିମ ସିଂହକୁ ସାମ୍ବାଦିକ ହତ୍ୟା ମାମଲାରେ ମୁକ୍ତ କରିଛନ୍ତି। ଏହି ରାୟ ଶନିବାର ସକାଳେ ପଂଜାବ-ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ସିଲା ନାଗୁ ଓ ବିଚାରପତି ବୀରେନ୍ଦ୍ର ଅଗ୍ରୱାଲଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଦେଇଛନ୍ତି। ଏହି ରାୟ ସିବିଆଇ କୋର୍ଟ ଦ୍ୱାରା ପ୍ରାୟ ସାତ ବର୍ଷ ପୂର୍ବରୁ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ପରେ ଆସିଛି। ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ୨୦୦୨ ମସିହାରେ ହୋଇଥିଲା। ଦୀର୍ଘ ତଦନ୍ତ ପରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇ ଗୁରୁମିତ ରାମ ରହିମ ସିଂହ ଓ ଅନ୍ୟମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲା। ବର୍ତ୍ତମାନ ଗୁରୁମିତ ରାମ ରହିମ ସିଂହଅନ୍ୟାନ୍ୟ ମାମଲାରେ କାରାଦଣ୍ଡ ଭୋଗୁଛନ୍ତି, ଯେଉଁଥିରେ ଦୁଷ୍କର୍ମ ଓ ଅନ୍ୟାନ୍ୟ ଅପରାଧ ସମ୍ପର୍କିତ ଅଭିଯୋଗ ରହିଛି। ହାଇକୋର୍ଟର ଏହି ନୂତନ ରାୟ ଦୀର୍ଘ ସମୟ ଧରି ଚାଲୁଥିବା ଛତ୍ରପତି ହତ୍ୟା ମାମଲାରେ ଏକ ବଡ଼ ଆଇନଗତ ପରିବର୍ତ୍ତନ ଭାବେ ଦେଖାଯାଉଛି। ସିବିଆଇ ତଦନ୍ତ ପରେ ୨୦୧୯ ମସିହାରେ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ରାମଚନ୍ଦ୍ର ଛତ୍ରପତି ସିର୍ସାରୁ ଏକ ସମ୍ବାଦପତ୍ର ପ୍ରକାଶ କରୁଥିଲେ। ସେ ଡେରା ସଚ୍ଚା ସୌଦା ସହ ଜଡିତ ଅନେକ ଖବରକୁ ଗୁରୁତ୍ୱ ସହ ଉଠାଇଥିଲେ। ସାଧ୍ୱୀ ଯୌନ ଶୋଷଣ ମାମଲା ସମ୍ପର୍କିତ ଖବର ସେ ସବୁଠାରୁ ପ୍ରଥମେ ନିଜ ଲୋକାଲ୍ ସମ୍ବାଦପତ୍ରରେ ପ୍ରକାଶ କରିଥିଲେ। ଏହା ପରେ କିଛି ସମୟ ମଧ୍ୟରେ ତାଙ୍କ ହତ୍ୟା କରାଯାଇଥିଲା। ଶନିବାର ହାଇକୋର୍ଟ ଏହି ମାମଲାରେ ଗୁରୁମିତ ରାମ ରହିମ ସିଂହକୁ ମୁକ୍ତ କରିଥିବାବେଳେ ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ ସିଂ, ନିର୍ମଳ ସିଂ, କ୍ରିଷ୍ଣ ଲାଲଙ୍କ ଅପିଲ୍ ଖାରଜ କରି ତାଙ୍କ ଦଣ୍ଡାଦେଶ ବଳବତ୍ତର ରଖିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida